ଧରିତ୍ରୀ
DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୯/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, December 29/2023 | Page 16 | ₹ 7.00 | RAYAGADA
୫୦ଶ ଭାଗ ୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 36 | ମୂଲ୍ୟ ₹୭/-



**ଡିନ୍ ଏଲ୍‌ଗାର ପ୍ଲେୟର ଅଫ୍ ଦି ମ୍ୟାଚ**

ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଡିନ୍ ଏଲ୍‌ଗାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୪

୦୫

**୬ ଦିନରେ 'ସାଲାର'ର ୫୦୦ କୋଟି ଆୟ**

ପ୍ରଭାସଙ୍କ ଅଭିନୀତ ଫିଲ୍ମ 'ସାଲାର' ମୁକ୍ତିଲାଭର ୬ ଦିନରେ ୫ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରି ରେକର୍ଡ କରିଛି।



# ମୃତ୍ୟୁଦଣ୍ଡ କୋହଳ

## ୮ ପୂର୍ବତନ ଭାରତୀୟ ନୌସେନା ଅଧିକାରୀଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୮।୧୨(ପି.ଟି.)

ଗୁପ୍ତଚରଗିରି ଅଭିଯୋଗରେ ୨୦୨୨ ଅଗଷ୍ଟରେ ଗିରଫ ହୋଇଥିବା ଭାରତର ୮ ଜଣ ପୂର୍ବତନ ନୌସେନା ଅଧିକାରୀଙ୍କ ମୃତ୍ୟୁଦଣ୍ଡାଦେଶକୁ କାତାରର ଏକ ଆପିଲେଟ୍ କୋର୍ଟ କୋହଳ କରିଛନ୍ତି। ଫଳରେ ନୌସେନା ଅଧିକାରୀମାନଙ୍କୁ ଆଶ୍ୱସ୍ତି ମିଳିଛି। ଡାହରା ଗ୍ଲୋବାଲ ମାମଲାରେ ଆପିଲେଟ୍ କୋର୍ଟ ଗୁରୁବାର ଦଣ୍ଡାଦେଶ କୋହଳ କରିଥିବା ଭାରତ ସରକାରଙ୍କ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଦୁବାଇରେ ଅନୁଷ୍ଠିତ କପ୍‌୨୮ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାତାର ଅମିର୍ ଶେଖ୍ ତମିମ୍ ବିନ୍ ହମାଦ ଅଲ୍-ଥାନିଙ୍କୁ ଭେଟିଥିଲେ। ଏହାର କିଛି ସପ୍ତାହ ପରେ ସେଠାକାର ଅଦାଲତ ଦଣ୍ଡ କୋହଳ କରିଥିବାରୁ ଏହା ଭାରତର ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି। ସେଠାରେ ଥିବା ଭାରତୀୟମାନଙ୍କ ସ୍ୱାଚ୍ଛନ୍ଦ୍ୟ ସମ୍ପର୍କରେ ଡିସେମ୍ବର ୧ରେ କାତାର ଅମିର୍‌ଙ୍କ ସହ ଆଲୋଚନା ହୋଇଥିଲା ବୋଲି ମୋଦି କହିଥିଲେ।

ଦୋହାସ୍ଥିତ ଅଲ୍ ଡାହରା ଗ୍ଲୋବାଲ ଟେକ୍‌ନୋଲୋଜିରେ ଭାରତର ୮ ଜଣ ପୂର୍ବତନ ନୌସେନା ଅଧିକାରୀ କାମ କରୁଥିବାବେଳେ ଗତବର୍ଷ ଅଗଷ୍ଟରେ ସେମାନଙ୍କୁ ଗିରଫ କରାଯାଇଥିଲା। ତେବେ ସେମାନଙ୍କ ବିରୋଧରେ କ'ଣ ଅଭିଯୋଗ ରହିଛି, ତାହା ସାଧାରଣରେ ପ୍ରକାଶ କରାଯାଇ ନ ଥିଲା। ଗତ ଅକ୍ଟୋବରରେ କାତାରର କୋର୍ଟ ଅଫ୍ ଫାଷ୍ଟ ଇନ୍‌ଷ୍ଟାନ୍ସ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଏହା ବିରୋଧରେ ଭାରତ ସରକାର ଗତ ମାସରେ କାତାରର କୋର୍ଟ ଅଫ୍ ଅପିଲ୍‌ରେ ଆବେଦନ କରିଥିଲେ। ଗୁରୁବାର ଶୁଣାଣି ବେଳେ କାତାରରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଓ ଅନ୍ୟ ଅଧିକାରୀଙ୍କ ସମେତ ନୌସେନା ଅଧିକାରୀଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସବିଶେଷ ରାୟ ଆସି ନ ଥିବାବେଳେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ସେ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ଲିଗାଲ ଟିମ୍ ସହ ଯୋଗାଯୋଗରେ ରହିଛି। ମାମଲାର ବିଚାରରେ ଗୋପନୀୟତା ତଥା ସମ୍ବେଦନଶୀଳତା ଦୃଷ୍ଟିରୁ ବର୍ତ୍ତମାନ ସ୍ଥିତିରେ ଅଧିକ ସୂଚନା ଦେବାକୁ ମନ୍ତ୍ରଣାଳୟ ମନା କରିଦେଇଛି। ପୂର୍ବତନ ନୌସେନା ଅଧିକାରୀଙ୍କ ମଧ୍ୟରେ କ୍ୟାପ୍ଟେନ୍ ନଭତେଜ ଗିଲ୍, କ୍ୟାପ୍ଟେନ୍ ସୌରଭ ବଶିଷ୍ଠ, କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, ଅମିତ ନାଗପାଲ, ଏସ୍.କେ. ଗୁପ୍ତା, ବି.କେ. ବର୍ମା, ସୁଗୁଣାକାର ପକାଲ ଏବଂ ନାବିକ ରାଗେଶ କାତାର ଜେଲରେ ରହିଛନ୍ତି।

# ଭୁବନେଶ୍ୱର, ସତ୍ୟବାଦୀରେ ଏନ୍‌କାଉଣ୍ଟର





ଭୁବନେଶ୍ୱର/ସାକ୍ଷୀଗୋପାଳ,୨୮।୧୨
(ସତ୍ୟଜିତ୍ ରାଉତ/ କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ/ ଭରତ ରାଉତ)

## ରଘୁ, କାଳୁଙ୍କ ନାମରେ ରହିଛି ଏକାଧିକ ମାମଲା

ନୂଆବର୍ଷ ପୂର୍ବରୁ ପୋଲିସ ଏବଂ ଅପରାଧୀ ମୁହାଁମୁହିଁ ହୋଇଛନ୍ତି। ବିଭିନ୍ନ ଅପରାଧରେ ସମ୍ପୃକ୍ତ ୨ ଅପରାଧୀଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି। ଭୁବନେଶ୍ୱର କମିଶନରେଟ ପୋଲିସ ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଅପରାଧୀ ରଘୁ ବିଶ୍ୱାଳଙ୍କୁ ଏନ୍‌କାଉଣ୍ଟର କରିଥିବା ବେଳେ ତାଙ୍କ ସହଯୋଗୀ ପୁନିଆ ପୋଲିସ କବଳରୁ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ପୁରୀ ସତ୍ୟବାଦୀ ଥାନା ପୋଲିସ ଅପରାଧୀ କାଳୁ ଭୋଳଙ୍କୁ ସୁଆଣ୍ଡୋ ଗ୍ରାମ ବ୍ରିଜ୍ ନିକଟରେ ଏନ୍‌କାଉଣ୍ଟର କରିଛି। ଉଭୟ ଅଭିଯୁକ୍ତଙ୍କୁ ଯଥାକ୍ରମେ କଟକ ଏସ୍‌ସିବି ଏବଂ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ରାସ୍ତାରେ ଗୁରୁବାର ଭୋର ପ୍ରାୟ ୩ଟା ବେଳେ ଅଭିଯୁକ୍ତ ରଘୁ ଏବଂ ପୁନିଆ ଅପରାଧ ଘଟାଇବାକୁ ଚେଷ୍ଟା କରୁଥିବା ଖବର ପାଇ ପୋଲିସ ଟିମ୍ ସେଠାକୁ ଯାଇଥିଲା। ଅପରାଧୀଦ୍ୱୟ ଧରାପଡ଼ିଯିବା ଭୟରେ ପୋଲିସକୁ ଗୁଳିମାଡ଼ କରିଥିଲେ। ଫଳରେ ମଞ୍ଚେଶ୍ୱର ପୋଲିସ ଟିମ୍ ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ପାଲଟା ଗୁଳିମାଡ଼ କରିଥିଲା। ଗୁଳିମାଡ଼ରେ ରଘୁ ଆହତ ହୋଇଥିବା ବେଳେ ପୁନିଆ ବର୍ତ୍ତି ଯାଇଥିଲେ। ରଘୁଙ୍କ ବାମ ଗୋଡ଼ରେ ଗୁଳି ବାଜିଛି। ଆହତ ଅବସ୍ଥାରେ ପ୍ରଥମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରଘୁଙ୍କୁ କଟକ ଏସ୍‌ସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଏକ ନମ୍ବର ବିହୀନ କେଟିଏମ୍ ବାଇକ୍, ଏକ ୭.୬୫ ପିସ୍ତଲ୍, ୫ ଖୋକା ଜବତ କରିଛି। ଏହି ଘଟଣା ସଂକ୍ରାନ୍ତରେ ମଞ୍ଚେଶ୍ୱର ଥାନାରେ ଆର୍ମସ ଆକ୍ଟ ସହ ଆଇପିସି ଦଫା ୩୦୭, ୩୫୩, ୫୦୬, ୩୪ରେ ଏକ ମାମଲା (ନଂ.୫୩୯/୨୦୨୩) ରୁଜୁ କରାଯାଇଛି। ରଘୁଙ୍କ ନାମରେ ଚନ୍ଦ୍ରଶେଖରପୁର, ଶହୀନଗର, ନୟାପଲ୍ଲୀ ଆଦି ବିଭିନ୍ନ ଥାନାରେ ଲୁଟ୍, ଡକାୟତି, ଆଦି ୧୦ରୁ ଉର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ରଘୁଙ୍କ ଘର ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମରେ ହୋଇଥିବା ବେଳେ ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆସାହିରେ ରହୁଥିଲେ। ସେ ପୂର୍ବରୁ ଏକାଧିକ ଥର ଜେଲ ଯାଇ ଜାମିନରେ ଆସିବା ପରେ ପୁନିଆଙ୍କ ସହ ମିଶି ସମାନ ଅପରାଧ ଘଟାଉଥିଲେ। ତେବେ ରଘୁ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି।

ଅନ୍ୟ ଏକ ଘଟଣାରେ ପୁରୀ ଜିଲା ସଦର ଅଞ୍ଚଳର ବଟଗାଁର କାଳୁ ଭୋଳ ସତ୍ୟବାଦୀର ସୁଆଣ୍ଡୋ ଗ୍ରାମ ବ୍ରିଜ୍ ନିକଟରେ ଥିବା ସାଗର ସ୍ନାନ ମେଳଣ ପଡ଼ିଆ ନିକଟରେ ମାରଣାସ୍ତ୍ର ଧରି ପୁରୀ ଓ ନିକଟବର୍ତ୍ତୀ ଅଞ୍ଚଳରେ ☞ ପୃଷ୍ଠା-୨

# ଆଉ ୩ କରୋନା ସଂକ୍ରମିତ ଚିହ୍ନଟ

## ରାଜ୍ୟରେ ଟେଷ୍ଟିଂ ବଢ଼ିଛି: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୮।୧୨(ବନ୍ଦନା ସେଠୀ)

ରାଜ୍ୟରେ କଡ଼ ଲେଉଟାଉଛି କରୋନା ମହାମାରୀ। ଗତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୩ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ୫ଜଣ ସକ୍ରିୟ ଆକ୍ରାନ୍ତ ଥିବାବେଳେ ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ମୋଟ୍ ସକ୍ରିୟଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ରାଜ୍ୟରେ ୨୪ ଘଣ୍ଟାରେ ୬୯୦ ଜଣଙ୍କର ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କ୍ରେଡିଟ୍ ରେଟିଂ ପ୍ରଭାବ**






## ସଂକ୍ଷେପରେ

### ଜାପାନ ଉପକୂଳରେ ୨ ଭୂକମ୍ପ

**ଟୋକିଓ,୨୮।୧୨:** ଜାପାନ ଉପକୂଳରେ ଗୁରୁବାର କ୍ରମାଗତ ୨ଟି ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ଯଥାକ୍ରମେ ୬.୫ ଏବଂ ୫.୦ ରହିଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ଭେ (ୟୁଏସ୍‌ଜିଏସ୍) ସୂଚନା ଦେଇଛି। ଦକ୍ଷିଣପୂର୍ବ ଉପକୂଳରେ ଅବସ୍ଥିତ କୁରିଲ ଆଇଲାଣ୍ଡରେ ରାତି ୨ଟା ୪୫ରେ ପ୍ରଥମ କମ୍ପନ ହୋଇଥିବାବେଳେ ରାତି ୩ଟା ୭ ମିନିଟ୍ ସମୟରେ ଦ୍ୱିତୀୟ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପ କେନ୍ଦ୍ରର ଗଭୀରତା ଯଥାକ୍ରମେ ୨୩.୮ କି.ମି. ଏବଂ ୪୦ କି.ମି. ଗଭୀରରେ ବୋଲି ୟୁଏସ୍‌ଜିଏସ୍ କହିଛି।

### କର୍ଣ୍ଣି ସେନା ମୁଖ୍ୟଙ୍କ ହତ୍ୟାକାରୀ ଘରେ ବୁଲ୍‌ଡୋଜର ବୁଲିଲା

**ଜୟପୁର,୨୮।୧୨:** ରାଷ୍ଟ୍ରୀୟ ରାଜପୁତ୍ କର୍ଣ୍ଣି ସେନା ଅଧ୍ୟକ୍ଷ ସୁଖଦେବ ସିଂ ଗୋଗାମେଡ଼ିଙ୍କୁ ଗୁଳିକରି ହତ୍ୟା କରିଥିବା ଅଭିଯୁକ୍ତ ରୋହିତ ରାଠୋରଙ୍କ ଜୟପୁରସ୍ଥିତ ଘର ଉପରେ ସରକାର ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରୋହିତଙ୍କ ଖଟିପୁରାସ୍ଥିତ ଘର ବେଆଇନ ଭାବେ ନିର୍ମାଣ ହୋଇଥିବା ଦର୍ଶାଇ ଜୟପୁର ବୃହତ୍ ମ୍ୟୁନିସିପାଲ କର୍ପୋରେଶନ ଗୁରୁବାର ଏହାକୁ ଭାଙ୍ଗିଦେଇଛନ୍ତି। ସୁଖଦେବଙ୍କୁ ଡିସେମ୍ବର ୫ରେ ତାଙ୍କ ବାସଭବନରେ ଗୁଳିକରି ହତ୍ୟା କରାଯାଇଥିଲା।

### ଆମେରିକାରେ ଦୁର୍ଘଟଣା: ୬ ଭାରତୀୟ ବଂଶୋଦ୍ଭବ ମୃତ

**ହ୍ୟୁଷ୍ଟନ,୨୮।୧୨:** ଆମେରିକାର ଟେକ୍ସାସ୍‌ରେ କାର୍ ଦୁର୍ଘଟଣାରେ ଏକ ଭାରତୀୟ ବଂଶୋଦ୍ଭବ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ପରିବାର ୱାଇଏସ୍‌ଆର୍‌ସି ବିଧାୟକ ପୋନ୍ନଡ ଭେଙ୍କଟ ସତୀଶକୁମାରଙ୍କ ସମ୍ପର୍କୀୟ। ଫର୍ଟ୍‌ୱର୍ଥ ନିକଟ ଜନ୍‌ସନ କାଉଣ୍ଟିଠାରେ ଗତ ମଙ୍ଗଳବାର ସେମାନଙ୍କ କାର୍‌କୁ ଏକ ପିକ୍‌ଅପ୍ ଟ୍ରକ୍ ଧକ୍କା ଦେଇଥିଲା। ଉକ୍ତ ପରିବାର ଜର୍ଜିଆରେ ରହୁଥିବାବେଳେ ଖ୍ରୀଷ୍ଟମାସ ଲାଗି ଟେକ୍ସାସ ଯାଇଥିଲେ।

## ଇଭିଏମ୍ ଜାଲିଆତି
# ରୋକା ନ ଗଲେ ଭାଜପା ୪୦୦ ଆସନ ଜିତିପାରେ
### ସାମ୍ ପିତ୍ରୋଡାଙ୍କ ଚେତାବନୀ




**ନୂଆଦିଲ୍ଲୀ,୨୮।୧୨**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ଜାଲିଆତିକୁ ନେଇ ବରିଷ୍ଠ କଂଗ୍ରେସ ନେତା ସାମ୍ ପିତ୍ରୋଡା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇଭିଏମ୍‌ରେ ହେଉଥିବା ଜାଲିଆତିର ଯଦି ସମାଧାନ କରା ନ ଯାଏ, ତେବେ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ୪୦୦ରୁ ଅଧିକ ଆସନ ଜିତିପାରେ ବୋଲି ସେ କହିଛନ୍ତି। କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳ ବାରମ୍ବାର ଇଭିଏମ୍ ଜାଲିଆତି ଅଭିଯୋଗ କରିଆସୁଛନ୍ତି। ଅନ୍ୟପକ୍ଷରେ ଇଭିଏମ୍ ଉପରେ ହେଉଥିବା ସଂଶୟକୁ ନିର୍ବାଚନ କମିଶନ ସବୁବେଳେ ଖଣ୍ଡନ କରୁଥିବାବେଳେ ସନ୍ଦେହ ଦୂର ପାଇଁ ହାକାଥନ୍‌ର ଆୟୋଜନ କରୁଛନ୍ତି। ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ କଂଗ୍ରେସ ୩ଟି ମୁଖ୍ୟ ରାଜ୍ୟରେ ପରାଜିତ ହେବା ପରେ ମଧ୍ୟ ଅଧିକାଂଶ ଇଭିଏମ୍ ଉପରେ ବିଶ୍ୱାସ ରଖିଛନ୍ତି। ତେବେ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ୧୦୦ ପ୍ରତିଶତ କରାଯାଉ ବୋଲି ଭାଜପା ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଛନ୍ତି। ସେହିପରି ଭିଭିପିଏଟି ସ୍ଲିପ୍‌ଗୁଡ଼ିକୁ ବାକ୍ସରେ ନ ପକାଇ, ତାହାକୁ ଭୋଟରଙ୍କୁ ଦିଆଯିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି।

ନିର୍ବାଚନ ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଣିପୁରରୁ ମୁମ୍ବାଇ ଭାରତ ନ୍ୟାୟ ଯାତ୍ରା କରିବାକୁ ଯାଉଛନ୍ତି। ଆସନ୍ତା ନିର୍ବାଚନ ଭାରତର ଭବିଷ୍ୟତ ନିର୍ଦ୍ଧାରଣ କରିବ। ଆମେ କେଉଁଭଳି ରାଷ୍ଟ୍ର ଗଠନ କରିବାକୁ ଚାହୁଁଛୁ ଏଥିରୁ ସ୍ପଷ୍ଟ ହେବ ବୋଲି ପିତ୍ରୋଡ଼ା କହିଛନ୍ତି। ଆପଣମାନେ ସବୁ ଧର୍ମକୁ ସମ୍ମାନ ଦେଉଥିବା ଆମ ସମ୍ବିଧାନ ଆଧାରରେ ରାଷ୍ଟ୍ର ଗଠନ କରିବାକୁ ଚାହୁଁଛନ୍ତି, ନା ଗୋଟିଏ ଧର୍ମ ଦ୍ୱାରା କବଳିତ ରାଷ୍ଟ୍ର ଗଠନ କରିବାକୁ ଚାହୁଁଛନ୍ତି ବୋଲି ପିତ୍ରୋଡ଼ା ପ୍ରଶ୍ନ କରିଛନ୍ତି।

# ରାମମନ୍ଦିର ପ୍ରବେଶ ପଥରେ ଲାଗିବ 'ଟାୟାର କିଲର୍ସ'



**ନୂଆଦିଲ୍ଲୀ,୨୮।୧୨**

ଅଯୋଧ୍ୟାର ରାମମନ୍ଦିର ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାର ସମସ୍ତ ପ୍ରବେଶ ପଥରେ ବୁମ୍ ବାରିୟର, ବଲାର୍ଡ ଏବଂ ସିସିଟିଭି କ୍ୟାମେରା ରହିବ। ବିନା ଅନୁମତିରେ ପ୍ରବେଶ କରୁଥିବା ଗାଡ଼ିଗୁଡ଼ିକୁ ରୋକିବା ଲାଗି ବୁମ୍ ବାରିୟର ବା ଟାୟାର କିଲର୍ସ ଲଗାଯିବ। କୌଣସି ଯାନ ଜନ୍ମଭୂମି ରାସ୍ତା ଅତିକ୍ରମ କରିବା କ୍ଷଣି ତାହାର ଭିତର ସ୍କାନ୍ ହୋଇଯିବ। ଅନୁମତି ନ ଥିବା କୌଣସି ଜିନିଷ ଉକ୍ତ ଗାଡ଼ିରେ ଥିଲେ, ତାକୁ ଅଟକାଯିବ। ଯଦି ଗାଡ଼ି ବୁମ୍ ବାରିୟରକୁ ଧକ୍କା ଦିଏ, ତେବେ ମାଟିତଳୁ ବଲାର୍ଡ ଓ ଟାୟାର କିଲର୍ସ ବାହାରି ଏହାକୁ ରୋକିବ।

### ୮୪ କୋଶ ଅଞ୍ଚଳ ମଦମୁକ୍ତ ହେବ

ଅଯୋଧ୍ୟାର ରାମ ଜନ୍ମଭୂମି ପରିସର ଚାରିପଟରେ ୮୪ କୋଶ ବ୍ୟାସାର୍ଦ୍ଧ ମଧ୍ୟରେ ମଦ ବିକ୍ରିକୁ ଉତ୍ତରପ୍ରଦେଶ ସରକାର ନିଷେଧ କରିଛନ୍ତି। ରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ପୂର୍ବରୁ ରାଜ୍ୟର ଅବକାରୀ ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ସହ ଗୁରୁବାର ବୈଠକ ପରେ ଅବକାରୀ ମନ୍ତ୍ରୀ ନୀତିନ ଅଗ୍ରୱାଲ ମଦ ନିଷେଧ ନେଇ ଘୋଷଣା କରିଛନ୍ତି। ୮୪ କୋଶି ପରିକ୍ରମା ମାର୍ଗକୁ ମଦ ନିଷେଧ ଅଞ୍ଚଳ ଘୋଷଣା କରାଯାଇଛି।

# ଅଭିନେତା ବିଜୟକାନ୍ତଙ୍କ ପରଲୋକ

**ଚେନ୍ନାଇ,୨୮।୧୨**



ତାମିଲ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ତଥା ରାଜନୈତିକ ଦଳ ଡିଏମ୍‌ଡିକେର ପ୍ରତିଷ୍ଠାତା ନେତା ବିଜୟକାନ୍ତଙ୍କର ଗୁରୁବାର ସକାଳେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ ପ୍ରେମଲଥା ଓ ଦୁଇପୁଅ ଶାନମୁଗ ପାଣ୍ଡିଆନ ଏବଂ ବିଜୟ ପ୍ରଭାକରନ୍ ରହିଛନ୍ତି। ବିଜୟକାନ୍ତ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହେବା ପରେ ଗତ ମଙ୍ଗଳବାର ହସ୍ପିଟାଲରେ ଭର୍ତ୍ତିହୋଇ ଭେଣ୍ଟିଲେଟରରେ ରହିଥିଲେ। ପୂର୍ବରୁ ସେ ଦୀର୍ଘ ଅସୁସ୍ଥତା କାରଣରୁ ଏକାଧିକ ଥର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୦୧୭ରେ ସେ ଚିକିତ୍ସା ପାଇଁ ଆମେରିକା ଯାଇ ସେଠାରେ ଅଙ୍ଗ ପ୍ରତିରୋପଣ କରିଥିଲେ। ଦୀର୍ଘଦିନ ମଧୁମେହରେ ପୀଡ଼ିତ ଥିବା ବିଜୟକାନ୍ତଙ୍କ ଗୋଡ଼ ଆଙ୍ଗୁଠିଗୁଡ଼ିକୁ ଗତବର୍ଷ ଜୁନ୍‌ରେ କାଟିଦିଆଯାଇଥିଲା। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ମଦୁରାଇରେ ଜନ୍ମିତ ବିଜୟକାନ୍ତ ଅଭିନେତା ରଜନୀକାନ୍ତ ଏବଂ କମଲ ହାସନଙ୍କ ସହ ତାମିଲ ଚଳଚ୍ଚିତ୍ର ଶିଳ୍ପରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ୧୦୦ତମ ଚଳଚ୍ଚିତ୍ର 'କ୍ୟାପ୍ଟେନ୍ ପ୍ରଭାକରନ୍'ରେ ଅଭିନୟ ପରେ ପ୍ରଶଂସକମାନେ ତାଙ୍କୁ ଆଦରରେ କ୍ୟାପଟେନ୍ ଡାକୁଥିଲେ। ୧୯୮୪ରେ ୧୮ଟି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରି ସେ ଇତିହାସ ରଚିଥିଲେ। ଲୋକପ୍ରିୟତା ହାସଲ ପରେ ବିଜୟକାନ୍ତ ୨୦୦୫ରେ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଥିଲେ। ସେ ତାଙ୍କର ଫ୍ୟାନ୍ କ୍ଲବ୍‌କୁ ଦେଶିୟା, ମୁର୍‌ପୋକ୍କୁ ଦ୍ରାବିଡ କାଝାଗମ୍ (ଡିଏମ୍‌ଡିକେ)ରେ ପରିଣତ କରିଥିଲେ। ୨୦୧୧ରେ ଜୟଲଳିତାଙ୍କ ଏଆଇଏଡିଏମ୍‌କେ ସହ ମେଣ୍ଟ କରି ଡିଏମ୍‌ଡିକେ ନିର୍ବାଚନୀ ରାଜନୀତିରେ ବେଶ୍ ସଫଳତା ପାଇଥିଲା। ୪୦ଟି ଆସନରେ ଲଢ଼ି ଡିଏମ୍‌ଡିକେ ୨୯ଟିରେ ବିଜୟୀ ହୋଇଥିଲା ଓ ବିଜୟକାନ୍ତ ବିରୋଧୀ ଦଳ ନେତା ହୋଇଥିଲେ। ୪ ଦଳୀୟ ପିପୁଲ୍ସ ୱେଲ୍‌ଫେୟାର ଫ୍ରଣ୍ଟରେ ସାମିଲ ହୋଇ ୨୦୧୬ ବିଧାନସଭା ନିର୍ବାଚନରେ ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଥିଲେ। ପରେ ଅସୁସ୍ଥତା କାରଣରୁ ସେ ସାଧାରଣ ଜୀବନରୁ ଦୂରେଇ ଯାଇଥିଲେ।

# ହାଫିଜ୍‌ଙ୍କ ପ୍ରତ୍ୟର୍ପଣ ଦାବିକଲା ଭାରତ



ହାଫିଜ୍ ସୟିଦ

**ନୂଆଦିଲ୍ଲୀ,୨୮।୧୨**

୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦଙ୍କୁ ହସ୍ତାନ୍ତର କରିବା ଲାଗି ଭାରତ ସରକାର ପାକିସ୍ତାନକୁ ନିବେଦନ କରିଛି। ତାଙ୍କୁ ଭାରତ ପ୍ରତ୍ୟର୍ପଣ କରାଗଲେ ସେ ଭାରତୀୟ ଆଇନ ଅନୁଯାୟୀ ବିଚାରର ସମ୍ମୁଖୀନ ହୋଇପାରିବେ। ଭାରତର ସରକାରଙ୍କ ଆନୁଷ୍ଠାନିକ ନିବେଦନକୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପାଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ୨୦୦୮ର ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ହାଫିଜ୍ ଭାରତର ମୋଷ୍ଟୱାଣ୍ଟେଡ୍ ଆତଙ୍କବାଦୀ ତାଲିକାରେ ରହିଛି। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ନିୟୁତ ଡଲାର ଦିଆଯିବ ବୋଲି ଆମେରିକା ଘୋଷଣା କରିଥିଲା।

# ପ୍ରିୟଙ୍କାଙ୍କ ବିରୋଧରେ ଇଡି ଚାର୍ଜଶିଟ୍

**ନୂଆଦିଲ୍ଲୀ,୨୮।୧୨(ପି.ଟି.)**



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରା ୨୦୦୫-୦୬ରେ ଏକ ରିଅଲ ଇଷ୍ଟେଟ୍ କମ୍ପାନୀଠାରୁ ହରିୟାଣାରେ ୩ଟି ପ୍ଲଟ୍ କିଣିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉକ୍ତ ସମ୍ପତ୍ତି କିଣାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବାବେଳେ ରବର୍ଟଙ୍କ ସ୍ତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ତଦନ୍ତରେ ପ୍ରଥମ ଥର ପାଇଁ ସାମିଲ କରାଯାଇଛି। ଇଡି ଚାର୍ଜଶିଟ୍‌ରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କ ନାଁ ରହିଛି।

ଗତ ନଭେମ୍ବରରେ ଇଡି ୟୁଏଇର ପ୍ରବାସୀ ଭାରତୀୟ ବ୍ୟବସାୟୀ ସି.ସି. ଥାମ୍ପିଙ୍କ ବିରୋଧରେ ଦିଲ୍ଲୀ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଥିଲା। ଥାମ୍ପିଙ୍କର ରବର୍ଟ ଭଦ୍ରା ଏବଂ ସୁମିତ ଚଡ୍ଢାଙ୍କ ସହ ସମ୍ପର୍କ ରହିଛି। ସୁମିତ୍ ହେଉଛନ୍ତି ମଧ୍ୟସ୍ଥ ସଞ୍ଜୟ ଭଣ୍ଡାରୀଙ୍କ ସମ୍ପର୍କୀୟ। ସେତେବେଳେ ଚାର୍ଜଶିଟ୍‌ରେ ରବର୍ଟ ଏବଂ ପ୍ରିୟଙ୍କାଙ୍କୁ ଅଭିଯୁକ୍ତ କରାଯାଇ ନ ଥିଲା। ପ୍ରଥମ ଥର ପାଇଁ କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ କଂଗ୍ରେସ ନେତ୍ରୀଙ୍କୁ ଅଭିଯୁକ୍ତ କରାଯାଇଛି। ଦିଲ୍ଲୀର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟ ଚାର୍ଜଶିଟ୍‌କୁ ଗ୍ରହଣ କରି ଜାନୁୟାରୀ ୨୯ରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଭଣ୍ଡାରୀ ୨୦୧୬ରେ ବ୍ରିଟେନ୍ ପଳାଇଥିଲେ। ଇଡି ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଆଇନଗତ ଅନୁରୋଧକ୍ରମେ ବ୍ରିଟିଶ ସରକାର ଗତ ଜାନୁୟାରୀରେ ଭଣ୍ଡାରୀଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ଅନୁମୋଦନ କରିଥିଲେ। ୨୦୧୫ରେ ୬୭ ବର୍ଷୀୟ ଥାମ୍ପିଙ୍କ ବିରୋଧରେ ବିଦେଶ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ)ରେ ମାମଲା ରୁଜୁ ହୋଇଥିବାବେଳେ ଭଦ୍ରା ଦମ୍ପତିଙ୍କ ସହ ଜମି କିଣାବିକା ହୋଇଥିବା ଇଡି ଚାର୍ଜଶିଟ୍‌ରେ ଦର୍ଶାଯାଇଛି। ପୂର୍ବରୁ ଇଡି ରବର୍ଟ ଭଦ୍ରାଙ୍କୁ ଏନେଇ ଜେରା କରିଥିଲା।

୨୦୦୫ରୁ ୨୦୦୮ ମଧ୍ୟରେ ଥାମ୍ପି ହରିୟାଣାର ଫରିଦାବାଦ ଜିଲା ଅମିରପୁର ଗ୍ରାମରେ ରିଅଲ ଇଷ୍ଟେଟ୍ ଏଜେଣ୍ଟ ଏଚ୍.ଏଲ୍. ପହୱାଙ୍କ ଜରିଆରେ ୪୮୬ ଏକର ଜମି କିଣିଥିଲେ। ରବର୍ଟ ମଧ୍ୟ ଉକ୍ତ ଗ୍ରାମରୁ ପହୱାଙ୍କ ଜରିଆରେ ୪୦.୦୮ ଏକର ଜମି କିଣି ୨୦୧୦ ଡିସେମ୍ବରରେ ଏହାକୁ ପହୱାଙ୍କୁ ବିକିଦେଇଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି।

# ଉଦ୍ଧବ ସେନାର ୨୩ ଆସନ ଦାବି: କଂଗ୍ରେସର ନା

**ମୁମ୍ବାଇ,୨୮।୧୨**

ଆସନ୍ତା ବର୍ଷ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ମହାରାଷ୍ଟ୍ରରେ ୨୩ ଆସନରେ ଲଢ଼ିବା ନିମନ୍ତେ ସହଯୋଗୀ ଦଳ ଶିବସେନା(ୟୁବିଟି) କରିଥିବା ଦାବିକୁ କଂଗ୍ରେସ ପ୍ରତ୍ୟାଖ୍ୟାନ କରିଦେଇଛି। ମହାରାଷ୍ଟ୍ର ବିକାଶ ଅଘାଡ଼ି ମେଣ୍ଟର ସହଯୋଗୀ ଦଳ ଶିବସେନା(ୟୁବିଟି), କଂଗ୍ରେସ ଏବଂ ଏନ୍‌ସିପି ମଧ୍ୟରେ ଆସନ ବୁଝାମଣା ନେଇ ଆଲୋଚନା ହୋଇଥିଲା। ମହାରାଷ୍ଟ୍ରର ୪୮ ଲୋକ ସଭା ଆସନ ମଧ୍ୟରୁ ଉଦ୍ଧବ ଠାକ୍‌ରେଙ୍କ ଦଳ ୨୩ ଆସନରେ ପ୍ରାର୍ଥୀ ଦେବା ଲାଗି ଦାବି କରିଥିଲା। ତେବେ ଶିବସେନାର ବିଭାଜନ ପରେ ଉଦ୍ଧବଙ୍କ ଗୋଷ୍ଠୀରେ ଯଥେଷ୍ଟ ପ୍ରାର୍ଥୀ ନ ଥିବା କଂଗ୍ରେସ ନେତା ସଞ୍ଜୟ ନିରୁପମ୍ କହିଛନ୍ତି। ସେହିପରି ଶରଦ ପାୱାରଙ୍କ ଏନ୍‌ସିପିରେ ମଧ୍ୟ ବିଭାଜନ ହୋଇଛି। ମହାରାଷ୍ଟ୍ରରେ କେବଳ କଂଗ୍ରେସ ଏକମାତ୍ର ଦଳ, ଯାହାର ଭୋଟ ଭାଗ ସ୍ଥିର ଥିବା ଦଳ ପକ୍ଷରୁ କୁହାଯାଇଛି। ସବୁ ସହଯୋଗୀ ଦଳ ଅଧିକ ଆସନ ଚାହୁଁଛନ୍ତି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଶିବସେନା (ୟୁବିଟି)ର ୨୩ ଆସନ ଦାବି ଅତ୍ୟଧିକ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ କହିଛନ୍ତି।

## ଫୁର୍‌ସତ



# ଆଉ ୨ଟି ଫିଲ୍ମରେ ବବି ଦେଓଲ ଭିଲେନ

**ମୁମ୍ବାଇ:** ବର୍ତ୍ତମାନ ସମୟରେ ବବି ଦେଓଲ ଫିଲ୍ମ 'ଆନିମଲ' ପାଇଁ ଅନେକ ଚର୍ଚ୍ଚାରେ ଅଛନ୍ତି। ସିନେମାରେ ବବିଙ୍କ ଭିଲେନ ଭୂମିକାକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଆଗରୁ ହିରୋ ହୋଇ ଯେଉଁ ଖ୍ୟାତି ଅର୍ଜନ କରି ନ ଥିଲେ, ଏବେ ଭିଲେନ ହୋଇ ସେ ସେହି ଖ୍ୟାତି ପାଇପାରିଛନ୍ତି। ଅନେକ ବର୍ଷ ପରେ ବବିଙ୍କ ପ୍ରତ୍ୟାବର୍ତ୍ତନ ଦର୍ଶକଙ୍କ ମନ କିଣିଛି। ଏହା ପୂର୍ବରୁ ତାଙ୍କୁ ଫିଲ୍ମ 'ଲଭ୍ ହଷ୍ଟେଲ'ରେ ଏକ ଖଳନାୟକ ଭୂମିକାରେ ଦେଖିବାକୁ ମିଳିଥିଲା। ତେବେ ବବିଙ୍କ ହାତରେ ଆଉ ୨ଟି ବଡ଼ ସାଉଥ୍ ଫିଲ୍ମ ଲାଗିଛି। ଯେଉଁଥିରେ ମଧ୍ୟ ତାଙ୍କୁ ଭିଲେନ ଭୂମିକାରେ ଦେଖିବାକୁ ମିଳିବ। ତାମିଲ ସୁପରଷ୍ଟାର ସୂର୍ଯ୍ୟାଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କଙ୍ଗୁଭା'ରେ ବବି ଖଳନାୟକ ଭୂମିକାରେ ନଜରକୁ ଆସିବେ। ଏହି ଫିଲ୍ମ ୩୦୦ କୋଟି ଟଙ୍କା ବଜେଟ୍‌ରେ ନିର୍ମିତ ହେଉଛି, ଯାହା ଆନିମଲ୍‌ଠାରୁ ୩ ଗୁଣା ଅଧିକ। ଫିଲ୍ମରେ ଦିଶା ପଟାନିଙ୍କୁ ମଧ୍ୟ ଦେଖିବାକୁ ମିଳିବ। ସିନେମାର ଟିଜର ସୂର୍ଯ୍ୟାଙ୍କ ଜନ୍ମଦିନରେ ରିଲିଜ୍ ହୋଇଥିଲା। ହେଲେ ଏହାର ରିଲିଜ୍ ତାରିଖ ଘୋଷଣା ହୋଇନି। ସୂଚନା ଅନୁଯାୟୀ, ଏହା ଆସନ୍ତା ବର୍ଷ ମୁକ୍ତିଲାଭ କରିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ବବିଙ୍କୁ ପୱନ କଲ୍ୟାଣଙ୍କ ଅଭିନୀତ ଫିଲ୍ମ 'ହରି ହରା ବୀରା ମଲ୍ଲୁ'ରେ ମଧ୍ୟ ଭିଲେନ ଭୂମିକାରେ ଦେଖିବାକୁ ମିଳିବ। ଆସନ୍ତା ବର୍ଷ ଏହା ରିଲିଜ୍ ହେବାର ସମ୍ଭାବନା ରହିଛି।

# ବିଶ୍ୱର ଟପ୍ ଶହେ ଜଳଖିଆରେ 'ଛୋଲେ ଭଟୁରେ'



**ନୂଆଦିଲ୍ଲୀ:** ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ କିଏ ବା ନ ଚାହେଁ। ତେବେ ଭାରତରେ ଖାଦ୍ୟର ରୁଚି ସର୍ବଦା ଭିନ୍ନ ହୋଇଥାଏ। ଏମିତି କିଛି ଖାଦ୍ୟ ରହିଛି, ଯାହା ସମସ୍ତଙ୍କୁ ପସନ୍ଦ ଆସିଥାଏ। ସେପରି ଏକ ଖାଦ୍ୟ ହେଉଛି 'ଛୋଲେ ଭଟୁରେ'। ବର୍ଷ ଶେଷ ହେଉଥିବାବେଳେ ବର୍ଷର ଏପରି କିଛି ଖାଦ୍ୟର ଲିଷ୍ଟ ରହିଛି, ଯାହା ଲୋକେ ଅଧିକ ପସନ୍ଦ କରିଛନ୍ତି। ତେବେ 'ଛୋଲେ ଭଟୁରେ' ଭାରତୀୟଙ୍କ ଜଳଖିଆ ଭାବେ ଅନେକ ଆଦୃତ ହୋଇପାରିଛି। ଏହାର ସ୍ଥାନ 'ବିଶ୍ୱର ଟପ୍ ଶହେ ଜଳଖିଆ' ଭିତରେ ୧୮ତମ ର୍‌ୟାଙ୍କ୍‌ରେ ରହିଛି। ତେବେ 'ଛୋଲେ ଭଟୁରେ' ହେଉଛି ଦୁଇଟି ଖାଦ୍ୟର ସମ୍ମିଶ୍ରଣ। ଛୋଲେ- ଏକ ସ୍ପାଇସି ଚଟପଟା ତରକାରି ଏବଂ ଭଟୁରେ- ମଇଦାରେ ପ୍ରସ୍ତୁତ ରୁଟି। ଏହି ଖାଦ୍ୟ ଉତ୍ତର ଭାରତରେ ଅଧିକ ପ୍ରସିଦ୍ଧ ଥିବାବେଳେ ୧୯୪୦ ମସିହାରେ ଏହାର ଜନ୍ମ ଦିଲ୍ଲୀରେ ହୋଇଥିଲା। ଉତ୍ତର ଭାରତର ସମସ୍ତ ରାସ୍ତାକଡ଼ ଖାଦ୍ୟ ଭାବେ ଏହା ସହଜରେ ମିଳିଯାଏ। ଏହାକୁ ସାଧାରଣତଃ ସକାଳ ସମୟରେ ଖିଆଯାଉଥିବାବେଳେ ଦିନରେ ମଧ୍ୟ ଖାଇହୁଏ। ପୋଷଣଯୁକ୍ତ ଖାଦ୍ୟ ଭାବେ ଏହା ଗଣାଯାଏ। ଏହା ବ୍ୟତୀତ ଭାରତୀୟଙ୍କ ଆଉ ଏକ ପସନ୍ଦର ଖାଦ୍ୟ ହେଉଛି 'ପରଟା', ଯାହା ୪୨ତମ ର୍‌ୟାଙ୍କ୍‌ରେ ରହିଛି।





କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଗୁରୁବାର ସକାଳେ ଘନକୁହୁଡ଼ିରେ ଆଚ୍ଛାଦିତ ରାସ୍ତା।

# ଭୂତଳ ଜଳରେ ଫ୍ଲୋରାଇଡ୍, ଆର୍ସେନିକ

ଭୁବନେଶ୍ୱର,୨୮।୧୨(ଅନିଲ ଦାସ)

**ଏନ୍‌ଜିଟିଙ୍କ ଉଦ୍‌ବେଗ**

- **ରାଜ୍ୟ ସରକାରଙ୍କୁ ନୋଟିସ**
- **ମାସକ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

ରାଜ୍ୟରେ ଭୂତଳ ଜଳ ପ୍ରଦୂଷିତ ହେଉଛି। ବିଶେଷକରି ଜଳରେ ଫ୍ଲୋରାଇଡ୍, ଆର୍ସେନିକ, ନାଇଟ୍ରେଟ୍, ପିଏଚ୍‌ର ମାତ୍ରା ଅଧିକ ରହୁଛି, ଯାହାକି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହାନିକାରକ। ଭୂଗର୍ଭ ଜଳରେ ଫ୍ଲୋରାଇଡ୍ ଏବଂ ଆର୍ସେନିକ ମାତ୍ରା ଅଧିକ ରହୁଥିବାରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ରାସାୟନିକ ପଦାର୍ଥ ଅତ୍ୟନ୍ତ ମାରାତ୍ମକ ଓ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ଓଡ଼ିଶା ସମେତ ଦେଶର ୨୩୦ ଜିଲାରେ ଉକ୍ତ ବିଷାକ୍ତ ଦ୍ରବ୍ୟ ପାଣିରେ ଅଧିକ ପରିମାଣ ରହିଥିବା କୁହାଯାଇଛି। ନିକଟରେ କେନ୍ଦ୍ର ଭୂତଳ ଜଳ କର୍ତ୍ତୃପକ୍ଷ(ସିଜିଡବ୍ଲ୍ୟୁଏ) ପକ୍ଷରୁ ଏନ୍‌ଜିଟିଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଏହା ରାଜ୍ୟ ବିଷୟ ହୋଇଥିବାରୁ ସିଜିଡବ୍ଲ୍ୟୁଏ ଏହା ଉପରେ କୌଣସି ପଦକ୍ଷେପ ନେଇପାରିବ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହା ଏକ ଜନସ୍ୱାସ୍ଥ୍ୟ ଜଡ଼ିତ ମାମଲା ହୋଇଥିବା ବେଳେ ରାଜ୍ୟଗୁଡ଼ିକ ଉପରେ ଦାୟିତ୍ୱ ଛାଡ଼ି ସିଜିଡବ୍ଲ୍ୟୁଏ ନିଜ ଦାୟିତ୍ୱରୁ ହଟି ଯାଉଥିବା ନେଇ ଏନ୍‌ଜିଟି ଅସନ୍ତୋଷ ପ୍ରକାଶ କରିଛନ୍ତି। ଭୂତଳ ଜଳ ପ୍ରଦୂଷଣକୁ ନେଇ ଏନ୍‌ଜିଟି ପକ୍ଷରୁ ଡିସେମ୍ବର ୨୬ ତାରିଖରେ ଓଡ଼ିଶା ସରକାରଙ୍କୁ ନୋଟିସ ଜାରି କରାଯାଇଛି। ଭୂତଳ ଜଳରେ ଥିବା ମାତ୍ରାଧିକ ଫ୍ଲୋରାଇଡ୍ ଏବଂ ଆର୍ସେନିକ ଭଳି ମାରାତ୍ମକ ରାସାୟନିକ ଦ୍ରବଣର ନିରାକରଣ ପାଇଁ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଆସନ୍ତା ମାସକ ମଧ୍ୟରେ ଜଣାଇବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ, ଓଡ଼ିଶାର ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ଅଧିକାଂଶ ସ୍ଥାନରେ ଭୂଗର୍ଭ ଜଳରେ ଫ୍ଲୋରାଇଡ୍‌ର ମାତ୍ରା ଅଧିକ ରହୁଛି। ନିକଟରେ ଆଇଆଇଟି ଖଡଗପୁର, ମୁମ୍ବାଇସ୍ଥିତ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର ଏବଂ ହୋମି ଭାବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟର ଏକ ଟିମ୍ ଉକ୍ତ ୨ ଜିଲାର ୨୨ଟି ନଳକୂପ ଓ କୂପରୁ ଜଳ ନମୁନା ସଂଗ୍ରହ କରିଥିଲେ। ସେଥିରୁ ପ୍ରାୟ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମୁନାରେ ଫ୍ଲୋରାଇଡ୍ ଥିବା ଜଣାପଡ଼ିଛି। ଏପରିକି କେତେକ ନମୁନାରେ ପ୍ରତି ଲିଟର ଜଳରେ ୩.୫ ମିଲିଗ୍ରାମ୍‌ରୁ ଊର୍ଦ୍ଧ୍ୱ ଫ୍ଲୋରାଇଡ୍ ଥିବା ଜଣାପଡ଼ିଛି। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ(ବିଆଇଏସ୍) ମାନକ ଅନୁଯାୟୀ, ପ୍ରତି ଲିଟର ଜଳରେ ୧.୧ ମିଲିଗ୍ରାମ୍ ଫ୍ଲୋରାଇଡ୍ ରହିଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ହୋଇଥାଏ। ଫ୍ଲୋରାଇଡ୍ ସହିତ ଜଳରେ ସଲ୍‌ଫାଇଡ, କ୍ୟାଲ୍‌ସିୟମ ଓ ବାଇକାର୍ବୋନେଟ ଆୟନସ୍ ଭଳି ଦ୍ରାବକ ପରିମାଣ ମଧ୍ୟ ଅଧିକ ରହିଛି। ଯେଉଁ ଜଳରେ ଫ୍ଲୋରାଇଡ୍ କମ୍ ରହିଛି ସେଠାରେ ବାଇକାର୍ବୋନେଟ ପ୍ରତିଶତ ଅଧିକ ରହିଛି।

ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରାଜ୍ୟର ୩୦ ଜିଲାର ୯୦ଟି ସ୍ଥାନରେ ୨୦୨୩ ଏପ୍ରିଲରେ କରାଯାଇଥିବା ପରୀକ୍ଷଣରୁ ଜଣାପଡ଼ିଛି ଯେ ୧୭ଟି ସ୍ଥାନରେ ପିଏଚ୍(ପୋଟେନସିଆଲ ହାଇଡ୍ରୋଜେନ), ୧୫ଟି ସ୍ଥାନରେ ନାଇଟ୍ରେଟ୍ ଏବଂ ଗୋଟିଏ ସ୍ଥାନରେ ଫ୍ଲୋରାଇଡ୍‌ର ପରିମାଣ ବିଆଇଏସ୍ ମାନକଠାରୁ ଅଧିକ ରହୁଛି , ଯାହାକି ପାନୀୟ ଉପଯୋଗୀ ନୁହେଁ। ଦିନକୁ ଦିନ ଭୂତଳ ଜଳ ବ୍ୟବହାର ବୃଦ୍ଧି ପାଉଥିବାରୁ ଏହା ଚିନ୍ତାଜନକ ହୋଇଛି। ଜଳ ସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ୨୦୧୭ରେ ଘରୋଇ କ୍ଷେତ୍ରରେ ବ୍ୟବହାର ପାଇଁ ୧.୧୫ ନିୟୁତ କ୍ୟୁବିକ୍ ମିଟର (ଏମ୍‌ସିଏମ୍) ଜଳ ବ୍ୟବହାର କରାଯାଉଥିବା ବେଳେ ୨୦୨୦ରେ ୧.୨୧ ଏବଂ ୨୦୨୨ରେ ୧.୨୪ ନିୟୁତ କ୍ୟୁବିକ୍ ମିଟର ଭୂଗର୍ଭ ଜଳ ବ୍ୟବହାର କରାଯାଇଛି।

ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ଯେଉଁ ସ୍ଥାନଗୁଡ଼ିକରେ ଭୂଗର୍ଭ ଜଳ ପାନୀୟ ଉପଯୋଗୀ ରହୁନାହିଁ ସେଠାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମ୍ପୃକ୍ତ ପୌରାଞ୍ଚଳ, ଜିଲା ଅଧିକାରୀ ଓ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇ ଆବଶ୍ୟକ ପଦକ୍ଷେପ ନେବା ସହ ଜନସାଧାରଣଙ୍କ ପାଇଁ ଫଳକ ଲଗାଇବା ଓ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଛି।

# ବାପ, ପୁଅଙ୍କୁ ଏସିଡ୍ ମାଡ଼

ଫୁଲବାଣୀ,୨୮।୧୨(ରାକେଶ କୁମାର ରାଉତ)

ଫୁଲବାଣୀ ସହରରେ ଜଣେ ଯୁବକଙ୍କ ସହ ତାଙ୍କ ବାପାଙ୍କୁ ଏସିଡ ମାଡ଼ ହୋଇଛି। ସମ୍ପୃକ୍ତ ଯୁବକଙ୍କ ସହ ତାଙ୍କ ବାପା ଗୁରୁତର ହୋଇଥିବା ବେଳେ ଜଣେ ସାଙ୍ଗ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଆକ୍ରମଣକାରୀଙ୍କୁଧରିଉତ୍ତମମଧ୍ୟମ ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ପରେ ମେଡିକାଲରେ ଭର୍ତ୍ତି କରିଛି। ପୂର୍ବ ଶତ୍ରୁତାକୁ ନେଇ ଏଭଳି ଘଟଣା ହୋଇଥିବା ଜଣାପଡିଛି। ଏସିଡ୍ ଆକ୍ରମଣରେ ଗୁରୁତର ହୋଇଥିବା ଯୁବକ ହେଲେ ସୁରଜ ମହାନ୍ତି, ବାପା ଚନ୍ଦ୍ର ମହାନ୍ତି ଏବଂ ସାଙ୍ଗ ରାକେଶ ମିଶ୍ର। ଏସିଡ ଫିଙ୍ଗିଥିବା ବ୍ୟକ୍ତି ହେଲେ ପ୍ରମୋଦ ସାହୁ।

ମିଳିଥିବା ସୂଚନା ଅନୁସାରେ ସୁରଜ ଏବଂ ସାଙ୍ଗ ରାକେଶ ଶଶୀ ପାନଦୋକାନ ଛକରେ ଠିଆ ହୋଇଥିଲେ। ଏହି ସମୟରେ ପ୍ରମୋଦ ଆସି ସୁରଜଙ୍କୁ କିଛି ପଚାରି ଥିଲେ। ହଠାତ୍ ପ୍ରମୋଦ ଏକ ପାତ୍ରରେ ଧରି ଥିବା ଏସିଡ ସୁରଜଙ୍କ ମୁହଁକୁ ଫିଙ୍ଗି ଦେଇଥିଲେ। ପାଖରେ ଥିବା ରାକେଶଙ୍କ ଉପରେ ମଧ୍ୟ ଏସିଡ ଛିଟିକି ପଡିଥିଲା। ସୁରଜଙ୍କ ମୁହଁରେ ଏସିଡ ପଡିବାରୁ ପ୍ରାଣ ବିକଳରେ ଦୌଡ଼ି ଯାଇ ଜଣଙ୍କ ଘରେ ପଶିଯାଇଥିଲେ। ଏହି ଖବର ଶୁଣି ବାପା ଚନ୍ଦ୍ର ସେଠାକୁ ଆସିବାରୁ ପ୍ରମୋଦ ତାଙ୍କ ଉପରକୁ ମଧ୍ୟ ଏସିଡ ଫୋପାଡ଼ିଥିଲେ। ସ୍ଥାନୀୟ ଲୋକେ ପ୍ରମୋଦଙ୍କୁ କାବୁକରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରମୋଦଙ୍କୁ ଧରିବା ସହିତ ସମସ୍ତଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ବାପା ପୁଅଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପ୍ରମୋଦ ସେମାନଙ୍କ ଉପରେ ଏସିଡ୍ ଫିଙ୍ଗିଥିବା ସନ୍ଦେହ କରାଯାଉଛି। ପ୍ରମୋଦଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ନିକଟରେ ସେ ଜେଲରୁ ଆସିଥିବା ସୂଚନା ମିଳିଛି। ଏସିଡ୍ ସେ କେଉଁଠୁ ଆଣିଲେ ତାହାର ତଦନ୍ତ କରାଯାଉଛି। ଏସିଡ ଆକ୍ରମଣ ଜଘନ୍ୟ ଅପରାଧ। ସବୁ ଦିଗକୁ ନେଇ ତଦନ୍ତ ଜାରିରହିଛି ବୋଲି ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କହିଛନ୍ତି।



ଏସିଡ୍ ଆକ୍ରମଣକାରୀଙ୍କୁ ପୋଲିସ ମେଡିକାଲ ନେଉଛି।

# ଦେଶୀଡଙ୍ଗା ବୁଡ଼ି ଜଣେ ମୃତ, ୪ ନିଖୋଜ

ନନ୍ଦପୁର,୨୮।୧୨(ଶଙ୍କର ପୂଜାରୀ)

**ତାନ୍‌ସିଂ ନଦୀଘାଟରେ ଅଘଟଣ**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ କୁଲାରସିଂ ପଞ୍ଚାୟତର ତାନସିଂ ଗ୍ରାମ ନଦୀଘାଟରେ ଗୁରୁବାର ଏକ ଦେଶୀ ଡଙ୍ଗା ବୁଡି ଜଣଙ୍କର ମୃତ୍ୟୁ ହୋଇଛି। ଏହି ଡଙ୍ଗାରେ ଥିବା ଅନ୍ୟ ୪ଜଣ ଏବେ ବି ନିଖୋଜ ଅଛନ୍ତି। ମୃତକ ହେଲେ ତାନ୍‌ସିଂ ଗ୍ରାମର ଲାଲମଣି ଶିସା (୫୦)। ଡଙ୍ଗାରେ ଥିବା ଗାଁର ଶଶିରେଖା ଆର୍ଲାବ (୩୫), ଶାନ୍ତି ଶିସା (୭), ନବିନା ଆର୍ଲାବ (୧୪), ପୁଷ୍ପାଞ୍ଜଳି ଆର୍ଲାବ (୬) ନିଖୋଜ ଅଛନ୍ତି। ସୂଚନାନୁଯାୟୀ, ସମସ୍ତେ ଏକ ପାରିବାରିକ କାର୍ଯ୍ୟରେ ଯୋଗଦେବାକୁ ପାତାଳୀ ନଦୀ (ଜଲାପୁଟ ରିଜର୍ଭର) ଆରପଟେ ଥିବା ବଡେଲା ଗ୍ରାମକୁ ଯାଇଥିଲେ। ସେଠାରୁ ଦେଶୀ ଡଙ୍ଗା ନେଇ ଫେରିବାବେଳେ ହଠାତ୍ ଡଙ୍ଗାଟି ଓଲଟି ପଡ଼ିଥିଲା। ଖବରପାଇ ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ଓ ନନ୍ଦପୁର ଅଗ୍ନିଶମ ବାହିନୀ ଏସ୍‌ଓ ବିଶ୍ୱଜିତ୍ ରାଉତ, ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନଙ୍କୁ ଲାଲମଣିଙ୍କ ମୃତଦେହ ମିଳିଥିଲା। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ଆସନ୍ତାକାଲି ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଜିଲା ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପାତାଳୀ ନଦୀର ଜଲାପୁଟ ରିଜର୍ଭର ଜଳରାଶି ଚାରି ପାର୍ଶ୍ୱରେ ଥିବା କୁଲାରସିଂ, ପରଜା ବଡପଡା, ପାଡୁଆ, ଗୋଲୁର, ପାଣ୍ଡୁଲୁଙ୍ଗ, ବିଲାପୁଟ, କୁଲାବିର ପଞ୍ଚାୟତବାସୀଙ୍କ ଯାତାୟାତ ନିମନ୍ତେ ୨ଟି ମୋଟର ବୋଟ ପ୍ରଦାନ କରାଯାଇଛି। ତାହା ଅଧିକାଂଶ ସମୟ ଅଚଳ ରହୁଥିବାରୁ ଲୋକେ ଦେଶୀ ଡଙ୍ଗା ବ୍ୟବହାର କରି ଏଭଳି ଦୁର୍ଘଟଣାର ଶିକାର ହେଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଚଳ ମୋଟର ଡଙ୍ଗାର ମରାମତି ସାଙ୍ଗକୁ ପଞ୍ଚାୟତ ପିଛା ଗୋଟିଏ ଲେଖାଏ ମୋଟର ଡଙ୍ଗା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଗ୍ୟାସ୍ ନିଆଁରେ ଜଳିଗଲେ ମହିଳା

ଯୋଡ଼ା,୨୮।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ଗ୍ୟାସ୍‌ରୁ ନିଆଁ ଲାଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ସଞ୍ଜୁଲତା ମହାନ୍ତ। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଗ୍ୟାସ୍ ଲିକ୍ ଯୋଗୁ ସଞ୍ଜୁଙ୍କ ଘରେ ନିଆଁ ଲାଗିଯାଇଥିଲା। ସେଥିରେ ସେ ପୋଡ଼ି ହୋଇ ଅର୍ଦ୍ଧଦଗ୍ଧ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଚମ୍ପୁଆ ଡାକ୍ତରଖାନା, ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ମାତ୍ର ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି।

# ଆଦିମ ଜନଜାତିଙ୍କ ଭୋଟ ଉପରେ ଭାଜପାର ଆଖି

ଭୁବନେଶ୍ୱର,୨୮।୧୨(ସୁନିତ୍ ମିଶ୍ର)

ଦେଶ ତଥା ରାଜ୍ୟଗୁଡିକର ଆଦିମ ଜନଜାତିମାନଙ୍କ ଭୋଟ ନେବା ସକାଶେ କେନ୍ଦ୍ରର ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାର ଯୋଜନା ଆରମ୍ଭ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ(ପିଏମ୍-ଜନମନ) ଯୋଜନା ଆଧାରରେ ଦେଶର ୭୫ ବର୍ଗ ଆଦିମ ଜନଜାତିଙ୍କ ଭୋଟ ନେବା ପାଇଁ ଏବେ ଭାଜପା ଯୋଜନା କରିଛି। ଏହି ଯୋଜନାରେ ଆଦିମ ଜନଜାତିଙ୍କୁ ପକ୍କାଘରଠାରୁ ଆରମ୍ଭକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଟଙ୍କା, ଶୌଚାଳୟ ଏବଂ ସମସ୍ତଙ୍କ ଘରେ ପାନୀୟ ଜଳ, କମ୍ୟୁନିଟି ସେଣ୍ଟର, ମାଗଣା ଗ୍ୟାସ୍ ଆଦି ଯୋଗାଇଦେବାକୁ କେନ୍ଦ୍ର ସରକାର ବ୍ୟବସ୍ଥା କରୁଛନ୍ତି। ଏହିସବୁ ସୁବିଧା ଦେଇ ଦେଶରେ ବସବାସ କରୁଥିବା ଆଦିମ ଜନଜାତି ତଥା ଆଦିବାସୀମାନଙ୍କ ଭୋଟ ଭାଜପା ହାତେଇପାରିବ ବୋଲି ବିଶ୍ୱାସ ରଖୁଛି। ଛତିଶଗଡ଼ ନିର୍ବାଚନ ପରଠାରୁ ଭାଜପାର କେନ୍ଦ୍ରୀୟ ଶୀର୍ଷ ନେତାମାନଙ୍କ ମନରେ ଏହି ବିଶ୍ୱାସ ଜାତ ହୋଇଛି।

ମିଳିଥିବା ସୂଚନା ମୁତାବକ, କେନ୍ଦ୍ର ସରକାର ଛତିଶଗଡ଼ ନିର୍ବାଚନ ପୂର୍ବରୁ ଅର୍ଥାତ୍ ଗତ ନଭେମ୍ବର ୧୫ରେ ଏହି ଯୋଜନା ଲାଗୁ କରି ଆଦିବାସୀମାନଙ୍କୁ ☞ପୃଷ୍ଠା-୨



अमित शुक्ला
संयुक्त सचिव
Amit Shukla
Joint Secretary
Tel. : 23384707
Email : amit.shukla1999@gov.in

सत्यमेव जयते

ग्रामीण विकास मंत्रालय
ग्रामीण विकास विभाग
भारत सरकार
कृषि भवन, नई दिल्ली-110001
Ministry of Rural Development
Department of Rural Development
Government of India
Krishi Bhawan, New Delhi-110001

DO.NoP-17025/26/2023-RC-Part(1) Dated: 10th December, 2023

Madam/Sir,

Please refer my D.O letter of even number dated 7th December, 2023 (copy enclosed) informing you about the workshop/Manthan Shivir to be held on 15.12.2023 in Bharat Mandapam, New Delhi in connection with PM-JANMAN. Another letter has also been sent by Rural Housing (RH) Division of the Ministry regarding the rural housing component of the programme and extending invitation to the programme (copies of the two letters are enclosed).

2. In this regard, **the Additional Secretary (RD) will review on 11th December, 2023 at 3:30 p.m., through VC,** the preparedness and the proposed action plan for the Manthan Shivir/implementation of the rural housing and rural connectivity components of the scheme in PM-PVTG habitations **The link for the VC is being sent separately.**

3. Since the event at Bharat Mandapan on 15th December, 2023 will witness the presence of High Powered Committee, comprising the Hon'ble Ministers of the concerned ministries, to review and approve the finalized action plan, your kind presence in the VC is requested, along with your officials, for facilitating resolution of issues, if any, and finalization of the action plan. A copy of the draft action plan of your States/ UT is requested to be sent in advance before the meeting.

With regards,

Yours sincerely,
(Amit Shukla)

Spl, CS/ACS/Principal Secretaries/Secretaries

**(Implementing PMGSY in 15 States & 1 UT)**
**(Implementing PMAY in 16 States)**

ରାଜ୍ୟ ସରକାରଙ୍କୁ ଆସିଥିବା କେନ୍ଦ୍ର ସରକାରଙ୍କ ଚିଠିର ନକଲ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିଲେ ଥାଉ ପଛେ ଗୁଣ ହଜାର
ଚରିତ୍ର ନ ଥିଲେ ସବୁ ଅସାର।**

ଚରିତ୍ରବାନ ବ୍ୟକ୍ତି ଆମ ସମାଜରେ ଉଚ୍ଚପ୍ରଶଂସା ଲାଭ କରୁଥିବାବେଳେ ସେମାନଙ୍କ ବ୍ୟକ୍ତିତ୍ୱ ପ୍ରତି ଅନ୍ୟମାନଙ୍କ ସମ୍ମାନବୋଧ ରହିବା ସହ ସେମାନେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥାନ୍ତି। ତେବେ ଅଶେଷ ଗୁଣରେ ପରିପୂର୍ଣ୍ଣ ହୋଇ ସୁଦ୍ଧା ଯଦି ଜଣେ ଭ୍ରଷ୍ଟ ଚରିତ୍ରର ହୋଇଥାଏ ତେବେ ତା’ ବ୍ୟକ୍ତିତ୍ୱ ବହୁ ପରିମାଣରେ ହ୍ରାସ ପାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଥଲ ଥଲିଆ ଦହି
ଅନ୍ତଲ ପେଟି ଖାଇ ଦଉଚି
ଚାହୁଁଛି ଥାକୁଲୀ ମୁହିଁ।**

କଥାରେ ଅଛି ମାରିନେଲେ ମହାପାତ୍ରେ ଚାହିଁଥାରେ ଜଳକା। ଖାଇବା ଲୋକ ସବୁ ଖାଇଯାଉଥିବା ବେଳେ ଚାହିଁବା ଲୋକ କେବଳ ଚାହିଁ ରହିଥାଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଭୁବନେଶ୍ୱର, ସତ୍ୟବାଦୀରେ...

ପ୍ରଥମ ପୃଷ୍ଠାରୁ...

ବଡ଼ ଅପରାଧ କରିବାକୁ ଯୋଜନା କରୁଥିବା ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ତୁରନ୍ତ ଥାନାଧିକାରୀ ଏବଂ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ କାଲୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ତାଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ। ମାତ୍ର ଏହା ନ ଶୁଣି କାଲୁ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ଥାନା ଏସ୍‌ଆଇ ଦୀପ୍ତିରଞ୍ଜନ ସାହୁ ଆହତ ହୋଇଥିଲେ। ଏହାଦେଖି ପୋଲିସ ନିଜକୁ ବଞ୍ଚାଇବାକୁ ଯାଇ ଥାନାଧିକାରୀ ବିଜୟକେତନ ନିଜ ସର୍ଭିସ୍ ରିଭଲଭରରୁ କାଲୁଙ୍କ ଗୋଡ଼କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଗୁଳିଟି କାଲୁଙ୍କ ଡାହାଣ ଗୋଡ଼ରେ ବାଜିବାରୁ ସେ ସେଠାରେ ପଡ଼ିଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ଏସ୍‌ଆଇ ଦୀପ୍ତିରଞ୍ଜନ ସାହୁ ମଧ୍ୟ ପୁରୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରୁ କାଲୁ ବ୍ୟବହାର କରୁଥିବା ଗୋଟିଏ ୭.୬୫ ଏମ୍‌ଏମ୍ ପିସ୍ତଲ ଏବଂ ଗୋଟିଏ ରାଉଣ୍ଡ ଜୀବନ୍ତ ଗୁଳି ପୋଲିସ ଜବତ କରିଛି। କାଲୁ ଭୋଳଙ୍କ ନାମରେ ପୂର୍ବରୁ କ୍ରାଇମବ୍ରାଞ୍ଚରେ ମାମଲା ସହିତ ପୁରୀ ସଦର ଥାନା, ଚନ୍ଦନପୁର, ବାଲିସାହି ଓ ସତ୍ୟବାଦୀ ଥାନାରେ ୧୮ସଙ୍ଗିନ ମାମଲା ରହିଛି। ଘଟଣାର ଗମ୍ଭୀରତା ଦୃଷ୍ଟିରୁ ଅଧିକ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି। ଅପରପକ୍ଷରେ ଯେଉଁମାନେ ଅପରାଧ କରୁଛନ୍ତି ସେମାନେ ସୁଧୁରିଯାନ୍ତୁ ନଚେତ ଆଗକୁ ପୋଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି କହିଛନ୍ତି।

## ଆଉ ୩ କରୋନା...

ଟେଷ୍ଟିଂ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଓଡ଼ିଶାରେ କରୋନା ସ୍ଥିତିକୁ ନେଇ ଆତଙ୍କିତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ କୋଭିଡ୍ ଟେଷ୍ଟିଂ ବଢ଼ିଛି। ବୁଧବାର ୬୯୦ଟି ଟେଷ୍ଟ ହୋଇଥିବାବେଳେ ସେଥିରୁ ୩୭୮ଟି ହେଉଛି ଆର୍‌ଟିପିସିଆର୍। ସମସ୍ତ ସଂକ୍ରମିତ ହୋମ୍ ଆଇସୋଲେଶନରେ ଅଛନ୍ତି, କେହି ମେଡିକାଲରେ ନାହାନ୍ତି। ଜାତୀୟସ୍ତରୀୟ ତଥ୍ୟ ଅନୁସାରେ, ଆକ୍ରାନ୍ତ ହେଉଥିବା ସଂକ୍ରମିତଙ୍କ ମଧ୍ୟରୁ ୯୨%ରୁ ଊର୍ଦ୍ଧ୍ୱ ହୋମ୍ ଆଇସୋଲେଶନରେ ଅଛନ୍ତି। କୋଭିଡ୍ ପାଇଁ ମେଡିକାଲରେ ଆଡ୍‌ମିଟ୍ ହେବା ବହୁତ କମ୍। ଆଗକୁ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ନେଇ ସ୍ଥିତି ଅନୁଧ୍ୟାନ କରାଯାଉଛି। ଏବେଠାରୁ ସଂଖ୍ୟା ବଢ଼ିବ କି ନାହିଁ କହିହେବ ନାହିଁ। ତେବେ ଯଦି ବଢ଼େ, ତେବେ ଭୟାବହତା ଆଶଙ୍କା କମ୍ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ଡିସେମ୍ବର ୩ରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କୋଭିଡ୍ କେସ୍ ଶୂନ ଥିବାବେଳେ ୨୩ରେ ରାଜ୍ୟରୁ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଥିଲେ। ପରେ ଆଉ ୫ଦିନ ମଧ୍ୟରେ ଏହି ସଂଖ୍ୟା ୮କୁ ବୃଦ୍ଧି ପାଇଛି। ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଓଡ଼ିଶାରେ ମଧ୍ୟ ଲଗାତାର ଭାବେ ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛନ୍ତି, ଯାହାକି ଚିନ୍ତାର କାରଣ ପାଲଟିଛି।

## ଆଦିମ ଜନଜାତିଙ୍କ...

ଉପରୋକ୍ତ ସୁବିଧା ଯୋଗାଇଦେବେ ବୋଲି ଘୋଷଣା କରିଥିଲେ, ଯାହାର ସଫଳତା ଛତିଶଗଡ଼ର ଗତ ବିଧାନସଭା ନିର୍ବାଚନରେ ଭାଜପାକୁ ମିଳିଥିବା ସେମାନେ ଏବେ କହୁଛନ୍ତି। ସେହି କ୍ରମରେ ଓଡ଼ିଶାରେ ବସବାସ କରୁଥିବା ୧୩ ଜିଲାର ଆଦିମ ଜନଜାତିଙ୍କ ଭୋଟ ଉପରେ ମଧ୍ୟ ଭାଜପା ନଜର ପକାଇଛି। ଆଦିମ ଜନଜାତିଙ୍କ ଭୋଟ୍ ନେବା ସକାଶେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ଯେଉଁଭଳି ନିୟମ ରଖିଥିଲେ ତାକୁ ମଧ୍ୟ କେତେକାଂଶରେ ଏହି ଯୋଜନାରେ କୋହଳ କରିଦେଇଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଜାନୁୟାରୀ ୧୨ ରେ ଓଡ଼ିଶାର ମୟୂରଭଞ୍ଜ ଏବଂ ଦେବଗଡ଼ର ଦୁଇ ଜଣ ହିତାଧିକାରୀଙ୍କ ସହ କଥା ହୋଇ ଟଙ୍କା ପ୍ରଦାନ କରିବାକୁ ଯୋଜନା କରିଛନ୍ତି। ଅନ୍ୟପଟେ ଏହି ଯୋଜନାରେ ରାଜ୍ୟ ଯେତେଜଣ ହିତାଧିକାରୀ ଚିହ୍ନଟ କରିବ ସମସ୍ତଙ୍କୁ ଏତେ ତର୍ଜମା ନ କରି ଘର ମିଳିଯିବ ବୋଲି କେନ୍ଦ୍ରର କିଛି ଅଧିକାରୀ କହିଥିବା ମଧ୍ୟ ଜଣାପଡ଼ିଛି।

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗତ ୧୫ ତାରିଖରେ ଦିଲ୍ଲୀର ଭାରତ ମଣ୍ଡପଠାରେ ଏକ ମନ୍ଥନ ଶିବିର କରାଯାଇ ପିଏମ୍-ଜନମନ ଯୋଜନା ଲାଗୁ କରିବା ନେଇ ଏକ କର୍ମଶାଳା ହୋଇଥିଲା। ଏହି ଯୋଜନା ଲାଗୁ ନେଇ ଅତିଶୀଘ୍ର ତଥ୍ୟ ଦେବା ପାଇଁ ମଧ୍ୟ ରାଜ୍ୟଗୁଡିକରୁ

ଯାଇଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଜାନୁୟାରୀ ୧୨ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ଦେଶର ୧୮ ରାଜ୍ୟ ଏବଂ ୨ କେନ୍ଦ୍ର ଶାସିତ ଅଞ୍ଚଳ ଆଣ୍ଡାମାନ ଓ ନିକୋବରରେ ବସବାସ କରୁଥିବା କେତେଜଣ ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ଘର ତିଆରି ଲାଗି ୨ ଲକ୍ଷ, ପାଇଖାନା ପାଇଁ ୧୨ ହଜାର ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୨୭ ହଜାର ଟଙ୍କା ଏହିପରି ଜଣେ ହିତାଧିକାରୀଙ୍କୁ ୨ ଲକ୍ଷ ୩୯ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ସେମାନେ ରହୁଥିବା ଅଞ୍ଚଳର ରାସ୍ତା ନିର୍ମାଣ ଲାଗି କି.ମି. ପିଛା କୋଟିଏ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ଆସିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଏହିପରି ଗତ ଡିସେମ୍ବର ୮ ପରଠାରୁ ଓଡ଼ିଶା ସରକାର ପାଖକୁ କେନ୍ଦ୍ରରୁ ଘନଘନ ଚିଠି ଆସିଲାଣି। ରାଜ୍ୟ ସରକାର ମଧ୍ୟ କେନ୍ଦ୍ରର ଏହି ଯୋଜନା ଲାଗୁ କରିବା ପାଇଁ ଜୋର୍‌ଦାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି।

ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୩୬ ହଜାର ହିତାଧିକାରୀଙ୍କୁ ଚିହ୍ନଟ କରିଥିବା ଜଣାପଡିଛି। ହେଲେ ଗତ ଡିସେମ୍ବର ୧୫ ରେ ହୋଇଥିବା ବୈଠକ ଅନୁଯାୟୀ, ରାଜ୍ୟ ସରକାରଙ୍କ ୨୦୨୩-୨୪ର ବଜେଟ ଏବଂ ଅତିରିକ୍ତ ବଜେଟ ହୋଇସାରିଥିବା ବେଳେ ଏବେ କେଉଁ ପାଣ୍ଠିରୁ ଆଦିମ ଜନଜାତିଙ୍କୁ ଏହି ଯୋଜନାରେ ଘର ପାଇଁ ଅର୍ଥ ଯୋଗାଇବେ ବୋଲି ପ୍ରଶ୍ନ ଉଠାଇଥିଲେ। ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ପାଣ୍ଠିରୁ ଅର୍ଥ ବ୍ୟବହାର କରିବା ଲାଗି ଅନୁରୋଧ କରିବା ସହ ଏହି ଯୋଜନାରେ ହିତାଧିକାରୀଙ୍କ ସର୍ଭେ ଲାଗି ଏକ ଏଜେନ୍ସିଦେବାକୁମଧ୍ୟ ବୈଠକରେ କହିଥିଲେ। ଏହାଛଡା ରାଜ୍ୟ ସରକାର ଯେତିକି ଆଦିମ ଜନଜାତି ଓଡିଶାରେ ବସବାସ କରୁଛନ୍ତି ବୋଲି କେନ୍ଦ୍ରକୁ ତଥ୍ୟ ଦେଇଛନ୍ତି ତାହା କେନ୍ଦ୍ର ସର୍ଭେ ଅନୁଯାୟୀ ଠିକ୍ ନୁହେଁ ବୋଲି ବୈଠକରେ କୁହାଯାଇଥିବା ଗତ ୨୨ ତାରିଖରେ କେନ୍ଦ୍ର ସରକାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଆସିଥିବା ଚିଠିରେ ଉଲ୍ଲେଖ କରାଯାଇଛି। କେନ୍ଦ୍ର ସରକାରଙ୍କୁ ରାଜ୍ୟ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ୧୧୮୭ ଗ୍ରାମରେ ୨୬,୭୭୫ ଜଣ ଯୋଗ୍ୟ ହିତାଧିକାରୀ ଥିବାବେଳେ ଏହି ସଂଖ୍ୟା ଆଗକୁ ବଢ଼ିପାରେ ବୋଲି କୁହାଯାଇଛି। ପ୍ରଥମେ ଏହି ସମସ୍ତ ହିତାଧିକାରୀଙ୍କୁ ଘର ପ୍ରଦାନ କରିବାକୁ କେନ୍ଦ୍ରକୁ ରାଜ୍ୟ ସରକାର କହିଥିବା ଜଣାପଡିଛି। ତେବେ ଏହି ଯୋଜନାରେ କେନ୍ଦ୍ର ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ଦେଶରେ ୧ ଲକ୍ଷ ଘର ବାଣ୍ଟିବାକୁ ଯୋଜନା ରଖିଥିବା ବେଳେ ଏଥିରେ କେନ୍ଦ୍ର ସରକାରଙ୍କ ୬୩୦ କୋଟି ଏବଂ ରାଜ୍ୟ ସରକାରଙ୍କ ୩୬୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସ୍ଥିର ହୋଇଛି। ସେହିପରି ୨୦୨୪-୨୫ରେ ୨,୨୨,୮୫୯ ଜଣ ହିତାଧିକାରୀଙ୍କୁ ଘର ଦିଆଯିବ, ଯେଉଁଥିଲାଗି କେନ୍ଦ୍ର ସରକାରଙ୍କ ୩୪୩୬.୭୫ କୋଟି ଏବଂ ରାଜ୍ୟର ୨୦୩୩ କୋଟି ଖର୍ଚ୍ଚ ହେବ। ସମାନଭାବେ ୨୦୨୫-୨୬ରେ ୧,୬୭, ୧୪୧ ହିତାଧିକାରୀଙ୍କ ପାଇଁ କେନ୍ଦ୍ର ୨୧୦୫.୯୮ କୋଟି, ରାଜ୍ୟରୁ ୧୨୩୬ କୋଟି ଟଙ୍କା ଖର୍ଚ୍ଚ ହେବ। ଦେଶର ମୋଟ ୪ ଲକ୍ଷ ୯୦ ହଜାର ହିତାଧିକାରୀଙ୍କୁ ଘର ଦେବା ଲାଗି କେନ୍ଦ୍ର ସରକାର ଯୋଜନା କରିଛନ୍ତି।





# ସବୁଠି ଭଲହେଲା, ଏଠି କାହିଁକି ହେଉନି

- ଅନୁଗୋଳ-ଢେଙ୍କାନାଳର ବିଭିନ୍ନ ସଭାରେ ବର୍ଷିଲେ ପାଣ୍ଡିଆନ
- ୫୫ନଂ. ଜାତୀୟ ରାଜପଥକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ କଲେ ଟାର୍ଗେଟ

ଅନୁଗୋଳ, ୨୮।୧୨(ଅମିତ କୁମାର ସାମଲ)/ ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ)/ ପରଜଙ୍ଗ (ନିଗମାନନ୍ଦ ଦଳବେହେରା)

ସବୁଠି ଜାତୀୟ ରାଜପଥ କାର୍ଯ୍ୟ ଭଲ କରିଛନ୍ତି। ଓଡ଼ିଶା ଭିତରେ ମଧ୍ୟ ଭାରତ ସରକାରଙ୍କ ପକ୍ଷରୁ ହେଉଥିବା ଜାତୀୟ ରାଜପଥ ନିର୍ମାଣ ଭଲ ଚାଲିଛି। ହେଲେ ଢେଙ୍କାନାଳ ଓ ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ କାହିଁକି ସେଥିରୁ ବାଦ ପଡ଼ିଛି। କ’ଣ ପାଇଁ ଏଠାରେ ନିର୍ମାଣ ହେଉଥିବା ରାଜପଥ ୭/୮ ବର୍ଷ ହେଲା ସରିପାରୁନି। ଗୁରୁବାର ଅନୁଗୋଳ ଓ ଢେଙ୍କାନାଳ ଜିଲା ଗସ୍ତରେ ଯାଇଥିବା ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ପ୍ରଶ୍ନଛଳରେ ଏହି ମାଟିର ପୁଅ ତଥା କେନ୍ଦ୍ରମନ୍ତ୍ରୀଙ୍କୁ ଏପରି ଟାର୍ଗେଟ କରିଛନ୍ତି।

ଅନୁଗୋଳ ଜିଲା ବଣ୍ଠରପାଳ ବ୍ଲକ ଗଡ଼ସନ୍ତ୍ରୀଠାରେ ଆୟୋଜିତ ସାଧାରଣ ସଭାରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଯୋଗଦେଇ ୫୫ନଂ. ଜାତୀୟ ରାଜପଥ, କେନ୍ଦ୍ରୀୟ ଶିକ୍ଷା ବ୍ୟବସ୍ଥାକୁ ମୁଖ୍ୟ ପ୍ରସଙ୍ଗ କରି କେନ୍ଦ୍ରମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ୧୦ ବର୍ଷ ହେବ କେନ୍ଦ୍ର କ୍ୟାବିନେଟ୍‌ରେ ମନ୍ତ୍ରୀ ଥିଲେ ବି କୌଣସି ଉନ୍ନତିମୂଳକ କାର୍ଯ୍ୟ କରି ନ ଥିବା ଅଭିଯୋଗ କରିଥିଲେ। ଏଥିସହ ସେ ଆହୁରି କହିଥିଲେ, ଗତ ଜୁନ୍ ମାସରେ ଥରେ ଆସିଥିଲି। ଶହେ କୋଟି ଟଙ୍କା ଏହି ଅଞ୍ଚଳ ପାଇଁ ଅନୁମୋଦନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଶହେ କୋଟି ଅନୁମୋଦନ କରିବେ। ଏହାପରେ ୫-ଟି ଅଧ୍ୟକ୍ଷ ପାଲଲହଡ଼ା ବ୍ଲକର ଖମାର ଗସ୍ତ କରିଥିଲେ। ଖମାର କଲେଜ ପଡ଼ିଆରେ ସାଧାରଣ ସଭାରେ ଯୋଗଦେଇ ସମବେତ ସହସ୍ରାଧିକ ଜନତାଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ଏବଂ ସ୍ୱୟଂସହାୟକ ଗୋଷ୍ଠୀ ମା’ମାନଙ୍କ ଉଦାହରଣ ଦେଇଥିଲେ। ଏଠାରେ ସଂକ୍ଷିପ୍ତ ଉଦ୍‌ବୋଧନ ବେଳେ ମଧ୍ୟ ୫-ଟି ଅଧ୍ୟକ୍ଷ କେନ୍ଦ୍ରମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ। ୧୦ ବର୍ଷ ହେଲା କେନ୍ଦ୍ରମନ୍ତ୍ରୀ ପାଲଲହଡ଼ା ନିର୍ବାଚନମଣ୍ଡଳୀ ସହ ନିଜ ପଞ୍ଚାୟତର କୌଣସି ବିକାଶ କାମ କରି ନ ଥିବା କହିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ବାଚନମଣ୍ଡଳୀର ବିକାଶ ପାଇଁ ୧୦୦ କୋଟି, ଏପରିକି କେନ୍ଦ୍ରମନ୍ତ୍ରୀଙ୍କ ପଞ୍ଚାୟତର ଉନ୍ନତି ପାଇଁ ୧.୫ କୋଟି ଟଙ୍କା ମଞ୍ଜୁର କରିଥିବା ପାଣ୍ଡିଆନ ପ୍ରକାଶ କରିଥିଲେ। ପରେ ଢେଙ୍କାନାଳ ଜିଲାର ପରଜଙ୍ଗ ନିର୍ବାଚନମଣ୍ଡଳୀରେ ପହଞ୍ଚି ସରାଙ୍ଗସ୍ଥିତ ଅନନ୍ତଶୟନ ବିଷ୍ଣୁ ମୂର୍ତ୍ତି ଦର୍ଶନ କରିବା ସହ ସ୍ଥାନୀୟ ଯାତ୍ରା ପଡ଼ିଆ ଓ ପରଜଙ୍ଗ ମିନି ଷ୍ଟାଡିୟମରେ ବିଶାଳ ଜନସଭାରେ ବିରୋଧୀଙ୍କ ଉପରେ ବର୍ଷିଥିଲେ। ପାଣ୍ଡିଆନ କହିଥିଲେ, ଏହି ମାଟିର ପୁଅ କେନ୍ଦ୍ରରେ ୧୦ ବର୍ଷ ହେବ ମନ୍ତ୍ରୀ ଥିଲେ ବି ମା’ ମାଟିକୁ ଭୁଲି ଯାଉଛନ୍ତି। ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ୧୦୦୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ପୂର୍ବ ଗସ୍ତ ବେଳେ ମିଳିଥିବା ୫୦୦ ଅଭିଯୋଗରୁ ଇତିମଧ୍ୟରେ ପ୍ରାୟ ୪୫୦ଟି ସମାଧାନ ହୋଇସାରିଥିବା ପାଣ୍ଡିଆନ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଅନୁଗୋଳ ଜିଲା ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାଶ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଗୋଳ ଜିଲାର ଖମାର କଲେଜ ପଡ଼ିଆ ସଭା ମଞ୍ଚରେ ୫-ଟି ଅଧ୍ୟକ୍ଷ ଉଦ୍‌ବୋଧନ ଦେଉଛନ୍ତି।

# ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ, ଉତ୍ତେଜନା

ବଲାଙ୍ଗୀର, ୨୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜର ଶେଷବର୍ଷ ଛାତ୍ର ତଥା ହାଉସ ସର୍ଜନ ବିଶ୍ୱରଞ୍ଜନ ସାହୁଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ କରାଯାଇଛି। ହସ୍ପିଟାଲରୁ କଲେଜ ହଷ୍ଟେଲକୁ ଫେରୁଥିବା ବେଳେ ବାଟରେ ଛପି ରହିଥିବା ୨ଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଡାକ୍ତରୀ ଛାତ୍ର ସାହୁଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ କରାଯାଇଥିବା ଖବର ପ୍ରଚାରିତ ହେବା ପରେ ବହୁ ଡାକ୍ତରୀ ଛାତ୍ରୀଛାତ୍ର ହସ୍ପିଟାଲ ପରିସରକୁ ଆସି ପ୍ରତିବାଦ ଜଣାଇଥିଲେ। କେତେକ ଛାତ୍ରୀଛାତ୍ର ଉତ୍ତ୍ୟକ୍ତ ହୋଇ ହସ୍ପିଟାଲ ମୁଖ୍ୟଗେଟ୍ ବନ୍ଦ କରିଦେଇଥିଲେ। ଏହି ସମୟରେ ଜଣେ ଗୁରୁତର ରୋଗୀ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ଭିତରକୁ ଆସିଥିଲେ। ଆନ୍ଦୋଳନରତ ଛାତ୍ରୀଛାତ୍ର ସେଇ ଆମ୍ବୁଲାନ୍ସକୁ ହସ୍ପିଟାଲ ଭିତରକୁ ପଶିବାକୁ ନ ଦେବାରୁ ରୋଗୀ ପରିଜନ ଓ ସେଠାରେ ଥିବା ଅନ୍ୟମାନେ ଉତ୍ତ୍ୟକ୍ତ ହୋଇ ପଡିଥିଲେ। ଏହାପରେ ଡାକ୍ତରୀ ଛାତ୍ର ଓ ଜନସାଧାରଣଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ପୋଲିସ ଅଧିକାରୀମାନେ ହସ୍ତକ୍ଷେପ କରିବାରୁ କିଛି ସମୟ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାପରେ ଡାକ୍ତରଖାନା ଭିତରକୁ ଆମ୍ବୁଲାନ୍ସ ପଶିଥିଲା। ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ ଓ ହସ୍ପିଟାଲରେ ଉତ୍ତେଜନା ଖବର ପାଇ ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ଋଷିକେଶ ଖିଲାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ପହଞ୍ଚିଥିଲେ। ଆଇସିୟୁକୁ ଯାଇ ପ୍ରଥମେ ଆହତ ଡାକ୍ତରୀ ଛାତ୍ର ବିଶ୍ୱରଞ୍ଜନ ସାହୁଙ୍କୁ ଭେଟିଥିଲେ। ସେଠାରୁ ଫେରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସୂଚନା ଦେଇଥିଲେ। କୌଣସି ପରିସ୍ଥିତିରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି ଜିଲାପାଳ ରାଣା କହିଥିଲେ। ଏହା ସହିତ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ। ହସ୍ପିଟାଲରୁ ଜିଲାପାଳ ଓ ଏସ୍‌ପି ଫେରିବା ପରେ ମଧ୍ୟ ଡାକ୍ତର ଛାତୀଛାତ୍ରଙ୍କ ଅସନ୍ତୋଷ ଜାରି ରହିଥିଲା। କଲେଜ ଡିନ୍ ସ୍ୱୟଂପ୍ରଭା ଏବଂ ଅଧୀକ୍ଷକ ଡା ମାନସୀ ପଣ୍ଡା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ।

ଗୁରୁବାର ପୂର୍ବାହ୍ଣରେ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଓପିଡିକୁ ଆଣିଥିଲେ। ସେଠାରେ ଦୁଇଜଣ ମହିଳା ଡାକ୍ତର ଓ ଜଣେ ଆଟେଣ୍ଡାଣ୍ଟଙ୍କ ଉପସ୍ଥିତିରେ ସମ୍ପୃକ୍ତା ମହିଳାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ମହିଳାଙ୍କ ଗର୍ଭପାତ ହୋଇଯାଇଥିବା ଜଣାପଡିଥିଲା। ସେତେବେଳେ କର୍ତ୍ତବ୍ୟରତ ହାଉସ ସର୍ଜନ ସାହୁ ମଧ୍ୟ ସମ୍ପୃକ୍ତା ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କଥାକୁ ନେଇ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ କୁଆଡେ ଆପତ୍ତି ଉଠାଇଥିଲେ। ମହିଳାଙ୍କ ଗୋପନୀୟତା ଭଙ୍ଗ କରାଯାଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଯୁବକ ଓ ଅନ୍ୟ ଜଣେ ଏକ ବାଇକରେ ହସ୍ପିଟାଲଠାରୁ ପ୍ରାୟ ୫କିଲୋମିଟର ଦୂର ଲାଲଟିକ୍ରା ଗ୍ରୀଡ ପାଖରେ ଜଗି ରହିଥିଲେ। ସମ୍ପୃକ୍ତ ହାଉସ ସର୍ଜନ ସନ୍ଧ୍ୟା ପ୍ରାୟ ୬ଟାରେ କଲେଜ ହଷ୍ଟେଲକୁ ତାଙ୍କର ଜଣେ ସାଙ୍ଗଙ୍କ ସହ ଏକ ବାଇକରେ ଫେରୁଥିବାବେଳେ ତାଙ୍କୁ ସେମାନେ ଅଟକାଇଥିଲେ। ରାସ୍ତା ଉପରେ ସମ୍ପୃକ୍ତ ଯୁବକ ଜଣକ ହାଉସ ସର୍ଜନ ସାହୁଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ଏହି ଘଟଣାକୁ ନେଇ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। କୌଣସି ପରିସ୍ଥିତିରେ ସେମାନେ ଆଉ ଡ୍ୟୁଟି କରିବେ ନାହିଁ ବୋଲି ଅଡି ବସିଛନ୍ତି। ଅନ୍ୟପକ୍ଷେ ଟାଉନ୍ ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରି ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଖୋଜିବା ଅଭିଯାନ ଆରମ୍ଭ କରିଛି।



ଆହତ ଡାକ୍ତରୀ ଛାତ୍ର ବିଶ୍ୱରଞ୍ଜନ ସାହୁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପୂର୍ବରୁ ଯେଉଁ କାମଟିକୁ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିଲେ, ଆଜି ତାହା ଅନୁକୂଳ ବାତାବରଣରେ ସମ୍ପନ୍ନ ହେବ। ପ୍ରିୟ ବ୍ୟକ୍ତିଙ୍କ ନିକଟ ଭବିଷ୍ୟତରେ ଅନୁପସ୍ଥିତିର ଆଶଙ୍କା କରି ମନ ବ୍ୟାକୁଳ ହୋଇପାରେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇବେ। ପଦାଧିକାରୀଙ୍କ ଆଦେଶାନୁସାରେ ବହୁ ଦାୟିତ୍ୱ ହାତକୁ ନେବାକୁ ପଡ଼ିବ।

**ବୃଷ** କୌଣସି ଏକ ସାଧାରଣ କଥାକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଜୋରଦାର ଉଦ୍ୟମ କରି ସଫଳ ହେବେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥକୈନ୍ଦ୍ରିକ ହୋଇପଡ଼ିବ। ପରିବାର ଭିତରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** ଲକ୍ଷ୍ୟ ହାସଲ ପରିପ୍ରେକ୍ଷୀରେ ମଧୁର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ଆକର୍ଷିତ କରିପାରିବେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ କଷ୍ଟ ସ୍ୱୀକାର କରିବାକୁ ପଡିବ। ପାରିବାରିକ ଅଶାନ୍ତି ବଢୁଥିବାରୁ ନୀରବ ରହିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ଭଲ କାମ କଲେ ମଧ୍ୟ ସମାଲୋଚିତ ହୋଇପାରନ୍ତି।

**କର୍କଟ** ଉପସ୍ଥିତବୁଦ୍ଧି ଖଟାଇ ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କରିବେ। ଅତ୍ୟାବଶ୍ୟକ ଜିନିଷଟି ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା କାମଗୁଡ଼ିକ ସକାଶେ ସାମୟିକ ବାଧା ସୃଷ୍ଟି କରିପାରେ।

**ସିଂହ** ଆଲୋଚନା ପରିସରରେ ସତ କଥା କହିବାରୁ କେତେଜଣ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଶାରୀରିକ ଅସୁସ୍ଥତା ଅନୁଭବ କରି ନିଜକୁ ସଙ୍କୁଚିତ ମନେକରିବେ। କର୍ମକ୍ଷେତ୍ରରେ କୌଣସି କର୍ମଚାରୀଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହେବ। ମନରେ ଭାବୁଥିବା କଥାଟିକୁ ହଠାତ୍ ସହକର୍ମୀଙ୍କ ଆଗରେ ପ୍ରକାଶ କରନ୍ତୁ ନାହିଁ।

**କନ୍ୟା** ଆକସ୍ମିକ ଭାବରେ କିଛି କର୍ମାରମ୍ଭ ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ଆନୁଷ୍ଠାନିକ କାମରେ ଅନ୍ୟମାନଙ୍କ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ଅସମର୍ଥିତ କ୍ଷେତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଅପ୍ରିୟସତ କଥା ପ୍ରକାଶ କରି ସମସ୍ୟାକୁ ବଢ଼ାଇ ଦେଇ ପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ମତଭେଦ ଘଟିବାର ଆଶଙ୍କା ରହିଛି। ଦୀର୍ଘଦିନରୁ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ। ଆର୍ଥିକ ସଙ୍କଟ କେତେକ ବ୍ୟତିକ୍ରମ ସୃଷ୍ଟି କରିବ କିନ୍ତୁ କାମ ଅଟକିବ ନାହିଁ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ସାଂସ୍କୃତିକ କାର୍ଯ୍ୟରେ ଉନ୍ନତମାନର ଫଳ ପାଇବେ।

**ବିଛା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସମର୍ଥନ ନ ପାଇବା ହେତୁ କେତେକ କାମରେ ଦୂରେଇ ରହିବାକୁ ବାଧ୍ୟ ହେବେ। ଗାଡି, ମୋଟର, ପୁରୁଣା ଘର ମରାମତି ସକାଶେ ଯୋଜନା ପ୍ରଣୟନ କରିପାରନ୍ତି। ଟେନସନ୍ ଦୂର ହେବ ଓ ଅଟକି ରହିଥିବା କାମ ସମ୍ପନ୍ନ ହେବ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର , ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ।

**ଧନୁ** ବିଭିନ୍ନ କାମର ଚାପ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବ୍ୟବସାୟ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ନଚେତ୍ ମନସ୍ତାପ କରିବାକୁ ପଡ଼ିପାରେ। କେତେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ, ମାତ୍ର ଇଚ୍ଛା କରୁଥିବା ଜିନିଷଟି ନିଶ୍ଚିତ ପାଇବେ। ବନ୍ଧୁଙ୍କ ସମ୍ମୁଖରେ ମନର ଗୋପନ ବ୍ୟଥାକୁ ସହି ପାରିବେ ନାହିଁ କିମ୍ବା କହି ପାରିବେ ନାହିଁ।

**ମକର** ଅନୁକୂଳ ସମୟ ନ ଥିବା କାରଣରୁ ଘରେ ଓ ବାହାରେ ସବୁଠି ଅଶାନ୍ତିର ଝଲକ ଅନୁଭବ କରିବେ। ନିଜ ଲୋକଙ୍କୁ ଛାଡିପାରିବେ ନାହିଁ କିମ୍ବା ସେମାନଙ୍କ ଉପରେ ଭରସା କରିପାରିବେ ନାହିଁ। ସଭାସମିତି, ପରିବହନ, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଭାଙ୍ଗିପଡିଥିବା ସମ୍ପର୍କ ଯୋଡିବାକୁ ଯୋଜନା କରିବେ।

**କୁମ୍ଭ** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା କିମ୍ବା ବିଶୃଙ୍ଖଳାକୁ ନେଇ ମନ ଭାରାକ୍ରାନ୍ତ ରହିପାରେ। ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ ସମସ୍ୟା ପ୍ରତି ବୀତସ୍ପୃହ ରହିପାରନ୍ତି। କେତେକ କ୍ଷେତରେ ନିଜର ସ୍ୱକୀୟ ମତ ପୋଷଣ କରି ସମାଲୋଚିତ ହେବାକୁ ପଡିବ। ପିଲାଙ୍କ ବିବାହ ସମ୍ପର୍କିତ ପ୍ରସ୍ତୁତି ସକାଶେ ବନ୍ଧୁଙ୍କ ସହ ଆଲୋଚନା ଆରମ୍ଭ କରିପାରନ୍ତି।

**ମୀନ** ପରିବାରରେ ସମସ୍ୟା ସମାଧାନ, ନିର୍ମାଣରେ ଅଗ୍ରଗତି ଓ ଜମିଜମା କ୍ରୟବିକ୍ରୟ ଆଲୋଚନାରେ ସଫଳତା ମିଳିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବା କଷ୍ଟକର ହୋଇପାରେ। ପର କଥାରେ ମୁଣ୍ଡ ନ ପୂରାଇବା ଭଲ କାରଣ ଅଯଥା ଟେନ୍ସନ ବଢ଼ିବ। ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ବିବାଦୀୟ ସମସ୍ୟାର ସରଳ ସମାଧାନ ହୋଇଯିବ।

ଆଜି ପୌଷ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ଶୁକ୍ରବାର, ଡିସେମ୍ବର ୨୯ ତାରିଖ। ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬।୨୩ ଗତେ ଘ.୦୭।୦୭ ମଧ୍ୟେ, ଘ.୦୭।୫୦ ଗତେ ଘ.୦୯।୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୨୭ ମି ଗତେ ଘ.୧୧।୪୮ ମି ମଧ୍ୟେ ରାହୁ କାଳ।

झारखण्ड सरकार
GOVERNMENT OF JHARKHAND

जोहार

4 वर्ष

अबुआ आवास
किसान पाठशाला मुख्यमंत्री रोजगार सृजन
कृषि ऋण माफी बिरसा हरित ग्राम
सावित्रीबाई फुले किशोरी समृद्धि
ग्रामीण सड़क सुदृढ़ीकरण
सोना सोबरन धोती साड़ी
साइकिल वितरण
सरना आदिवासी धर्म कोड
100 यूनिट मुफ्त बिजली
बिरसा सिंचाई कूप
JSSC नियुक्तियां
JPSC नियुक्तियां
मुख्यमंत्री पशुधन
प्री एवं पोस्ट मैट्रिक छात्रवृत्ति
गुरुजी स्टूडेंट क्रेडिट कार्ड
1932 खतियान
ओबीसी-27%, एसटी-28%, एससी-12% आरक्षण
मरङ गोमके पारदेशीय छात्रवृत्ति
हरा राशन कार्ड
आपकी योजना आपकी सरकार आपके द्वार
फूलो झानो आशीर्वाद
अबुआ बीर अबुआ दिशोम
महिला सशक्तिकरण
CM उत्कृष्ट विद्यालय
निजी क्षेत्र में 75% आरक्षण
सर्वजन पेंशन
मुख्यमंत्री ग्राम गाड़ी

युवा झारखण्ड के बढ़ते कदम...

कार्यक्रम
दिनांक : 29 दिसंबर, 2023
समय : अपराह्न 1 बजे से
स्थान : मोरहाबादी मैदान, रांची



हेमन्त सोरेन
मुख्यमंत्री, झारखण्ड

सूचना एवं जनसंपर्क विभाग, झारखण्ड सरकार
PR-314645 (IPRD) 2023-24

ତୁମ ହୃଦୟରେ ସର୍ବଦା ସମସ୍ତଙ୍କ ପାଇଁ ଶୁଭେଚ୍ଛା ଜାଗ୍ରତ ହୋଇ ଥାଉ। ପ୍ରେମ ମଧ୍ୟ ଜାଗ୍ରତ ହୋଇ ଥାଉ ଏବଂ ତୁମେ ସେସବୁକୁ ଖୁବ୍ ଶାନ୍ତ ଭାବରେ ଓ ସମଭାବରେ ସବୁଠାରେ ବୁଣି ଦେଇ ଯାଅ। **–ଶ୍ରୀମା**



# କ୍ରେଡିଟ୍ ରେଟିଂ ପ୍ରଭାବ





ଏମିଲି ୱିଲକିନଶନ
ବରିଷ୍ଠ ଗବେଷକ

କାନ୍ନି ୱିଗନାରାଜା
ଜାତିସଂଘ ସହକାରୀ ମହାସଚିବ

ମାଲଦ୍ୱୀପର ପ୍ରବାଳ ଦ୍ୱୀପପୁଞ୍ଜ ଓ ପାଚେରି ଏବେ ବିପଦରେ। ମାଲଦ୍ୱୀପରେ ୮୦% ଲୋକ ସମୁଦ୍ର ପତ୍ତନରୁ ମାତ୍ର ୧ ମିଟର ଉଚ୍ଚରେ ରହୁଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ର ପତ୍ତନ ବୃଦ୍ଧି ହେଲେ ଅନେକ ଦ୍ୱୀପ ବାସ ଅନୁପଯୋଗୀ ହୋଇଯାଇପାରେ। ଏହି ଶତାବ୍ଦୀ ଶେଷ ସୁଦ୍ଧା ସେଠାରେ ୫ ଲକ୍ଷ ଲୋକ ସ୍ଥାନାନ୍ତର ହେବା ସମ୍ଭାବନା ମଧ୍ୟ ଅଛି। ତେବେ ମାଲଦ୍ୱୀପ ଏହି ବିପଦକୁ ସାମ୍ନା କରିବା ଲାଗି ପ୍ରବାଳ ପାଚେରିର ପୁନରୁଦ୍ଧାରଠାରୁ ଆରମ୍ଭକରି ଭାସମାନ ସୌରଶକ୍ତି ବ୍ୟବସ୍ଥା ଯାଏ ଅନେକ ନୂତନ ପଦକ୍ଷେପ ଗ୍ରହଣ କରିଛି। କିନ୍ତୁ ପ୍ରବାଳକୁ ବଞ୍ଚାଇବା ଏତେ ସହଜ ନୁହେଁ। ବ୍ୟାପକ ପର୍ଯ୍ୟଟନ ଭିତ୍ତିଭୂମିରୁ ମାଲଦ୍ୱୀପ ଅତ୍ୟଧିକ ଆୟ କରେ। କିନ୍ତୁ ଅନ୍ୟ ଦେଶଗୁଡ଼ିକ ଭଳି ଏହା କୋଭିଡ୍-୧୯ ମହାମାରୀରେ ଭୀଷଣ କ୍ଷତିଗ୍ରସ୍ତ ହୋଇଥିଲା ଓ ଏହାର ପର୍ଯ୍ୟଟନ ଅଟକିଯାଇଥିଲା। ୨୦୨୧ରେ କରୋନା କଟକଣା କୋହଳ ହେବା ପରେ ପର୍ଯ୍ୟଟନ ପୁନର୍ବାର ଫେରିଥିଲା ଓ ଆର୍ଥିକ ପୁନରୁଦ୍ଧାର ଶୀଘ୍ର ହୋଇପାରିଥିଲା । କିନ୍ତୁ ସେହି ପୁନରୁଦ୍ଧାର ଦୁଇଟି କ୍ରମାଗତ କ୍ରେଡିଟ୍ ରେଟିଂ (ଋଣ କରୁଥିବା ଦେଶଗୁଡ଼ିକର ଏକ ଆକଳନ ଯାହା ସମୟାନୁସାରେ ପରିଶୋଧ କରିବାକୁ ସକ୍ଷମତାକୁ ନିର୍ଦ୍ଧାରିତ କରେ) ହ୍ରାସ ଦ୍ୱାରା ବାଧାପ୍ରାପ୍ତ ହେଲା । ପ୍ରଥମେ ମୁଡିସ୍ ଏବଂ ପରେ ଫିଚ୍ ଦ୍ୱାରା ଏହା କରାଗଲା। ଏହାଫଳରେ ସୁଧ ହାର ଓ ଅନ୍ୟାନ୍ୟ ଖର୍ଚ୍ଚ ଅଧିକ ବୃଦ୍ଧି ପାଇଲା । ପରିଣାମ ସ୍ୱରୂପ ମାଲଦ୍ୱୀପକୁ ଅନ୍ତଃରାଷ୍ଟ୍ରୀୟ ବଜାରରୁ ବାହାରକରି ଦିଆଯାଇଛି। ୨୦୨୧ ପରଠାରୁ ବିକାଶ କାର୍ଯ୍ୟକ୍ରମ ପାଣ୍ଠି ପାଇଁ ଏହାକୁ ଗୋଟିଏ ହେଲେ ବି ବଣ୍ଡ୍ ଦିଆଯାଇନାହିଁ।

କେବଳ ମାଲଦ୍ୱୀପ ନୁହେଁ,ମହାମାରୀ ସମୟରେ ଜଳବାୟୁ ପରିବର୍ତ୍ତନ ବିପଦରେ ଥିବା ୧୬ଟି ସ୍ମଲ୍ ଆଇଲାଣ୍ଡ ଡେଭଲପିଂ ଷ୍ଟେଟ୍ସ (ଏସ୍ଆଇଡିଏସ୍) ମଧ୍ୟରୁ ୧୧ଟିକୁ ମଧ୍ୟ କ୍ରେଡିଟ ରେଟିଂ ଏଜେନ୍ସି ମୁଡିସ୍, ଫିଚ୍ ଓ ଷ୍ଟାଣ୍ଡାର୍ଡ ଆଣ୍ଡ ପୁଅର୍ସ ମଧ୍ୟରୁ ଅତିକମ୍‌ରେ ଗୋଟିଏ ଦ୍ୱାରା ନକାରାତ୍ମକ କିମ୍ବା ନିମ୍ନମାନର ରେଟିଂକୁ ସାମ୍ନା କରିବାକୁ ପଡ଼ିଛି। ବାସ୍ତବରେ ଏହା ଆର୍ଥିକ ବିକାଶ ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା ପଦକ୍ଷେପ ପାଇଁ ଏକ ବଡ଼ ବିପର୍ଯ୍ୟୟ । ଏକ ଦେଶର ଋଣ ପ୍ରାପ୍ୟ ଯୋଗ୍ୟତାର ଶେଷ ମାପାଙ୍କ ଭାବରେ କ୍ରେଡିଟ ରେଟିଂର ବ୍ୟବହାର ଦୀର୍ଘଦିନରୁ ଆର୍ଥିକ ସ୍ଥିରତା ପାଇଁ ବିପଦ ବୋଲି ଗ୍ରହଣ କରାଯାଇଛି ;ବିଶେଷକରି ଗ୍ଲୋବାଲ ସାଉଥ୍‌ରେ। ତେବେ କ୍ରେଡିଟ୍ ରେଟିଂ ହ୍ରାସର ଏକ ବିରାଟ ପ୍ରଭାବ ରହିଥିଲେ ମଧ୍ୟ କ୍ରେଡିଟ୍ ରେଟିଂ ଇଣ୍ଡଷ୍ଟ୍ରି ନିଜେ ସ୍ୱଚ୍ଛ କିମ୍ବା ପ୍ରତିଯୋଗୀ ହୋଇପାରିନାହିଁ । ନିକଟରେ ୟୁଏନ୍‌ଡିଇଏସ୍ଏ (ଜାତିସଂଘ ଆର୍ଥିକ ଓ ସାମାଜିକ ବ୍ୟାପାର ବିଭାଗ)ର ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମହାମାରୀ ସମୟରେ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକର କ୍ରେଡିଟ୍ ରେଟିଂ ମୋଟ ୧୨୫ ପଏଣ୍ଟ କମିଥିଲାବେଳେ



ବିକଶିତ ଦେଶଗୁଡ଼ିକ ଋଣ ଉପରେ ଖୁବ୍ ଶୀଘ୍ର ଚୁକ୍ତି କରାଯାଇଥିଲା ଓ ସେମାନଙ୍କର ରେଟିଂ କେବଳ ୬ ପଏଣ୍ଟ ହ୍ରାସ କରାଯାଇଥିଲା। ଏହା ସମ୍ଭବତଃ ଏକ ଆଂଶିକ ସତ୍ୟକୁ ପ୍ରତିଫଳିତ କରିଛି ଯେ,୩ଟି ବୃହତ୍ କାର୍ବନ ରେଟିଂ ସଂସ୍ଥା ଗ୍ଲୋବାଲ ନର୍ଥକୁ ନିୟନ୍ତ୍ରଣ କରିଥିଲେ। ତେବେ ରେଟିଂ ନିଷ୍ପତ୍ତିରେ ବହୁସମୟରେ ବିଚାରଗତ ପକ୍ଷପାତ ଲକ୍ଷ୍ୟ କରାଯାଏ। ଋଣ ପରିଶୋଧ କରିବାରେ ସରକାରଙ୍କ ଦକ୍ଷତା ମୂଲ୍ୟାୟନ ପରୋକ୍ଷରେ ଜଳବାୟୁ ସମ୍ବନ୍ଧୀୟ ବିପଦକୁ ଆୟତ୍ତ କରିଥାଏ। କିନ୍ତୁ ସ୍ଥାୟୀ ଋଣର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଥିବା ସତ୍ତ୍ୱେ ଜଳବାୟୁ ପରିବର୍ତ୍ତନ ମୁକାବିଲାର ପ୍ରୟାସକୁ ଅଣଦେଖା କରାଯାଉଛି।

ଏସ୍ଆଇଡିଏସ୍‌ଗୁଡ଼ିକ ବିଶ୍ୱରେ ସବୁଠୁ ଋଣଗ୍ରସ୍ତ ଦେଶ। ୨୦୨୦ରେ ଜିଡିପିରେ ସେମାନଙ୍କ ସାର୍ବଜନୀନ ଋଣ ହାର ଥିଲା ୮୨.୫% ଏବଂ ୨୦୨୫ ଯାଏ ୭୦%ରୁ ଅଧିକ ରଖିବାକୁ ସ୍ଥିର କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ କାରଣ କାହିଁକି? ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଦ୍ୱାରା ୨୦୧୮ରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଜଳବାୟୁ ବିପଦ ଋଣର ହାରାହାରି ସୁଧକୁ ପୂର୍ବ ଦଶନ୍ଧି ତୁଳନାରେ ୧୧୭ ଆଧାର ପଏଣ୍ଟ ବୃଦ୍ଧି କରିଛି ଏବଂ ସେମାନଙ୍କୁ ଅତିରିକ୍ତ ସୁଧ ୪୦ ବିଲିୟନ ଡଲାର ଦେବାକୁ ବାଧ କରିଛି। ଆଉ କେତେକେ ପୂର୍ବାନୁମାନ କରିଛନ୍ତି , ଆସନ୍ତା ଦଶନ୍ଧି ମଧ୍ୟରେ ଏହା ୧୪୬-୧୬୮ ବିଲିୟନ ଡଲାରକୁ ବୃଦ୍ଧି ପାଇବ। ଏହା ଏସ୍ଆଇଡିଏସ୍ ପାଇଁ ବିପଜ୍ଜନକ ହେବ। ଯଦି ଏହି ଦେଶଗୁଡ଼ିକ ଜଳ ପତ୍ତନ ବୃଦ୍ଧିଜନିତ ବିପଦରୁ ମୁକ୍ତହେବାକୁ ଚାହାନ୍ତି, ତେବେ ସେମାନେ ନିରନ୍ତର ଅଭିବୃଦ୍ଧି ଏବଂ ନାଗରିକ, ଭିତ୍ତିଭୂମି, ଶକ୍ତି ଓ ଖାଦ୍ୟ ସୁରକ୍ଷା ବିକାଶ କ୍ଷେତ୍ରରେ ବିନିଯୋଗ କରିବାକୁ ସକ୍ଷମ ହେବା ଦରକାର। କିନ୍ତୁ ସେମାନଙ୍କର ସୁଧ ଖର୍ଚ୍ଚ ବହୁ ଅଧିକ। ବିଶ୍ୱସ୍ତରରେ ଜଳବାୟୁ ମୁକାବିଲା ପାଇଁ ଚୁକ୍ତିନାମା ମାଧ୍ୟମରେ ପ୍ରଦାନ କରାଯାଇଥିବା ଅର୍ଥଠାରୁ ଏହା ବହୁ ଅଧିକ। ୨୦୧୬ ରୁ ୨୦୨୦ ପର୍ଯ୍ୟନ୍ତ, ଏସ୍ଆଇଡିଏସ୍ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରି ସେମାନଙ୍କର ସ୍ଥିରତାକୁ ଦୃଢ କରିବା ପାଇଁ ବିକାଶ ଏବଂ ଜଳବାୟୁ ପାଣ୍ଠିରୁ ୯.୪୨ ବିଲିୟନ ଡଲାର ପାଇଲା ଏବଂ ବାହ୍ୟ ଋଣଦାତାମାନଙ୍କୁ ୨୬.୬ ବିଲିୟନ ଡଲାର ପ୍ରଦାନ କଲା।

ଉଲ୍ଲେଖଯୋଗ୍ୟ, ଜି୨୦ର କମନ ଫ୍ରେମ୍‌ୱାର୍କ ଫର୍ ଡେବିଟ ଟ୍ରିଟ୍‌ମେଣ୍ଟରେ ଅଂଶଗ୍ରହଣ କରୁଥିବା ଦେଶଗୁଡ଼ିକ ରେଟିଂ ହ୍ରାସ୍‌ଜନିତ ବିପଦର ସମ୍ମୁଖୀନ ହେଉଛନ୍ତି । ତେବେ ଆଶ୍ଚର୍ଯ୍ୟ ଯେ, କେବଳ ୩ଟି ଯୋଗ୍ୟ ଦେଶ କମନ ଫ୍ରେମ୍‌ୱାର୍କ ଅଧୀନରେ ରିଲିଫ ପାଇଁ ଆବେଦନ କରିଛନ୍ତି। କମ୍ ରେଟିଂରେ ଥିବା ଦେଶଗୁଡ଼ିକ ସେମାନଙ୍କର ଋଣର ପୁନଃ ବୁଝାମଣା କରିବାକୁ ଚେଷ୍ଟା କରନ୍ତି, ଯାହାର ପ୍ରାୟ ଅଧା ପ୍ରାଇଭେଟ ବଣ୍ଡ୍ ହୋଲ୍ଡରଙ୍କ ଦ୍ୱାରା କରାଯାଇଥାଏ । ଏହା ଏକ ଭୟଙ୍କର ଝଟକା। କାରଣ ଏହା ସେମାନଙ୍କର ଏବଂ ଅନ୍ତର୍ଜାତୀୟ ଋଣ ବଜାର ମଧ୍ୟରେ ପୂର୍ବରୁ ରହିଥିବା ପ୍ରତିବନ୍ଧକକୁ ଆହୁରି ଦୃଢ କରିଥାଏ। ସୁରକ୍ଷିତ, ସମୃଦ୍ଧ ଓ ଜଳବାୟୁ ସହନୀୟ ଦେଶଗୁଡ଼ିକ ଅନ୍ୟ ଦେଶଗୁଡ଼ିକ ତୁଳନାରେ ନିଶ୍ଚିତ ଭାବେ ଭଲ। ଏପରିକି ଏମାନେ ପ୍ରାଇଭେଟ୍ ଋଣଦାତା ଏବଂ ବିକଶିତ ଦେଶଗୁଡ଼ିକଠାରୁ ମଧ୍ୟ ଉତ୍ତମ। ଏମାନେ ଅସ୍ଥିର ଓ ଋଣବୋଝରେ ବୁଡ଼ିଯାଇଥିବା ତଥା ଅତ୍ୟଧିକ ପରିବେଶଗତ ବିସ୍ଥାପନ ଓ ମାନବୀୟ କ୍ଷତି ସହୁଥିବା ଦେଶଗୁଡ଼ିକଠାରୁ ବି ଭଲ। କ୍ରେଡିଟ୍ ରେଟିଂ ଯଦି ଏକ ବଜାର ପରିମାପକ ଭାବେ ରହେ ତେବେ ସେମାନଙ୍କୁ ପାରଦର୍ଶୀ, ନିଷ୍ପକ୍ଷ ଏବଂ ସୃଜନାତ୍ମକ କରାଯିବା ଦରକାର।

ଶେଷରେ ଜାତିସଂଘ ମାନବ ଅଧିକାର ଆୟୋଗ ସଙ୍କଟ ସମୟରେ କ୍ରେଡିଟ ରେଟିଂ ସ୍ଥଗିତ ରଖିବା ପାଇଁ ଆହ୍ୱାନ ଦେଇଛି। ପରିବର୍ତ୍ତନଶୀଳ ମୌଳିକତାକୁ ନିୟନ୍ତ୍ରଣ କରିବାକୁ ବଜାରକୁ ଅନୁମତି ଦେବା ପାଇଁ ସିଆର୍‌ଏଗୁଡ଼ିକ ମଧ୍ୟ ଅସ୍ଥିରତା ସମୟରେ ଆର୍ଥିକ ସମୀକ୍ଷାଗୁଡ଼ିକୁ ପ୍ରକାଶ ନ କାରିବା ଉଚିତ। ସିଆର୍‌ଏର ଆଦର୍ଶଗତ ପକ୍ଷପାତ ଏବଂ ସ୍ୱଚ୍ଛତାର ଅଭାବକୁ ବିକେନ୍ଦ୍ରୀକରଣ କିମ୍ବା ଆଞ୍ଚଳିକ ଅବା ବହୁପକ୍ଷୀୟ ରେଟିଂ ଏଜେନ୍ସି ଗଠନକରି ସମାଧାନ କରାଯାଇପାରିବ । ଶେଷରେ, ଜଳବାୟୁ ବିପଦର ମୁକାବିଲାର ପ୍ରୟାସ କିପରି ସେମାନଙ୍କ ପଦ୍ଧତି ସହ ଖାପ ଖାଇବ ସେ ସମ୍ପର୍କରେ ସିଆର୍‌ଏଗୁଡ଼ିକ ମାର୍ଗଦର୍ଶନ କରିବା ଆବଶ୍ୟକ।

ଯେହେତୁ ଡୋଡ୍ଡ-ଫ୍ରାଙ୍କ୍ ଆକ୍ଟ ମାଧ୍ୟମରେ ୨୦୦୮ ବିଶ୍ୱ ଆର୍ଥିକ ସଙ୍କଟ ପରେ ଯୁକ୍ତରାଷ୍ଟ୍ରରେ କ୍ରେଡିଟ୍-ରେଟିଂ ବ୍ୟବସ୍ଥାରେ ସଂସ୍କାର କରାଯାଇଥିଲା, ବର୍ତ୍ତମାନ ଏସ୍ଆଇଡିଏସ୍ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଦୃଷ୍ଟିରେ ରଖି ସିଆର୍‌ଏଗୁଡ଼ିକୁ ଉନ୍ନତ କରିବାକୁ ହେବ। ଜଳବାୟୁ ସଙ୍କଟ ସହ ଜଡ଼ିତ ଅଗ୍ନିକାଣ୍ଡ ଏବଂ ବନ୍ୟା ସୃଷ୍ଟି କରିବାରେ ସେମାନଙ୍କର କୌଣସି ହାତ ନ ଥିଲା। ଏହି ଦେଶଗୁଡ଼ିକ ଦଣ୍ଡ ପାଇବାକୁ ନୁହେଁ, ବରଂ ସମର୍ଥନ ପାଇବାକୁ ଯୋଗ୍ୟ।

# ପ୍ରାଚୀନ ମୁଦ୍ରା



ଡ. ଭାରତୀ ପାଲ୍

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଡିସେମ୍ବର ୨୯ରେ ୯୦ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ୧୯୩୨ରେ ଏହି ସଂଗ୍ରହାଳୟ ରେଭେନ୍‌ଶା ମହାବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଭୁବନେଶ୍ୱରରେ ଡିସେମ୍ବର ୨୯ରେ ତତ୍କାଳୀନ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ କରକମଳରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଐତିହ୍ୟର ମୂକସାକ୍ଷୀ। ଭାରତବର୍ଷ ଏପରିକି ବିଶ୍ୱରେ ଥିବା ସଂଗ୍ରହାଳୟ ମଧ୍ୟରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ସଂଗ୍ରହାଳୟ ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଐତିହାସିକ ଏପରିକି ଆଧୁନିକ ଯୁଗର ବିଭିନ୍ନ ବିରଳ କଳାକୃତି ଦ୍ୱାରା ଭରପୂର। ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ବିଭିନ୍ନ ବିଭାଗ ମଧ୍ୟରୁ ମୁଦ୍ରା ବିଭାଗଟି ଉଭୟ ଗବେଷକ ଏବଂ ସାଧାରଣ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଛି। ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ମୁଦ୍ରା ଯଥା ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ଆଦି ଧାତୁରେ ନିର୍ମିତ ମୁଦ୍ରା ଗଚ୍ଛିତ ହୋଇରହିଅଛି। ଏହି ପ୍ରାଚୀନ ମୁଦ୍ରା ପ୍ରାଚୀନ ଇତିହାସକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରେ।

ଓଡ଼ିଶାରେ ଆବିଷ୍କୃତ ସର୍ବ ପ୍ରାଚୀନ ମୁଦ୍ରା ରୌପ୍ୟ ଲାଞ୍ଛନ । ଏହି ମୁଦ୍ରା ସମଗ୍ର ଭାରତବର୍ଷରେ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରୁ ଦେଖିବାକୁ ମିଳେ। ଓଡ଼ିଶାରେ ମୁଖ୍ୟତଃ ଦୁଇ ପ୍ରକାର ଲାଞ୍ଛନ ମୁଦ୍ରା ଦେଖିବାକୁ ମିଳେ। ଏହାକୁ ଜନପଦ ବା ଆଞ୍ଚଳିକ ମୁଦ୍ରାଭାବେ ଐତିହାସିକମାନେ ଅଭିହିତ କରିଥାନ୍ତି। ଏହି ମୁଦ୍ରା ସାଧାରଣତଃ ଷୋଡ଼ଶ ଜନପଦ ଯଥା ପୁରାଣ ବର୍ଣ୍ଣିତ ଅଙ୍ଗ, ବଙ୍ଗ, କଳିଙ୍ଗ, ପାଞ୍ଚାଳ, କୋଶଳ ଆଦି ରାଜ୍ୟରେ ଆବିଷ୍କୃତ ହୋଇଅଛି। ଦ୍ୱିତୀୟ ପ୍ରକାର ମୁଦ୍ରାଗୁଡ଼ିକ ସାଧାରଣ ବା ମୌର୍ଯ୍ୟ ଯୁଗୀୟ ମୁଦ୍ରା କୁହାଯାଏ। ଏହି ମୁଦ୍ରାଗୁଡ଼ିକ ଚତୁଷ୍କୋଣ, ତ୍ରିକୋଣ ବା ବହୁକୋଣବିଶିଷ୍ଟ ହୋଇଥାଏ। ଏହି ମୁଦ୍ରାଗୁଡ଼ିକର ଗୋଟିଏ ପାର୍ଶ୍ୱରେ ପାଞ୍ଚଗୋଟି ପ୍ରତୀକ ଏବଂ ଅନ୍ୟ ପାର୍ଶ୍ୱରେ ଏକ ବା ଦୁଇଟି ପ୍ରତୀକ ଦେଖିବାକୁ ମିଳିଥାଏ। ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀର, ଭୁବନେଶ୍ୱର ଶିଶୁପାଳଗଡ଼ ଆଦି ସ୍ଥାନରୁ ମୁଦ୍ରାଗୁଡ଼ିକ ବହୁଳ ପରିମାଣରେ ଆବିଷ୍କୃତ ହୋଇଅଛି।

ପରବର୍ତ୍ତୀ ପର୍ଯ୍ୟାୟରେ ଭାରତବର୍ଷର ଉତ୍ତରପ୍ରଦେଶ ଓ ଉତ୍ତର ପଶ୍ଚିମ ସୀମାନ୍ତରେ ରାଜତ୍ୱ କରୁଥିବା କୁଷାଣ ରାଜବଂଶ ଦ୍ୱାରା ପ୍ରଚଳିତ ତାମ୍ରମୁଦ୍ରା ଅନୁକରଣରେ ପୁରୀ-କୁଷାଣ ମୁଦ୍ରା ଦେଖିବାକୁ ମିଳେ। ଏହି କୁଷାଣ ପ୍ରତିରୂପ ମୁଦ୍ରାଗୁଡ଼ିକ ପ୍ରଥମେ ପୁରୀ ଜିଲା ମାଣିକପାଟଣା ନିକଟରୁ ଆବିଷ୍କୃତ ହୋଇଥିବାରୁ ଏହାକୁ ପୁରୀ-କୁଷାଣ ମୁଦ୍ରା ନାମରେ ଐତିହାସିକମାନେ ନାମିତ କରିଛନ୍ତି। ଓଡ଼ିଶାରୁ ଅନେକ ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ତାମ୍ର ଧାତୁବିଶିଷ୍ଟ ଏହି ମୁଦ୍ରା ଆବିଷ୍କୃତ ହୋଇ ରାଜ୍ୟ ସଂଗ୍ରହାଳୟରେ ଅଛି। ଏହି ମୁଦ୍ରାଗୁଡ଼ିକର ଗୋଟିଏ ପାର୍ଶ୍ୱରେ କୁଷାଣ ରାଜା କନିଷ୍କ, ହୁବିଷ୍କ, ବାସୁଦେବ ଆଦିଙ୍କର ପ୍ରତିଛବି ଦେଖିବାକୁ ମିଳେ ଏବଂ ଅନ୍ୟ ପାର୍ଶ୍ୱରେ ଚନ୍ଦ୍ର ବା ଅର୍ଦ୍ଧଚନ୍ଦ୍ରର ପ୍ରତୀକ ଦେଖାଯାଏ। ତାମ୍ରମୁଦ୍ରା ବ୍ୟତୀତ ଏହି ବଂଶର ପାଞ୍ଚଟି ସ୍ୱର୍ଣ୍ଣମୁଦ୍ରା ମଧ୍ୟ ଆବିଷ୍କୃତ ହୋଇଅଛି।

ଖ୍ରୀଷ୍ଟୀୟ ତୃତୀୟ ୪ର୍ଥ ଶତାବ୍ଦୀରେ ଗୁପ୍ତ ସାମ୍ରାଜ୍ୟର ଅଭ୍ୟୁଦୟ ଘଟିଲା। ଏହି ବଂଶର ଶାସକମାନେ ଯଥା ଚନ୍ଦ୍ର ଗୁପ୍ତ, ସମୁଦ୍ର ଗୁପ୍ତ, ଚନ୍ଦ୍ର ଗୁପ୍ତ ଦ୍ୱିତୀୟ, କୁମାର ଗୁପ୍ତ ଆଦି ରାଜାମାନେ ସୁବର୍ଣ୍ଣ ମୁଦ୍ରା ବହୁଳ ଭାବରେ ପ୍ରବର୍ତ୍ତନ କରିଥିଲେ। ଖ୍ରୀଷ୍ଟାବ୍ଦ ୪ର୍ଥ ଶତାବ୍ଦୀରେ ସମୁଦ୍ର ଗୁପ୍ତଙ୍କର ଦାକ୍ଷିଣାତ୍ୟ ଅଭିଯାନ ସମୟରେ କଳିଙ୍ଗ ରାଷ୍ଟ୍ରର ପାର୍ବତ୍ୟ ଅଞ୍ଚଳ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଶାସକମାନେ ବିଶେଷ କରି ଦକ୍ଷିଣ କୋଶଳର ଅନେକ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ ଏବଂ ଏହି ରାଜାମାନେ ତାଙ୍କର ସାର୍ବଭୌମତ୍ୱ ସ୍ୱୀକାର କରିଥିଲେ। ଓଡ଼ିଶାରେ ଚନ୍ଦ୍ର ଗୁପ୍ତ ଏବଂ କୁମାରଦେବୀଙ୍କର ଯୁଗ୍ମ ପ୍ରତୀକ ଥିବା ମୁଦ୍ରା, ସମୁଦ୍ର ଗୁପ୍ତଙ୍କ ବୀଣା ବଜାଇବା ଦୃଶ୍ୟ, ଚନ୍ଦ୍ର ଗୁପ୍ତ ଦ୍ୱିତୀୟ ଏବଂ କୁମାର ଗୁପ୍ତଙ୍କର ଧନୁତୀରଧାରୀ ମୁଦ୍ରା ଆବିଷ୍କୃତ ହୋଇଅଛି। ଏହି ମୁଦ୍ରାରେ ଦେବୀ ଲକ୍ଷ୍ମୀଙ୍କର ପ୍ରତୀକ ଦେଖିବାକୁ ମିଳେ। ସେହିପରି ଖ୍ରୀଷ୍ଟାବ୍ଦ ୬ଷ୍ଠ-୭ମ ଶତାବ୍ଦୀରେ ଦକ୍ଷିଣ କୋଶଳ ଅର୍ଥାତ୍ ଓଡ଼ିଶାର କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର ଏବଂ ସମ୍ବଲପୁର ଅଞ୍ଚଳ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଅଞ୍ଚଳରେ ଶାସନ କରୁଥିବା ଶରଭପୁରୀୟ ଶାସକମାନେ ମଧ୍ୟ ସ୍ୱର୍ଣ୍ଣମୁଦ୍ରା ପ୍ରବର୍ତ୍ତନ କରିଥିଲେ। ଏହି ଶାସକମାନେ ବୈଷ୍ଣବ ଧର୍ମାବଲମ୍ବୀ ଥିବାରୁ ସେମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ମୁଦ୍ରାରେ ବୈଷ୍ଣବ ଧର୍ମର ପ୍ରତୀକ ଗରୁଡ଼, ଶଙ୍ଖ, ଚକ୍ର ଆଦିର ପ୍ରତୀକ ଦେଖିବାକୁ ମିଳେ।

ସଂଗ୍ରହାଧ୍ୟକ୍ଷା, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ,ଭୁବନେଶ୍ୱର

## ଏଇ ଭାରତରେ

ଦୁର୍ଘଟଣା ରୋକିବା ଲାଗି ସଚେତନତା କାର୍ଯ୍ୟକ୍ରମ ପ୍ରାୟତଃ ସବୁ ସମୟରେ କରାଯାଉଛି। ହେଲେ ଏହା ଉପରେ ଅଙ୍କୁଶ ଲଗାଯାଇପାରୁନାହିଁ। ଦେଖାଯାଏ, ଅଧିକାଂଶ କ୍ଷେତ୍ରରେ ସାଇକେଲ ଆରୋହୀମାନେ ରାତିରେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେବେ ସେମାନଙ୍କ ଯାତ୍ରା ସୁରକ୍ଷିତ କରିବା ଲାଗି ଲକ୍ଷ୍ନୌର ଖୁସି ପାଣ୍ଡେ ଏକ ନିଆରା ଉପାୟ ଆପଣାଇଛନ୍ତି। ସେ ସାଇକେଲ ପଛରେ ଲାଇଟ ଲଗାଉଛନ୍ତି। ଅନ୍ଧାରରେ ଏହି ଲାଇଟ ସେମାନଙ୍କୁ ଦୁର୍ଘଟଣାରୁ ରକ୍ଷାକରିବ ବୋଲି କହନ୍ତି ଖୁସି। ଖୁସିଙ୍କ ବୟସ ଏବେ ୨୩। କଲେଜରେ ପଢ଼ିବା ସହ ସେ 'ସପ୍ନ କି ଉଡାନ କି ଫାଉଣ୍ଡେଶନ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ସେ ଚଳାଉଥିବା ଅଭିଯାନର ନାମ ରଖିଛନ୍ତି 'ପ୍ରୋଜେକ୍ଟ ଉଜାଲା' । ସେ ରାତିରେ ବିଭିନ୍ନ ସ୍ଥାନକୁ ଯାଇ ସେଠାରେ ସାଇକେଲ ପଛରେ ଲାଇଟ ଲଗାନ୍ତି। ୬ ବର୍ଷ ହେଲା ଖୁସି ଏହି କାର୍ଯ୍ୟ କରି ଆସୁଛନ୍ତି ଓ ଏବେ ସୁଦ୍ଧା ସେ ୧୫୦୦ରୁ ଅଧିକ ସାଇକେଲରେ ଲାଇଟ ଲଗାଇ ସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଡିସେମ୍ବର ୧୯୭୪

- ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ନିଖିଳଭାରତ ଶଲ୍ୟଚିକିତ୍ସକ ସଂଘର ପ୍ରଦର୍ଶନୀ ଗୃହ ଓ ଅସ୍ଥାୟୀ ଖାଇବା ଘର ଅଗ୍ନିକାଣ୍ଡରେ ଭସ୍ମୀଭୂତ।
- ପୃଥିବୀର କକ୍ଷକୁ ସୋଭିଏତ୍ ରୁଷିଆର 'ସାଲ୍ୟୁତ୍-୪' ନାମରେ ଏକ ନୂତନ ମହାକାଶ ଷ୍ଟେସନ ପ୍ରେରଣ।
- ଆଭ୍ୟନ୍ତରୀଣ ଗୋଳମାଳ ଯୋଗୁ ଦେଶର ନିରାପତ୍ତା ଓ ଜନସାଧାରଣଙ୍କ ଅର୍ଥନୈତିକ ଜୀବନ ପ୍ରତି ବିପଦାଶଙ୍କା ଦେଖା ଦେଇଥିବାରୁ ସାରା ବାଂଲାଦେଶରେ ଜରୁରୀ ପରିସ୍ଥିତି ଜାରୀ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | 9 | |
| 4 | 9 | | | | | 7 | 3 | |
| | | | 6 | | 4 | | | |
| | | | | 1 | 2 | 5 | | |
| | 5 | 6 | | | | | 1 | |
| | 7 | | | | | | | |
| | | | 8 | | | | | |
| 3 | | 2 | | | 6 | | | |
| | | 8 | | 2 | 7 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 5 | 4 | 7 | 6 | 1 | 9 | 8 |
| 6 | 8 | 4 | 3 | 9 | 1 | 2 | 5 | 7 |
| 9 | 1 | 7 | 2 | 8 | 5 | 3 | 4 | 6 |
| 4 | 6 | 1 | 7 | 2 | 8 | 5 | 3 | 9 |
| 5 | 2 | 3 | 6 | 4 | 9 | 7 | 8 | 1 |
| 7 | 9 | 8 | 5 | 1 | 3 | 4 | 6 | 2 |
| 1 | 5 | 6 | 8 | 3 | 2 | 9 | 7 | 4 |
| 8 | 7 | 9 | 1 | 5 | 4 | 6 | 2 | 3 |
| 3 | 4 | 2 | 9 | 6 | 7 | 8 | 1 | 5 |

ଗତକାଲିର ଉତ୍ତର

# ଆଇନ ପେସାର ସ୍ୱାଧୀନତା



ବିଭୁପ୍ରସାଦ ତ୍ରିପାଠୀ

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୨ତମ ବାର୍ଷିକ ଅଧିବେଶ ପାଳନ ଅବସରରେ ଆଇନ ପେସାର ସ୍ୱାଧୀନତା ପ୍ରସଙ୍ଗଟି ଗୁରୁତ୍ୱପୂର୍ଣ୍ଣ ବୋଲି ସାମ୍ପ୍ରତିକ ପରିସ୍ଥିତିରେ ଉପଲବ୍ଧି ହେଉଛି। ଅଷ୍ଟ୍ରେଲିଆର ଜଣେ ବିଚାରପତି ମାଇକେଲ୍ କିର୍‌ବୀଙ୍କ ଉକ୍ତି ଆତ୍ମଚିନ୍ତନ ଓ ଆତ୍ମନିରୀକ୍ଷଣ ପାଇଁ ଖୋରାକ ଯୋଗାଉଛି। ସେ କହିଥିଲେ ଯେ ଯଦି ଆଇନ ପେସାରେ ସ୍ୱାଧୀନତା ନ ଥାଏ ତେବେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସ୍ୱାଧୀନ ନିରପେକ୍ଷ ନ୍ୟାୟପାଳିକା କିମ୍ବା ଆଇନର ଶାସନ ଅଥବା ଗଣତନ୍ତ୍ର ଓ ସ୍ୱାଧୀନତା ସମ୍ପର୍କରେ କୌଣସି କଥା ଚିନ୍ତା କରାଯାଇପାରିବ ନାହିଁ। ଆମ ଦେଶରେ ଆଇନ ପେସାରେ ସ୍ୱାଧୀନତା ପ୍ରସଙ୍ଗଟି ବିଶ୍ୱ ବାଣିଜ୍ୟ କେନ୍ଦ୍ର ସଙ୍ଗଠନ ଉରୁଗୁଏ ବୁଝାମଣା ଓ ବିଦେଶୀ ଆଇନଜୀବୀ ଭାରତରେ ପ୍ରବେଶ ପରଠାରୁ ବିତର୍କ ମଧ୍ୟକୁ ଆସିଛି। ନିକଟରେ ମନି ଲଣ୍ଡରିଙ୍ଗ୍ ଆଇନର ପରିସର ମଧ୍ୟରେ ଆଇନଜୀବୀମାନଙ୍କୁ ଆଣି ସେମାନଙ୍କୁ ସେମାନଙ୍କ ମହକିଲମାନଙ୍କ ସମସ୍ତ ସନ୍ଦେହାତ୍ମକ କାର୍ଯ୍ୟକୁ ରେକର୍ଡ କରି ରଖି ଏହାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବାକୁ ମଧ୍ୟ ଆଇନ ପ୍ରଣୟନ କରିବାର ଯୋଜନା କରାଯାଉଥିଲା। ଠିକ୍ ସେହିଭଳି ସୁପ୍ରିମ୍‌କୋର୍ଟ ଗୋଟିଏ ଘଟଣାର ତ୍ରୁଟି ବିଚ୍ୟୁତି ପାଇଁ ଆଇଜୀବୀମାନେ କେତେ ଦାୟୀ ସେଥିପାଇଁ ସେମାନଙ୍କ ନ୍ୟାୟସଙ୍ଗତ ଆନ୍ଦୋଳନ ପ୍ରସଙ୍ଗଟି ଉପରେ ଆଇନଗତଭାବେ ତର୍ଜମା ନ କରି ଆଇନଜୀବୀମାନଙ୍କ ନ୍ୟାୟସଙ୍ଗତ ଆନ୍ଦୋଳନର ଅଧିକାର ପ୍ରସଙ୍ଗଟି ଉପରେ ଯେଉଁ ରାୟ ପ୍ରଦାନ କରିଛନ୍ତି ସେ ସମ୍ପର୍କରେ ଆଇନପେସାରେ ସମ୍ପୃକ୍ତଥିବା ବରିଷ୍ଠ ଆଇନଜୀବୀମାନଙ୍କ ଅହେତୁକ ନୀରବତା ଆଇନପେସାରେ ସ୍ୱାଧୀନତା ପ୍ରସଙ୍ଗଟିକୁ ଭିନ୍ନ ଧରଣର ଆଲୋଚନା ପାଇଁ ଶକ୍ତି ଯୋଗାଇଛି। ଆଇନଜୀବୀମାନେ ଆମ ରାଜ୍ୟରେ ଅନେକ ଦିନ ଜେଲରେ ରହିବା ଓ ସେଥିପାଇଁ ସେମାନଙ୍କ ମଧ୍ୟରେ କୌଣସି ପ୍ରତିବାଦର ସ୍ୱର ନ ଉଠିବା ନିଶ୍ଚିତ ଭାବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଷ୍ପାପର ଭାବେ ଏଭଳି ପ୍ରସଙ୍ଗଗୁଡ଼ିକ ବାର୍ ଆସୋସିଏଶନ୍ ଏପରିକି ବାର୍ କାଉନସିଲ୍‌ଗୁଡ଼ିକର ଆଲୋଚନା କକ୍ଷରେ କାହିଁକି ଆଲୋଚନା କରାଯାଉ ନାହିଁ ସେଭଳି ପ୍ରଶ୍ନର କୌଣସି ଯଥାର୍ଥ ଉତ୍ତର ଆମେ ପାଇପାରୁନାହୁଁ।

ଆଜି ଆମ ରାଜ୍ୟର ବାସ୍ତବ ସ୍ଥିତି ହେଉଛି ବାର୍ ଆସୋସିଏଶନ୍ ଓ ବାର୍ କାଉନ୍‌ସିଲ ଭଳି ପବିତ୍ର ଅନୁଷ୍ଠାନଗୁଡ଼ିକରେ ଆଇନପେସାର ଦକ୍ଷତା ସମ୍ମାନ ଓ ମର୍ଯ୍ୟାଦାକୁ ବୃଦ୍ଧି କରିବାଲାଗି ସମସ୍ତ ଉଦ୍ୟମକୁ ଆମେ ଅଲୋଡ଼ା ଅଦରକାରୀ ବୋଲି ମନେକରି ନେଉଛେ। ଆଇନପେସାରେ ବିକଳ୍ପ ବିଚାର ଏବେ ବିଷୟବସ୍ତୁ ଶୂନ୍ୟ ହୋଇପଡ଼ିଛି। ପ୍ରତ୍ୟେକ ସମାଜରେ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳପିଣ୍ଡଟି ହେଉଛି ଆଇନର ଶାସନ ବ୍ୟବସ୍ଥାକୁ ଠିକ୍ ଭାବେ ପ୍ରତିପାଳନ କରିବା। କିନ୍ତୁ ଆଇନର ଶାସନ ବ୍ୟବସ୍ଥାଟି କେବଳ ରାଜନୈତିକ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସମ୍ଭବ ନୁହେଁ। ସମାଜରେ କ୍ଷମତାର ଅପବ୍ୟବହାର ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ନଷ୍ଟ କରିଦେଉଥିବା ଶକ୍ତିଗୁଡ଼ିକୁ ଯଥାର୍ଥ ଭାବେ ଆଇନର ଚଉହଦୀ ମଧ୍ୟରେ ରଖିବା କେବଳ ନିରପେକ୍ଷ, ନିର୍ଭୀକ ଓ ସାଧୁତା ସମ୍ପନ୍ନ ନ୍ୟାୟପାଳିକା ଓ ଆଇନ ପେସା ଦ୍ୱାରା ସମ୍ଭବ।



ଆମ ସମ୍ବିଧାନ ପ୍ରଣେତାମାନେ ନ୍ୟାୟପାଳିକା ଓ ଆଇନ ପେସାରେ ଯେଉଁ ସ୍ୱାଧୀନତାର ପରିକଳ୍ପନା କରିଥିଲେ ତାହା କେବଳ ବିଚାରପତି କିମ୍ବା ଆଇନଜୀବୀଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନ ଥିଲା କିମ୍ବା ସେମାନଙ୍କୁ ଉତ୍ତରଦାୟୀ କରିବା ଲାଗି କରାଯାଇ ନ ଥିଲା। ଏହାକୁ ସାଧାରଣ ଲୋକର ସୁରକ୍ଷା କବଚ ବୋଲି ପରିଗଣିତ କରାଯାଇଥିଲା। ପେସାଗତ ସ୍ୱାଧୀନତା କେବଳ କର୍ତ୍ତବ୍ୟ କିମ୍ବା ବିଶେଷାଧିକାର ନୁହେଁ ପରନ୍ତୁ ଏହା ସାଧାରଣ ଜନତାଙ୍କ ଅଧିକାରର ସୁରକ୍ଷା ପାଇଁ ମୂଳ ଅସ୍ତ୍ରଟିଏ।

ଆମ ଦେଶର ଯେଉଁସବୁ ପ୍ରଗତିଶୀଳ ରାୟର ଉଦାହରଣ ବିଦେଶରେ ଆମେ ଦେଇ ଆସିଛେ ସେସବୁ ମୂଳରେ ଆଇନଜୀବୀମାନଙ୍କ ମୁଖ୍ୟ ଭୂମିକା ରହିଆସିଛି। ଗୋଟିଏ ଭଲ ବାର୍ ଯେ କୌଣସି ଦେଶ, ରାଜ୍ୟ କିମ୍ବା ଜିଲାସ୍ତରରେ ଗୋଟିଏ ଭଲ ବେଞ୍ଚର ସୃଷ୍ଟି କରିପାରେ। ଅନେକ ବର୍ଷ ତଳେ ଆମ ରାଜ୍ୟର ଅନେକ ବିଚାର ବିଭାଗୀୟ ଅଫିସର ଦେୱାନୀ କିମ୍ବା ଫୌଜଦାରି ଆଇନରେ ଦକ୍ଷତାର ବିକାଶ ଲାଗି ଯେଉଁସବୁ ବାର୍‌ରେ ଭଲ ଦେୱାନୀ କିମ୍ବା ଫୌଜଦାରି ଆଇଜନୀବୀ କିମ୍ବା ମକଦ୍ଦମା ଥିଲା ସେଠାରେ କିଛିଦିନ ବିଚାରପତି ଆସନ ଅଳଙ୍କୃତ କରିବା ଲାଗି ମନ ବଳାଉଥିଲେ। ଯେତେବେଳେ ଆମ ଦେଶ ସ୍ୱାଧୀନ ହେଲା ତା'ର ପରବର୍ତ୍ତୀ ୨୦ବର୍ଷ ମଧ୍ୟ ବହୁ ପରିମାଣର ସାମ୍ବିଧାନିକ ସଂଶୋଧନକୁ ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟରେ ଏହା ମୌଳିକ ଅଧିକାରରେ ହସ୍ତକ୍ଷେପ କରୁଛି ବୋଲି ଦର୍ଶାଇ ଏହାକୁ ଅସିଦ୍ଧ ଘୋଷଣା ପାଇଁ ମକଦ୍ଦମା କରାଯାଇଥିଲା। ଏହି ମକଦ୍ଦମାଗୁଡ଼ିକୁ ବିଚାରପତିମାନେ ଶୁଣି ସେମାନଙ୍କ ରାୟ ପ୍ରଦାନ କରୁଥିଲେ। ଏବେ ସେଭଳି ମକଦ୍ଦମାଗୁଡ଼ିକର ସଂଖ୍ୟା ମଧ୍ୟ କ୍ରମଶଃ ହ୍ରାସ ପାଉଛି। ଆଇନଗତ ପ୍ରଶ୍ନ ପଚାରିବା ଓ ବିଚାରପତିଙ୍କୁ ସାମ୍ବିଧାନିକ ଆଦର୍ଶରେ ବାନ୍ଧିରଖିବାର ଦାୟିତ୍ୱ ଆଇନଜୀବୀମାନଙ୍କର।

ସ୍ୱାଧୀନଚେତା ଆଇନଜୀବୀମାନଙ୍କ ସୃଷ୍ଟି ଓ ବିଳୟ ପାଇଁ ବାର୍ ଆସୋସିଏଶନ୍‌ଗୁଡ଼ିକର ସ୍ୱାଧୀନତା ହିଁ ମୂଳ ପ୍ରସଙ୍ଗ। ବାର୍ ଆସୋସିଏଶନଗୁଡ଼ିକର ନେତୃତ୍ୱ ହିଁ ଆଇନ ପେସାର ସ୍ୱାଧୀନତାକୁ ରକ୍ଷା କରିପାରିବ। ବାହ୍ୟଶକ୍ତି ବିଶେଷ କରି ରାଜନୈତିକ ଶକ୍ତିମାନଙ୍କ ପାଖରୁ ବାର୍ ଆସୋସିଏଶନଗୁଡ଼ିକୁ ମୁକ୍ତ କରିରଖିବା ବଡ଼ ଆହ୍ୱାନ ଭାବେ ଉଭାହୋଇଛି। ଆମ ରାଜ୍ୟର ବାର୍ ଆସୋସିଏଶନ୍ ଓ ବାର୍ କାଉନସିଲ୍‌ର ନିର୍ବାଚନ ପ୍ରକ୍ରିୟା ବିଗତ କିଛିବର୍ଷ ହେବ ରାଜନୈତିକ ଦଳଗୁଡ଼ିକ ଆଧାରରେ କାର୍ଯ୍ୟକାରୀ ହେବା ଚିନ୍ତାଜନକ ବିଷୟ। ବାର୍ ଆସୋସିଏଶନଗୁଡ଼ିକର ନିର୍ବାଚନ ପ୍ରକ୍ରିୟାରେ ଯେତେ ପରିମାଣର ଅର୍ଥବ୍ୟୟ ହେଉଛି ତାହା ମଧ୍ୟ ଉଦ୍‌ବେଗଜନକ । ବାର୍ ଆସୋସଏଶନଗୁଡ଼ିକରେ ଆଇନଗତ ବୌଦ୍ଧିକ ବିତର୍କ ଏବେ ନକାରାତ୍ମକ ସ୍ଥିତିରେ ପହଞ୍ଚିଛି। ପେସାଗତ ଭାବେ ନିରନ୍ତର ଆଇନଶିକ୍ଷାର ଅଭାବରେ ଆଇନଜୀବୀମାନଙ୍କ ମଧ୍ୟରେ ବାର୍ ଆସୋସିଏଶନଗୁଡ଼ିକର ଗୁରୁତ୍ୱ ଉପଲବ୍ଧି ହେଉନାହିଁ। ବାର୍ ଆସୋସିଏଶନ୍‌ଗୁଡ଼ିକର ନେତୃତ୍ୱ ଆଇନ ପେସା ପ୍ରତି ଆଣୁଥିବା ବିପଦପୂର୍ଣ୍ଣ ବିଷୟଗୁଡ଼ିକ ସମ୍ପର୍କରେ ଆଲୋଚନା ପ୍ରତି ଅନାଗ୍ରହ ଏହାର ଏକ ଉଦାହରଣ। ସାଧାରଣ ଲୋକଟିର ନ୍ୟାୟିକ ପ୍ରକ୍ରିୟାରେ ଭାଗୀଦାରିତା ପ୍ରସଙ୍ଗରେ ଆମେ ଯେତେ ଚିନ୍ତିତ, ଆଇନଜୀବୀମାନେ ସେମାନଙ୍କ ପେସାଗତ ସ୍ୱାଧୀନତା ପ୍ରସଙ୍ଗରେ ବିଚାର ବିମର୍ଶ ପାଇଁ ସେହି ପରିମାଣରେ ସକ୍ରିୟ ନୁହନ୍ତି। ସ୍ୱାଧୀନତା ରହିଲେ ଜଣେ ଆଇନଜୀବୀ ନିର୍ଭୀକ ଭାବେ ମକଦ୍ଦମା ପରିଚାଳନା କରିପାରିବ।

**ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ**
**ମୋ:୯୪୩୭୦୧୨୪୬୦**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରକୃତି ପ୍ରଦତ୍ତ ମାଣ୍ଡିଆ

ମହାଶୟ,

ଗରିବ ଆଦିବାସୀମାନଙ୍କର ମୁଖ୍ୟ ଖାଦ୍ୟରୂପେ ପରିଗଣିତ ହେଉଥିବା ମିଲେଟ୍ (ମାଣ୍ଡିଆ) ବାଲିଯାତ୍ରାରେ 'ପୁଷ୍ଟିକର'ଶସ୍ୟର ସୁନାମ ଅର୍ଜନ କରିଛି। ପୁଷ୍ଟିସାର, ଶକ୍ତିସାର, ଭିଟାମିନ୍ ଏବଂ ତନ୍ତୁ (ଫାଇବର) ପରି ଜରୁରୀ ପୋଷାକ ସବୁ ଭରପୂର ପରିମାଣରେ ମିଲେଟ୍‌ରେ ଉପଲବ୍ଧ । ରାଜ୍ୟ ସରକାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ମିଲେଟ ମିଶନ ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଛନ୍ତି, ଯାହାର ଲକ୍ଷ୍ୟ ହେଉଛି ଖାଦ୍ୟ ଥାଳିରେ ସବୁ ପ୍ରକାର ପୁଷ୍ଟିଶସ୍ୟର ପ୍ରସାରଣ। ଏବେ ମାଣ୍ଡିଆରୁ ପ୍ରସ୍ତୁତ କୁକିଜ୍, ବିସ୍କୁଟ ଓ କେକ୍ ବିଭିନ୍ନ ଦୋକାନରେ ବିକ୍ରି ହେଉଛି। ବର୍ତ୍ତମାନ ମାଣ୍ଡିଆର ପୌଷ୍ଟିକ ମୂଲ୍ୟକୁ ହୃଦୟଙ୍ଗମ କରି ସ୍ୱଳ୍ପ ପୁଷ୍ଟି ଏବଂ ଅପୁଷ୍ଟିର ଶିକାର ହେଉଥିବା ଗରିବ ଲୋକ ନିମନ୍ତେ ଏହାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଅପରିହାର୍ଯ୍ୟ। ରାଜ୍ୟ ସରକାର ୨୦୨୩-୨୭ ନିମନ୍ତେ ବ୍ୟୟ ମଞ୍ଜୁର କରିବା ପୁଷ୍ଟି ସମସ୍ୟା ସମାଧାନର ଏକ ଶ୍ରେଷ୍ଠ ଲକ୍ଷ୍ୟ ବୋଲି କୁହାଯାଇପାରେ।

**–ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''ଯୁଦ୍ଧାୟ କୃତନିଶ୍ଚୟ, ଶୁଣ ଡାକ କେ ଦିଏ
ପ୍ରାଚୀନ ଗ୍ରନ୍ଥ ଛିଡ଼ିଗଲା ଏବେ ବିପ୍ଳବୀ ହେ !''
ବିଶ୍ୱ ବିରାଟ ବକ୍ଷଥଳରେ ବାଜିଲା ଗୁଳି
ଖସିଲା ଉଲ୍‌କା ଜଳିଉଠେ ମହା ଚିତାର ଚୁଲୀ।
-(ରକ୍ତ-ସ୍ରୋତ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନିଯୁକ୍ତି ପାଇଲେ ୨୪୭୩ ମେଡିକାଲ ଅଫିସର



ଭୁବନେଶ୍ୱର,୨୮।୧୨
(ଅନିଲ ଦାସ)

ଓଡ଼ିଶା ଲୋକଙ୍କ ପ୍ରତ୍ୟେକ ଟଙ୍କାକୁ ଦରମା ଆକାରରେ ଖର୍ଚ୍ଚ କରାଯାଉଛି। ଆମ ସମସ୍ତଙ୍କୁ ସେମାନଙ୍କ ସେବା କରିବାକୁ ପଡ଼ିବ। ପ୍ରତ୍ୟେକ ରୋଗୀଙ୍କୁ ସକାରାତ୍ମକ ମନୋଭାବରେ ଚିକିତ୍ସା କରିବାକୁ ହେବ। ଡାକ୍ତରୀ ସେବା ଯେପରି ରୋଗୀଙ୍କ ମନରେ ବିଶ୍ୱାସ ଜନ୍ମାଇବ ସେ ଦିଗରେ ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ମେଡିକାଲ ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି। ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ନିଯୁକ୍ତି ପର୍ବରେ ସମସ୍ତ ୨୪୭୩ ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏଥିରେ ୨୩୯୨ ଜଣ ଏମ୍‌ବିବିଏସ୍ ଡାକ୍ତର ଥିବା ବେଳେ ୮୧ ଜଣ ଦାନ୍ତ ଡାକ୍ତର ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ କ୍ଷେତ୍ରରେ ଓ ପ୍ରତ୍ୟେକ ଅଞ୍ଚଳର ରୂପାନ୍ତରଣ କରିବା ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ। ସମସ୍ତ କ୍ଷେତ୍ରର ବିକାଶ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନକୁ ଏହା ସ୍ପର୍ଶ କରିବା ଉଚିତ। ଓଡ଼ିଶା ରୂପାନ୍ତରଣରେ ସ୍ୱାସ୍ଥ୍ୟସେବା ଏକ ପ୍ରମୁଖ କ୍ଷେତ୍ର। ୫-ଟି ଉପକ୍ରମରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଉଛି। ରାଜ୍ୟ ସରକାର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ସାମଗ୍ରିକ

- ■ ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
- ■ ଲୋକଙ୍କ ପଇସାରେ ଦରମା ମିଳୁଛି, ସେମାନଙ୍କ ସେବା କରିବାକୁ ପଡ଼ିବ

ବିକାଶ ପାଇଁ ସବୁ କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରତିଟି ଜୀବନ ମୂଲ୍ୟବାନ। ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା ଗଠନ ନେଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଡାକ୍ତରଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟସେବା ବିକାଶ ପାଇଁ ସରକାର ବହୁମାତ୍ରାରେ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ଗତ କିଛି ବର୍ଷ ମଧ୍ୟରେ ବହୁ ମେଡିକାଲ କଲେଜ ସ୍ଥାପନ କରାଯାଇଛି। ସରକାରୀ ହସ୍ପିଟାଲଗୁଡ଼ିକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରାଯାଇଛି। ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଓଡ଼ିଶାକୁ ଡାକ୍ତର ସୃଷ୍ଟିରେ ଆଗୁଆ ରାଜ୍ୟ କରିବା ପାଇଁ ଗତ ୬ ବର୍ଷରେ ରାଜ୍ୟରେ ୮ଟି ନୂତନ ମେଡିକାଲ କଲେଜ ଓ ୨ଟି ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ କରାଯାଇଛି। ଏଥିରୁ ପ୍ରତ୍ୟେକ ବର୍ଷ ୨୫୨୫ ଜଣ ଏମ୍‌ବିବିଏସ୍ ଡାକ୍ତର ଓ ୫୮୬ ଜଣ ସ୍ପେଶାଲିଷ୍ଟ ବାହାରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ନବନିଯୁକ୍ତ ମେଡିକାଲ ଅଫିସର ଏବଂ ଡେଣ୍ଟାଲ ସର୍ଜନମାନଙ୍କୁ ଉଚ୍ଚମାନର ଷ୍ଟେଥୋସ୍କୋପ ଓ ଡେଣ୍ଟାଲ କିଟ୍ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ସବୁବେଳେ ଉଦ୍ୟମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶରେ ଓଡ଼ିଶାରେ ଶିଶୁ ଓ ମାତୃ ମୃତ୍ୟୁ ହାର ବହୁ ମାତ୍ରାରେ ହ୍ରାସ ପାଇଛି।

ଏହି ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ନବନିଯୁକ୍ତ ଡାକ୍ତରଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନୂଆ ଓଡ଼ିଶା ଭିଜନ୍‌ରେ ଡାକ୍ତରମାନେ ଅଂଶୀଦାର ହେବାକୁ ଆହ୍ୱାନ ଦେଇଥିବା ବେଳେ ଗ୍ରାମାଞ୍ଚଳ ଲୋକଙ୍କୁ ସର୍ବଶ୍ରେଷ୍ଠ ସେବା ଯୋଗାଇ ଦେବାକୁ ସେ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ବିଜୟ ମହାପାତ୍ର ଧନ୍ୟବାଦ ଦେଇଛନ୍ତି।

ଏହି ନିଯୁକ୍ତିକୁ ମିଶାଇ ରାଜ୍ୟରେ ଏପର୍ଯ୍ୟନ୍ତ ୩୬୦୦ ମେଡିକାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ନଭେମ୍ବରରେ ପ୍ରାୟ ୪ ହଜାର ନର୍ସିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି।

## ୩୦, ୩୧ରେ ଓଡ଼ିଆ ଅସ୍ମିତା ସମ୍ମିଳନୀ

ଭୁବନେଶ୍ୱର,୨୮।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସମ୍ମିଳନୀର ୧୨୦ତମ ବର୍ଷ ପୂର୍ତ୍ତି ଅବସରରେ କଟକ ସହରରେ ଡିସେମ୍ବର ୩୦ ଓ ୩୧ ତାରିଖରେ ଓଡ଼ିଆ ଅସ୍ମିତା ସମ୍ମିଳନୀ ଆୟୋଜନ ହେବ। ଏହି ଐତିହାସିକ ମୁହୂର୍ତ୍ତରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭଗୀରଥ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନନ୍ୟ ସମର୍ପଣ, ମାଟି ମନସ୍କତା, ଦୂରଦୃଷ୍ଟି ଏବଂ ଅତୁଳନୀୟ ନେତୃତ୍ୱ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳ ଓ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଭଉଣୀଭାଇମାନେ ଏକତ୍ରିତ ହେବେ। ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ସ୍ୱାଭିମାନରୁ ସ୍ୱାବଲମ୍ବନର ସୁଦୂର ଯାତ୍ରାରେ ସଫଳତା, ବିଫଳତା ସହ ଅନୁଭୂତିର ବ୍ୟାଖ୍ୟା କରିବେ ନିମନ୍ତ୍ରିତ ଅତିଥି। ୧୯୦୩ରୁ ୧୯୩୬ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ସମସ୍ତ ସ୍ଥାନରୁ ସଂଗୃହୀତ ପବିତ୍ର ମାଟିକୁ ଉତ୍କଳ ସମ୍ମିଳନୀର ଅନ୍ତର୍ଦ୍ଦିଶାଳ ଇଦ୍‌ଗା ପଡ଼ିଆରେ ଏକତ୍ରୀକରଣ ଓ ସମ୍ମାନ ପ୍ରଦର୍ଶନ ସହ ଜ୍ୟୋତି ପ୍ରଜ୍ୱଳନ ପୂର୍ବକ ଅସ୍ମିତା ସମ୍ମିଳନୀ ଶୋଭାଯାତ୍ରା ଆରମ୍ଭ କରାଯିବ। ପରେ ମଧୁବାବୁଙ୍କ ସମାଧିସ୍ଥଳ ଗୋରା କବରଠାରେ ଶ୍ରଦ୍ଧାଞ୍ଜଳି ପ୍ରଦାନ, କର୍ମଭୂମି ଶୈଳବାଳା ମହାବିଦ୍ୟାଳୟରେ ଜ୍ୟୋତିକୁ ସ୍ୱାଗତ ଓ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପରେ ଗଜପତି ମହାରାଜା ଓଡ଼ିଆ ଅସ୍ମିତା ସମ୍ମିଳନୀ ଓ ମଧୁବାବୁଙ୍କ ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ।

## କ୍ଷମା ମାଗିଲେ ଆଗରପଡ଼ା କଲେଜ ଅଧ୍ୟକ୍ଷ

ଭଦ୍ରକ/ଆଗରପଡ଼ା,୨୮।୧୨
(ସନାତନ ରାଉତ/ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା କଲେଜରେ ଗତ ୨୨ ତାରିଖରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କଲେଜ ପିଲାଙ୍କ ଦ୍ୱାରା ମଡର୍ଣ୍ଣ ରାମାୟଣ (ଗୀତିନାଟ୍ୟ) ପରିବେଷଣ ହୋଇଥିଲା। ଏଥିରେ ରାମ ସୀତାଙ୍କ ଚରିତ୍ରକୁ ନେଇ ଅପମାନଜନକ ପରିବେଷଣ ହୋଇଥିବା ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ

**ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମଡର୍ନ ରାମାୟଣ ପରିବେଷଣ ଘଟଣା**

ପାଇଥିଲା। ଏପରିକି ରାମନବମୀ କମିଟି ପକ୍ଷରୁ ଆଗରପଡ଼ା ଥାନାରେ ଅଭିଯୋଗ କରାଯାଇଥିବା ବେଳେ ଏବିଭିପି ପକ୍ଷରୁ କଲେଜ ଅଧ୍ୟକ୍ଷ, କାର୍ଯ୍ୟକ୍ରମର ନୋଡାଲ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭଦ୍ରକ ଜିଲାପାଳ ଓ ଏସ୍‌ପିଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିଲା। ବିଭିନ୍ନ ମହଲରୁ ସମାଲୋଚିତ ହେବା ପରେ ଗୁରୁବାର ଖବରଦାତା ସମ୍ମିଳନୀ ଡକାଇ କଲେଜ ଅଧ୍ୟକ୍ଷ ନାରାୟଣ ପାତ୍ର ଏହି ଘଟଣା ପାଇଁ ଭୁଲ୍ ସ୍ୱୀକାର କରିବା ସହ ମର୍ମାହତ ହୋଇଥିବା କହିଛନ୍ତି। ଆଗକୁ କଲେଜରେ କୌଣସି ଧର୍ମକୁ ଆଘାତ ଦେଲା ଭଳି କାର୍ଯ୍ୟକ୍ରମ କରାଯିବ ନାହିଁ ବୋଲି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ବୁଧବାର ଆଗରପଡ଼ା ଅଞ୍ଚଳର ବୁଦ୍ଧିଜୀବୀ, ରାମନବମୀ କମିଟିର କର୍ମକର୍ତ୍ତା ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ସେ ନିଃସର୍ତ୍ତ କ୍ଷମା ମାଗିଥିଲେ।

**PARADIP PORT AUTHORITY**
**E-TENDER CALL NOTICE**
TD/TM/GEN-235(Vol-VII)/23/2445, dtd.22.12.2023
Name of the work: "Allotment of 06(Six) nos. of Mechanical Iron Ore/Iron Ore Pellet plots as IOHP." License Fees: Rs.2,92,05,000/-, Wharfage Fees: Rs.18,98,620/-, Last date & time of submission of bid: 11.01.2024 up to 15:00 hrs. Date and time of opening (technical bid): 11.01.2024 up to 15:00 hrs.
Refer our website for details https://eprocure.gov.in/eprocure/app & http://paradipport.gov.in/.
Sd/- Traffic Manager
Paradip Port Authority
PPA/PR/73/2023-2024 dtd.26.12.2023

# ଟ୍ରକ୍ ପଛରେ ପିଟିଲା ପିକ୍‌ନିକ୍ ବସ୍

## ୩୫ ଆହତ, ୫ଗୁରୁତର



ଦୁର୍ଘଟଣାଗ୍ରସ୍ତ ବସ୍।

ସୋନପୁର,୨୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଖମ୍ବେଶ୍ୱରୀପାଲି ନିକଟସ୍ଥ କଦମତଳ ଛକ ନିକଟରେ ଗୁରୁବାର ସକାଳେ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଛିଡାହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ପିକ୍‌ନିକ୍ ବସ୍ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୧୫ ଛାତ୍ରୀଛାତ୍ର ଓ ଅଭିଭାବକ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଆହତଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୧୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଘନକୁହୁଡି ଯୋଗୁ ଡ୍ରାଇଭର ଠିକ୍ ଭାବେ ରାସ୍ତା ଜାଣି ନ ପାରିବାରୁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

ସୋନପୁର ସହର ବଡ଼ବଜାରଠାରେ ଥିବା ଏକ ଘରୋଇ କମ୍ପ୍ୟୁଟର ସେଣ୍ଟରର ୬୬ ଜଣ ଛାତ୍ରୀଛାତ୍ର ଓ ଅଭିଭାବକ କୋରାପୁଟ ଜିଲାର ଦେଓମାଳିକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ପିକ୍‌ନିକ୍ ସାରି ଭୋଳେନାଥ ନାମକ ଏକ ଘରୋଇ ବସ୍ (ନଂ ଓଡି୦୫ଏଏଚ-୮୧୮୮)ରେ ଛାତ୍ରୀଛାତ୍ର ଓ ଅଭିଭାବକ ସୋନପୁର ଅଭିମୁଖେ ଫେରୁଥିଲେ। ତେବେ ସୋନପୁରଠାରୁ ୧୩ କିଲୋମିଟର ଦୂର ଏକ ଢାବା ନିକଟରେ ବସ୍‌ଟି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଟ୍ରକ୍ (ନଂ ଓଡି୧୬ଡି-୯୮୧୮)କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍ ଭିତରେ ଥିବା ଛାତ୍ରୀଛାତ୍ର ଓ ଅଭିଭାବକ ଆହତ ହୋଇଥିଲେ। ଖବର ପାଇ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଓ ସୋନପୁର ଆଇଆଇସି ପଦ୍ମାସିନୀ ମେହେର ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଥିଲେ। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍‌କୁ ଜବତ କରି ତଦନ୍ତ କରୁଛି।

ଘସିପୁରା(ନିରଞ୍ଜନ ସାହୁ)/କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)୨୮।୧୨

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଧକୋଠା ନିକଟ ୨୦ନଂ.ଜାତୀୟ ରାଜପଥ ଭାଲୁକୁମା ଛକରେ ଗୁରୁବାର ଟ୍ରକ୍ ପଛରେ ଏକ ପିକ୍‌ନିକ୍ ବସ୍ ଧକ୍କା ଦେଇଛି। ଏଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨ ଗୁରୁତର ହୋଇଥିବା ବେଳେ ୨୦ ଆହତ ହୋଇଛନ୍ତି। ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ବ୍ରହ୍ମୋସୀ କୋଚିଂ ସେଣ୍ଟରରୁ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷକ ୨ଟି ବସ୍ ଯୋଗେ ସମ୍ବଲପୁର ପିକ୍‌ନିକ୍ ପାଇଁ ଆସିଥିଲେ। ପିକ୍‌ନିକ୍ ସାରି ଫେରିବା ସମୟରେ ଭାଲୁକୁମାଠାରେ ଏହି ବସ୍ ଏକ ଟ୍ରକ୍ ପଛପାର୍ଶ୍ୱରେ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବସ୍‌ର ଆଗ ପାର୍ଶ୍ୱ ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇଯାଇଥିବା ବେଳେ ଚାଳକ ଓ ଜଣେ ଶିକ୍ଷକ ଗୁରୁତର ହୋଇଛନ୍ତି। ୨୦ ଛାତ୍ରୀଛାତ୍ର, ଅନ୍ୟ ଶିକ୍ଷକ ଆହତ ହୋଇଛନ୍ତି। ତେବେ ଯାତ୍ରୀଙ୍କ କହିବା ଅନୁଯାୟୀ, ହଠାତ୍ ଟ୍ରକ୍‌ଟି ବସ୍‌କୁ ଓଭରଟେକ୍ କରି ବ୍ରେକ୍ ଲଗାଇଦେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ପଳାଇଥିଲା। ଘସିପୁରା ପୋଲିସ ତଦନ୍ତ ଆରମ୍ଭ କରିଛି।

# ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

**ଝାରସୁଗୁଡ଼ାରେ କୋଇଲା ଉତ୍ତୋଳନ ପାଇଁ ଜନଶୁଣାଣି ମାମଲା**

କଟକ,୨୮।୧୨ (କାର୍ତ୍ତିକ ସାହୁ)

ଝାରସୁଗୁଡ଼ା ଜିଲାର କୁରଲୋଇ ନର୍ଥ କୋଲ୍ ବ୍ଲକ ମାଇନିଂ ପ୍ରୋଜେକ୍ଟରୁ କୋଇଲା ଉତ୍ତୋଳନ ପୂର୍ବରୁ ହୋଇଥିବା ଜନଶୁଣାଣି ବିରୋଧରେ ହାଇକୋର୍ଟରେ ଦାଏର ମାମଲାର ଶୁଣାଣି ହୋଇଛି। ହାଇକୋର୍ଟ ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜାନୁୟାରୀ ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ମୁମ୍ବାଇର ବେଦାନ୍ତ ଲିମିଟେଡ୍ କମ୍ପାନୀ ୨୦୨୧ରେ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟଠାରୁ ଝାରସୁଗୁଡ଼ା ଜିଲାର କୁରଲୋଇଠାରେ କୋଇଲା ଉତ୍ତୋଳନ ନିମନ୍ତେ ଅନୁମତି ପ୍ରାପ୍ତ ହୋଇଛି। ହେଲେ କୋଇଲା ଉତ୍ତୋଳନ ପୂର୍ବରୁ ଗତ ଅଗଷ୍ଟ ୧ରେ ଏକ ଜନଶୁଣାଣି ହୋଇଥିଲା। ଏହି ପ୍ରୋଜେକ୍ଟ ଯୋଗୁ ପ୍ରାୟ ୧୦ଟି ଗ୍ରାମର ଜନସାଧାରଣଙ୍କ ସମେତ ଶିକ୍ଷାନୁଷ୍ଠାନ, କେନାଲ ଆଦି ପ୍ରଭାବିତ ହେବ। ସେଥିପାଇଁ କେଉଁ ପ୍ରକାର ଯୋଜନା କରାଯାଇଛି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସୁକତା ରହିଥିଲା। ଉକ୍ତ ଜନଶୁଣାଣିରେ ବହୁସଂଖ୍ୟକ ଲୋକ ପହଞ୍ଚିଥିବାବେଳେ ଅଳ୍ପ ପରିମାଣର ଲୋକଙ୍କୁ ବସିବାର ସୁଯୋଗ ଦିଆଯାଇଥିଲା। ଅନ୍ୟମାନେ ଯେତେ ଅନୁରୋଧ କଲେ ବି ଜନଶୁଣାଣିରେ ସେମାନଙ୍କୁ ସାମିଲ କରାଯାଇ ନ ଥିଲା। ଏହା ବିରୋଧରେ ଗୋପୀନାଥ ମାଝିଙ୍କ ସମେତ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଜନଶୁଣାଣିକୁ ରଦ୍ଦ କରି ପୁଣିଥରେ ଜନଶୁଣାଣି କରାଇବା ନିମନ୍ତେ ଆବେଦନକାରୀମାନେ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଏଥିରେ ବେଦାନ୍ତ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଝାରସୁଗୁଡ଼ା ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଫ୍ରଜ ସୁହାଇଲ ମାମଲା ପରିଚାଳନା କରୁଛନ୍ତି।

**JAWAHAR NAVODAYA VIDYALAYA**
THERUBALI, DIST: RAYAGADA (ODISHA)-765018
**TENDER CALL NOTICE 03/2023**
Sealed quotations for supply of (Grocery, Non-Veg (Egg only), Office/Student stationary, Equipment, M & R items, Office automation items, CCTV & Computer accessories etc) are invited from the reputed firms. The Tender form and related information can be collected from the Office of JNV, Therubali, Rayagada as per schedule given below during office hours on payment of cash of Rs.200/- per form and the tenderers can also download the form from Vidyalaya website www.navodaya.gov.in/nvs/nvs-school/Rayagada/en/home & for this the party has to enclose the cost of Tender paper of Rs.200/- with EMD payable at Rayagada. Quotation shall be opened by the PAC in the presence of tenderers or their representative. The Vidyalaya purchase Advisory Committee reserves the right to accept or reject any or all the Quotations without assigning any reason thereof.
Schedule of Tender is as under
**Selling of tender form from 29.12.2023 to 15.01.2024 by 1.00 P.M.**
**Last date of receipt of quotation 15.01.2024 up to 04:00 P.M.**
**Opening of quotation 16.01.2024 at 11.00 A.M.**
**Sd./- PRINCIPAL**

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୩-୪୨ ତାରିଖ: ୨୭।୧୨।୨୦୨୩
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ୍ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୦୨୩-୪୨ | ୧୧।୦୧।୨୦୨୪ | ୧୨.୦୦ ଘ. | ୧୪.୫୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-970) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.eT-M-KUR-ANGL-WR-239-23
କାର୍ଯ୍ୟର ନାମ : 01 ବର୍ଷ ସମୟ ଅବଧି ନିମନ୍ତେ ଅନୁଗୁଳ ୟାର୍ଡ଼ ଠାରେ ପରୀକ୍ଷଣ ସମୟରେ ୱାଗନ ଗୁଡ଼ିକର ମରାମତି ।
ବିଜ୍ଞାପିତ ମୂଲ୍ୟ (₹) 48,23,558.51, EMD (₹): 96,500.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 3,540/-, ଶେଷ ହେବା ଅବଧି : 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.27.12.2023ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.01.2024ରିଖ 1500 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍
PR-928/O/23-24

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ. DRM/Engg/KUR/23-24/E-Tender/118, ତା.21.12.2023ରିଖ
(1) ଟେଣ୍ଡର ସଂ. eTender-CenKUR-379-2023, ତା.20.12.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ) ସେକ୍ସନ ଅଧୀନସ୍ଥ ସାଇଟ୍ ଠାରେ AT/SKV ପ୍ରକ୍ରିୟା (ସିଙ୍ଗିଲ ସଟ୍ କ୍ରୁସିବଲ ଟେକ୍‌ନିକ୍) ଦ୍ୱାରା 60KG/60EI-R260/60EI-R350 ଗ୍ରେଡ୍ ରେଲଗୁଡ଼ିକ ନିମନ୍ତେ ୱେଲ୍ଡିଙ୍ଗ୍ ଅଂଶର ଯୋଗାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 165.02 ଲକ୍ଷ, EMD (₹) : 2,32,500.00 ।
(2) ଟେଣ୍ଡର ସଂ. e-tender-eastkur-380-2023, ତା.15.12.2023ରିଖ
ବିବରଣୀ : ରୁଟିନ୍ ଓଭରହାଲିଙ୍ଗ୍ (ROH) ଡିପୋ/ ପାରାଦ୍ୱୀପ ନିକଟସ୍ଥ ସିକ୍ ଲାଇନ୍ ଠାରେ ଫ୍ରେଟ୍ ୱାଗନ ରକ୍ଷଣାବେକ୍ଷଣ ସୁବିଧାର ଉନ୍ନତିକରଣ । (P.Way କାର୍ଯ୍ୟ ପାଇଁ ) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 31.75 ଲକ୍ଷ, EMD (₹) : 63,500.00 ।
(3) ଟେଣ୍ଡର ସଂ. e-tender-eastkur-381-2023, ତା.15.12.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/II/କଟକ ପରିସୀମା ଅଧୀନସ୍ଥ ପାରାଦ୍ୱୀପ (PRDP) ସେଟଲମେଣ୍ଟରେ କ୍ୱାର୍ଟରଗୁଡ଼ିକର ପ୍ରସ୍ତାବିତ ବିବିଧ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 203.36 ଲକ୍ଷ, EMD (₹) : 2,51,700.00 ।
(4) ଟେଣ୍ଡର ସଂ. e-tender-Southkur-382-2023, ତା.19.12.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପଲାସା ସେକ୍ସନର ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 41.40 କି.ମି. ଲମ୍ୱ ନିମନ୍ତେ TRT ମେସିନ୍ ଦ୍ୱାରା ଥ୍ରୁ ସ୍ଲିପର ନବୀକରଣର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 392.42 ଲକ୍ଷ, EMD (₹) : 3,46,200.00 ।
(5) ଟେଣ୍ଡର ସଂ. eTender-CENKUR-384-2023, ତା.20.12.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ତାଳଚେର ୟାର୍ଡ଼ ଠାରେ ମାର୍ଗ ନଂ. 8 ର CTR(P) ଏବଂ ହିନ୍ଦୋଳ ରୋଡ୍-ତାଳଚେର-ଅନୁଗୁଳ ସେକ୍ସନର ବିଭିନ୍ନ ୟାର୍ଡ଼ଗୁଡ଼ିକର ଲୁପ୍ ଲାଇନ୍‌ରେ 15.398 କି.ମି. ଲମ୍ୱ ନିମନ୍ତେ CTR(S) ର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 469.15 ଲକ୍ଷ, EMD (₹) : 3,84,600.00 ।
ଶେଷ ହେବା ଅବଧି : 08(ଆଠ) ମାସ (କ୍ରମ ସଂ.1 ଏବଂ 02 ପାଇଁ), 12(ବାର) ମାସ (କ୍ରମ ସଂ.3 ଏବଂ 5 ପାଇଁ) ଏବଂ 10(ଦଶ) ମାସ (କ୍ରମ ସଂ.4 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.01.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-929/O/23-24

## ୬ ଦିନରେ 'ସାଲାର୍'ର ୫୦୦ କୋଟି ଆୟ



ମୁମ୍ବାଇ: ଅଭିନେତା ପ୍ରଭାସଙ୍କ ଆଦିପୁରୁଷ ଫ୍ଲପ ହୋଇଥିବାବେଳେ ବର୍ଷ ଶେଷ ବେଳକୁ ଆକ୍ସନ ଡ୍ରାମା ଫିଲ୍ମ 'ସାଲାର୍' ଜରିଆରେ ସେ ଅଧିକ ଲୋକପ୍ରିୟ ହୋଇପାରିଛନ୍ତି। ଫିଲ୍ମ ରିଲିଜ୍‌ର ୨ ଦିନରେ ୩ଶହ କୋଟି ଆୟ କରି ରେକର୍ଡ କରିଥିବାବେଳେ ଏବେ ସେ ପୁଣି ଏକ ରେକର୍ଡ କରିଛି। ମୁକ୍ତିଲାଭର ୬ ଦିନରେ ସିନେମା ବିଶ୍ୱବ୍ୟାପି ୫ଶହ କୋଟିରୁ ଅଧିକ ଟଙ୍କା ରୋଜଗାର କରି ରେକର୍ଡ କରିଛି। ଆଗକୁ ମଧ୍ୟ ଅଧିକ ରୋଜଗାର ହେବ ବୋଲି ଆଶା କରାଯାଉଛି। ଗତ ୨୨ ତାରିଖରେ ଫିଲ୍ମ ୫ଟି ଭାଷାରେ ମୁକ୍ତିଲାଭ କରିଥିଲା। ତା ପୂର୍ବ ଦିନ ଅଭିନେତା ଶାହାରୁଖ୍‌ଙ୍କ ଅଭିନୀତ 'ଡଙ୍କି' ରିଲିଜ୍ ହୋଇଥିବାବେଳେ ସାଲାର୍ ତାଠାରୁ ରୋଜଗାରରେ ଅଧିକ ରହିଛି। ପ୍ରଶାନ୍ତ ନୀଲଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପ୍ରଭାସଙ୍କ ବ୍ୟତୀତ ପୃଥ୍ୱୀରାଜ ସୁକୁମାରଙ୍କ ଦମଦାର ଅଭିନୟ ସହିତ ଶ୍ରୁତି ହାସନ, ଜଗପଥି ବାବୁ, ଶ୍ରିୟା ରେଡ୍ଡି, ମୀନାକ୍ଷୀ ଚୌଧୁରୀ ପ୍ରମୁଖ ଭିନ୍ନ ଭୂମିକାରେ ଦେଖିବାକୁ ମିଳିଛନ୍ତି। ବର୍ତ୍ତମାନ ଦକ୍ଷିଣ ଭାରତର ଏହି ସିନେମାକୁ ଅନେକ ଭଲ ପାଇବା ମିଳୁଛି।

## ଜମ୍ମୁ-କଶ୍ମୀରରେ ସମଗ୍ର ଶିକ୍ଷା ଭିତ୍ତିଭୂମିକୁ ମଜଭୁତ କରାଯାଉଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୮।୧୨(ସୁନିତ୍ ମିଶ୍ର)

ଜମ୍ମୁ-କଶ୍ମୀରରେ ସ୍କୁଲ ଶିକ୍ଷା ସହ ଉଚ୍ଚଶିକ୍ଷା ଭିତ୍ତିଭୂମିକୁ ମଜଭୁତ କରାଯାଉଛି। ନୂଆ ନୂଆ ଶିକ୍ଷାନୁଷ୍ଠାନ ଖୋଲାଯିବା ସହ ପିଏମ୍ ଶ୍ରୀ ସ୍କୁଲ ବିକଶିତ କରାଯାଉଛି। ୩୭୦ ଧାରା ଉଚ୍ଛେଦ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି ଅଞ୍ଚଳରେ ବିକାଶର ଧାରା ତ୍ୱରାନ୍ୱିତ ହେଉଛି ବୋଲି ଦିନିକିଆ ଜମ୍ମୁ ଗସ୍ତରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ମାତା ବୈଷ୍ଣୋଦେବୀ ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ସମାରୋହରେ ଯୋଗଦେବା ସହ ଆଇଆଇଟି, ଜମ୍ମୁରେ 'ବିକଶିତ ଭାରତ' ନେଇ ଥିବା କଳ୍ପନା ଏବଂ ବୁଦ୍ଧିମତ୍ତା ଉପରେ ଛାତ୍ରୀଛାତ୍ର ଓ ପ୍ରାଧ୍ୟାପକଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ, ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କୁ ପ୍ରାଥମିକତା ଉପରେ ସେ ଆଲୋଚନା କରିଛନ୍ତି। ଏହାସହ ସବ୍‌କା ସାଥ୍- ସବ୍‌କା ବିକାଶ, ସବ୍‌କା ପ୍ରୟାସ- ସବ୍‌କା ବିକାଶର ମଡେଲ ଉପରେ ଆଲୋକପାତ କରିବା ସହ ଜାତୀୟ ଶିକ୍ଷାନୀତିରେ ମାତୃଭାଷାକୁ ପ୍ରାଧାନ୍ୟ ଦିଆଯିବା, ଭାରତୀୟତାରୁ ପ୍ରେରିତ ହେବା ଓ ଆତ୍ମବିଶ୍ୱାସ ବଢାଇବା ଉପରେ ମତ ରଖିଛନ୍ତି। ୨୦୧୪ ପରେ ବ୍ୟାପକ ସଂସ୍କାର କାରଣରୁ ପଲିସି ପାରାଲେସିସ୍‌ର ଯୁଗରୁ ଭାରତ ଏବେ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତି ଭାବେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ମଡେଲ ସମସ୍ତଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ଜମ୍ମୁ-କଶ୍ମୀରରେ ଥିବା ଅପାର ସମ୍ଭାବନା ଏବଂ ସ୍ୱତନ୍ତ୍ରତା ଉପରେ ଦୀର୍ଘ ସମୟ ଧରି ଗବେଷଣା କରିବା ପାଇଁ ଆଇଆଇଟି ଜମ୍ମୁକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଯେତେବେଳେ ବିଦ୍ୟାର୍ଥୀମାନେ ସମାଜ ଜୀବନରେ ଦାୟିତ୍ୱ ନେବେ, ସେମାନେ ଜମ୍ମୁ-କଶ୍ମୀରର ଐତିହ୍ୟକୁ ସାଙ୍ଗରେ ନେଇ ଆଗକୁ ବଢିବେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜମ୍ମୁର ଉପରାଜ୍ୟପାଳ ମନୋଜ ସିହ୍ନା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମାହେଶ୍ୱରୀ ସଂଘର ଶ୍ରୀରାମ କଥା ପ୍ରବଚନ

ମାଲକାନଗିରି,୨୮।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ମାହେଶ୍ୱରୀ ସଂଘ ପରିସରରେ ମାରୱାଡି ସମ୍ପ୍ରଦାୟ ତରଫରୁ ଗୁରୁବାରଠାରୁ ସପ୍ତାହେ ବ୍ୟାପି ଶ୍ରୀରାମ କଥା ପ୍ରବଚନ ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ମହିଳା ଭକ୍ତ ସୁବାଷ ଛକ ହନୁମାନ ମନ୍ଦିର ପରିସରରୁ ଏକ ବିରାଟ କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ମାହେଶ୍ୱରୀ ଭବନ ପରିସରରେ ପହଞ୍ଚି ଥିଲେ। ସୁସଜ୍ଜିତ ପବିତ୍ର ଜଳ କଳସ ଭବନଠାରେ ସ୍ଥାପିତ ହେବାପରେ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରତିଦିନ ମଧ୍ୟାହ୍ନ ୨ରୁ ୫ଘଟିକା ପର୍ଯ୍ୟନ୍ତ ଶ୍ରୀରାମ କଥା ପ୍ରବଚନ ଚାଲିବ। ନାଗପୁରରୁ ଆସିଥିବା ପ୍ରସିଦ୍ଧ ପ୍ରବଚକ ପ୍ରଣୟ ମହାରାଜ ଜୀ ରାମଙ୍କ ମହିମା, ରାମଙ୍କ ଜନ୍ମ, ରାମ ଜାନକୀ ବିବାହ, ଭରତ ଚରିତ୍ର, ସୁନ୍ଦରକାଣ୍ଡ, ଶ୍ରୀ ରାମେଶ୍ୱର ସ୍ଥାପନ, ରାଜତିଳକ ସମ୍ପର୍କରେ ପ୍ରବଚନ ଦେବେ । ପ୍ରଥମ ଦିନରେ ରାମଙ୍କ ମହିମା ପ୍ରବଚନ ଶୁଣିବା ନିମନ୍ତେ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମହେଶ୍ୱରୀ ସଂଘର ସଭାପତି ସୁରେଶ ସୋମାନୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

### ୧୭ ବର୍ଷ ହେଲା ଗୁହାଳ ଘରେ ବିତୁଛି ଜୀବନ

ଦଶମନ୍ତପୁର,୨୮।୧୨(ଅରବିନ୍ଦ ନାୟକ )

ବର୍ଷେ ନାହିଁ କି ଦୁଇ ବର୍ଷ ନୁହେଁ ଦୀର୍ଘ ୧୭ ବର୍ଷ ହେଲା ଜଣେ ମହିଳା ଗହାଳ ଘରେ ଜୀବନ ଅତିବାହିତ କରୁଛନ୍ତି। ସେ ହେଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ଚାଉଳକନ୍ତି ଗ୍ରାମର ସିମନ କୁଲିସିକାଙ୍କ ସ୍ତ୍ରୀ ଡାଲମେ କୁଲିସିକା(୩୦)। ସେ ୩୦ ବର୍ଷ ତଳେ ଗ୍ରାମରେ ବିବାହ କରିଥିଲେ। ତାଙ୍କ ସ୍ୱାମୀ ପୋଲିସ ବିଭାଗରେ କାର୍ଯ୍ୟରତ ଜଣେ କର୍ମଚାରୀ। ବିବାହର ୮ ବର୍ଷ ପରେ ସେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ମାତ୍ର ପୁଅ ଅଭି କୁଲିସିକା(୧୬)ଙ୍କୁ ୫ ବର୍ଷ ଦିନଠାରୁ ସେ ପାଗେଳିକ ଭଳି ବ୍ୟବହାର କରୁଛନ୍ତି ବୋଲି ମହିଳାଙ୍କ ଶ୍ୱଶୁର କହିଥିବା ଜଣାପଡିଛି। ପୁଅକୁ ପାଖରେ ରଖି ଝିଅକୁ ନେଇଯାଅ ବୋଲି ଶ୍ୱଶୁର ଘର ଲୋକେ ଖବର ଦେଇ ଆସୁଥିଲେ। ଶେଷରେ ବାଧ ହୋଇ ବାପଘର ଲୋକେ ନିଜ ଝିଅ ଡ଼ାଲମେଙ୍କୁ ଆଜକୁ ଦୀର୍ଘ ୧୭ ବର୍ଷ ହେଲା ନିଜ ଘରକୁ ଆଣି ରଖିଛନ୍ତି। ସ୍ୱାମୀ ସିମନ ଶାଶୁଘର ପରିବାର ସହ ଆପୋସ ବୁଝାମଣା କରି ଅନ୍ୟତ୍ର ବିବାହ କରିଥିବା ଜଣାପଡିଛି।

### ପୋଲିସକୁ ଦୁର୍ବ୍ୟବହାର କରି ୨ ଭାଇ ଗିରଫ

କୋରାପୁଟ, ୨୮।୧୨(ଅମିତାଭ ବେହେରା)

ପୋଲିସକୁ ଦୁର୍ବ୍ୟବହାର ସହ କାମରେ ବାଧା ଉପୁଜାଇବା ଅଭିଯୋଗରେ ଦୁଜଣଙ୍କୁ ଗୁରୁବାର ଗିରଫକରି ଲକ୍ଷ୍ମୀପୁର ପୋଲିସ କୋର୍ଟ ଚାଲାଣ କରିଛି। ଏପରି ଘଟଣା କୋରାପୁଟ ବ୍ଲକ୍ର ଚମ୍ପି ଗ୍ରାମରେ ଦେଖିବାକୁ ମିଳିଛି। ଗିରଫ ୨ ଅଭିଯୁକ୍ତ ହେଲେ ବନମାଳୀ ସାହୁ ଓ ଡମ୍ବରୁଧର ସାହୁ। ଚମ୍ପି ଗ୍ରାମରେ ବ୍ୟାପକ ଭାବେ ମଦ କାରବାର ଚାଲିଥିବା ଖବର ପାଇ ପୋଲିସ ଜଣେ ମଦ ବ୍ୟବସାୟୀଙ୍କ ଘର ଉପରେ ବୁଧବାର ଚଢାଉ କରିଥିଲା। ଏହି ସମୟରେ ମଦ ବ୍ୟବସାୟୀ ଦୁଇଭାଇ ବନମାଳୀ ଓ ଡମ୍ବରୁଧର ପୋଲିସ କାମରେ ବାଧା ସୃଷ୍ଟି କରିବା ସହ ପୋଲିସକୁ ଗାଳିଗୁଲଜ କରିଥିଲେ। ଏନେଇ ଗୁରୁବାର ପୋଲିସ ୧୬୮/୨୩ରେ ଏକ ମାମଲା ରୁଜୁକରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

# ଗୁମୁଡ଼ାପୁଟ ଜଙ୍ଗଲରୁ ବିପୁଳ ପରିମାଣର ବିସ୍ଫୋରକ ଜବତ

କୋରାପୁଟ/ଜୟପୁର,୨୮।୧୨ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ପୋଲିସକୁ ଏକ ବଡ ସଫଳତା ମିଳିଛି । ମାଛକୁଣ୍ଡ ଥାନା ଅନ୍ତର୍ଗତ ଗୁମୁଡ଼ାପୁଟ ଜଙ୍ଗଲରେ କୋମ୍ବିଂ ଅପରେଶନ ବେଳେ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବ୍ୟାପକ ପରିମାଣର ବିସ୍ଫୋରକ ସାମାଗ୍ରୀ ଜବତ କରାଯାଇଛି । ଜବତ ସାମାଗ୍ରୀ ମଧ୍ୟରେ ୧୫ଟି ବନ୍ଧୁକ, ୧୭ଟି ଟିଫିନ ବୋମା, ୨ଟି ଡିଟୋନେଟର ସହ କୋଡେକ୍ସ ତାର ଆଦି ସାମାଗ୍ରୀ ରହିଥିବା କୋରାପୁଟ ଏସ୍‌ପି ଅଭିନବ ସୋନକାର ଗୁରୁବାର ଅପରାହ୍ନରେ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

ଖବରରୁ ଜଣାପଡିଛି, ଗୋଇନ୍ଦା ସୂତ୍ରରୁ ପ୍ରାପ୍ତ ସୂଚନାକୁ ଆଧାରକରି ବୁଧବାର ଅପରାହ୍ନରେ ଜିଲା ପୋଲିସ ଓ ଏସ୍‌ଓଜି ଯବାନ ମାଛକୁଣ୍ଡ ଥାନା ଅନ୍ତର୍ଗତ ଗୁମୁଡାପୁଟ, କୋଡାପୁଟ ଜଙ୍ଗଲ ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିବା ବେଳେ ଏହି ବିସ୍ଫୋରକ ସାମାଗ୍ରୀ ଜବତ କରାଯାଇଛି। ଜବତ ବିସ୍ଫୋରକ ସାମଗ୍ରୀ ମଧ୍ୟରେ ୧୫ଟି ବନ୍ଧୁକ, ୧୭ଟି ଟିଫିନ ବୋମା (୭କେଜି ଓଜନର ୮ଟି ଟିଫିନ ବୋମା ଏବଂ ୩ କେଜି ଓଜନର ୯ଟି ଟିଫିନ ବୋମା, ୫୦ ମିଟର କୋଡେକ୍ସ ତାର, ୨ଟି ଡିଟୋନେଟର, ଗୋଟିଏ ଷ୍ଟିଲ ଡବା, ୨ଟି ଖାଲି ଟିଫିନ ଆଦି ଜବତ କରାଯାଇଛି । ଏହି ଜବତ ବିସ୍ଫୋରକ ସାମାଗ୍ରୀ ମାଓବାଦୀ ଏଓବିଏସ୍‌ଜେଡସି ଗ୍ରୁପ୍ ପକ୍ଷରୁ ରଖାଯାଇଥିବା ପୋଲିସ ଅନୁମାନ କରୁଛି । ସୂଚନାଯୋଗ୍ୟ, ଗତ କିଛିଦିନ ହେଲା ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାବେଳେ କୋରାପୁଟ ଜିଲାର କିଛି ଅଞ୍ଚଳ ପୂର୍ବରୁ ମାଓବାଦୀଙ୍କ ଗତିବିଧି ଅଞ୍ଚଳ ଥିଲା। ସେହି ଅଞ୍ଚଳରେ ପୁଣି ମାଓବାଦୀ ଗତିବିଧି ବୃଦ୍ଧି ପାଇବା ସମ୍ଭାବନା ରହିଥିବାରୁ ଜିଲା ପୋଲିସ ପକ୍ଷରୁ ଗୋଇନ୍ଦା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯାଇ ମିଳିତ ଭାବେ କୋମ୍ବିଂ ଅପରେଶନ କରାଯାଉଥିଲା।


ଜବତ ବିସ୍ଫୋରକ ସାମଗ୍ରୀ

**ଜବତ ବିସ୍ଫୋରକ ମଧ୍ୟରେ ରହିଛି ୧୫ ବନ୍ଧୁକ, ୧୭ ଟିଫିନ ବୋମା ସହ ୨ ଡିଟୋନେଟର**

# କମାଲ ଦେଖାଇଲେ ସେମିଳିଗୁଡା କରାଟେକା



କୃତୀ କରାଟେକା।

ସେମିଳିଗୁଡା/ସୁନାବେଡା୨୮/୧୨ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ତ୍ରୟୋଦଶ ସର୍ବଭାରତୀୟ କରାଟେ ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱର ଠାରେ ୨୨ରୁ ୨୪ ଡ଼ିସେମ୍ବର ଯାଏ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲ ସେମିଳିଗୁଡ଼ାରୁ ୩୧ କାରାଟେକା ଭାଗ ନେଇ ୩୮ ପଦକ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଡାନିଏଲ ଜାନି, ରୋହନ ଦୁରିଆ, ଶ୍ରୁତିଶିଖା ସାହୁ, ଦିବେଶ ବରାଡ଼, ଦୀପ୍ତି ନାମଦେଓ, ଅଦିତି ପଣିଗ୍ରାହୀ, ହର୍ଷଦ କୁମାର, ତୃପ୍ତିରାଣୀ ମହାନ୍ତି, ରୁଦ୍ରାନ୍‌ସୁ ସାମଲ, ଆକାଂକ୍ଷା ମହାନ୍ତି, ତୃଷ୍ଣାରାଣୀ ମହାନ୍ତି ,ଏଞ୍ଜେଲ ଅଭିଷିକ୍ତା ମିନିଅକା ଓ ଅଙ୍କିତ କୁମାର ଖରା ପ୍ରମୁଖ ୧୮ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୱେଷାରାଣୀ ପାତ୍ର , ଲତାଶା ମଣ୍ଡଳ, ହର୍ଷଦ କୁମାର, ସର୍ଗମ ଭତ୍ରା ,ସିବାରପିତ ସ୍ୱାଇଁ ୫ଟି ରୌପ୍ୟ ପଦକ ହାସଲ କରିଛନ୍ତି। ବିକାଶ କୁମାର ଗେମେଲ, ପ୍ରିୟାଂଶୁ ମହାରଣା, ଅଦିତି ବେହେରା, ଦୀପଶିଖା ମୁଣ୍ଡଗଡିଆ, ତୃପ୍ତିରାଣୀ ମହାନ୍ତି, ଦେବାଂଶୀ ମହାନ୍ତି , ଲତାସା ମଣ୍ଡଳ, ସୁସ୍ମିତା ନାୟକ, ସିବାରପିତ ନାୟକ, ସର୍ଗମ ଭତ୍ରା, ଅନୋଲ ସାଧୁକା, ଆଞ୍ଜେଲ ଅଭିସିକ୍ତା ମିନିଅକା, ଆଦର୍ଶ ବେହେରା ୧୫ଟି କାଂସ୍ୟ ପଦକ ଜିତିଛନ୍ତି। କୋଚ ଆର୍ଯ୍ୟନ ଓ ଦିବେଶ ପ୍ରତିଯୋଗିତାରେ ସମସ୍ତ ସହଯୋଗ କରିଥିଲେ। ସେନସେଇ ରାଜେନ୍ଦ୍ର କେଶରୀ ସାମଲ ରେଫେରି ଭାବେ ଦାୟିତ୍ୱ ତୁଲାଇଥିଲେ।

# ଶାବର ଶ୍ରୀକ୍ଷେତ୍ରକୁ ଆସିଲା ନିମନ୍ତ୍ରଣ

**ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ**

କୋରାପୁଟ,୨୮।୧୨(ଅମିତାଭ ବେହେରା)

ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ନେଇ ଗୁରୁବାର ଶ୍ରୀକ୍ଷେତ୍ର ପୁରୀରୁ ଶାବର ଶ୍ରୀକ୍ଷେତ୍ର କୋରାପୁଟକୁ ମହାପ୍ରଭୁ ଜଗନ୍ନାଥଙ୍କ ନିମନ୍ତ୍ରଣ ପତ୍ର ଆସିଛି। ପୁରୀ ମନ୍ଦିର ପ୍ରଶାସନର ଡିପିଓ ବଳରାମ ପାତ୍ର, ଜଗନ୍ନାଥ ସେବକ ଚନ୍ଦ୍ରଶେଖର ଖୁଣ୍ଟିଆ, ବାପି ପ୍ରତିହାରୀ ଏବଂ ଟୁଲୁ ପ୍ରତିହାରୀ ପ୍ରମୁଖ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ଉପଜିଲାପାଳ ଛକଠାରୁ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଓ ରାଜେନ୍ଦ୍ର ମାଝି, ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ. ଜଗବନ୍ଧୁ ସାମଲ, ଉପଜିଲାପାଳ ବେଣୁଧର ଶବର, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ପ୍ରମୁଖ ଏହାକୁ ସ୍ୱାଗତକରି ଆଦିବାସୀ ବାଜା ଓ ଢେମସାର ତାଳେ ତାଳେ ସେମାନଙ୍କୁ ଏକ ଶୋଭାଯାତ୍ରାରେ ମନ୍ଦିର ନିକଟକୁ ପାଛୋଟି ନେଇଥିଲେ। ମନ୍ଦିରରେ ପହଞ୍ଚିବା ପରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସେମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ପରେ ମନ୍ଦିର ଭିତରେ ପୂଜାନୀତି ସାରି ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ନିମନ୍ତ୍ରଣ ପତ୍ରକୁ ପାଠକରି ଶାବର ଶ୍ରୀକ୍ଷେତ୍ର ମନ୍ଦିର ସମ୍ପାଦକ ସାମଲଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ କୋରାପୁଟ ଜିଲା ନାରାୟଣପାଟଣା ଜଗନ୍ନାଥ ମନ୍ଦିର କମିଟିର ପି.ଜନାର୍ଦ୍ଦନ ସୁବୁଦ୍ଧି ଓ ମନ୍ଦିର ପୂଜକ ଅଜିତ ତ୍ରିପାଠୀଙ୍କୁ ମଧ୍ୟ ଅନ୍ୟ ଏକ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁରୀରୁ ଆସିଥିବା ମହାପ୍ରଭୁଙ୍କ ସେବକମାନେ ଆସନ୍ତା ଜାନୁୟାରୀ ୧୭ ରେ ପୁରୀରେ ହେବାକୁ ଥିବା ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମକୁ ସମସ୍ତ ଜିଲାବାସୀଙ୍କୁ ନିମନ୍ତ୍ରଣ କରିଥିଲେ। ସେବକମାନେ ଶାବର ଶ୍ରୀକ୍ଷେତ୍ର ପରେ ମନ୍ଦିରର ପ୍ରଥମେ ବେଢ଼ା, ଦ୍ୱିତୀୟ ବେଢ଼ା ଓ ତୃତୀୟ ବେଢ଼ା ପରିଦର୍ଶନ କରିଥିଲେ।


ମହାପ୍ରଭୁଙ୍କୁ ନିମନ୍ତ୍ରଣ କରାଯାଉଛି।

### ସଞ୍ଜୀବନୀ ପକ୍ଷରୁ ଜିଲାସ୍ତରୀୟ ସିଟି ଟ୍ୟାଲେଣ୍ଟ ଆୱାର୍ଡ

ସେମିଳିଗୁଡା/ସୁନାବେଡା ୨୮।୧୨ (ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)

ସେମିଳିଗୁଡାସ୍ଥିତ ଏକ ହୋଟେଲରେ ବୁଧବାର ସଞ୍ଜୀବନୀ ପକ୍ଷରୁ ଜିଲାସ୍ତରୀୟ ସିଟି ଟ୍ୟାଲେଣ୍ଟ ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଜିଲାରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୧୨ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସୁନାବେଡା ପୌରାଧ୍ୟକ୍ଷ ଡ଼. ରାଜେନ୍ଦ୍ର ପାତ୍ର ମୁଖ୍ୟଅତିଥି, ସଞ୍ଜୀବନୀର ନିର୍ଦ୍ଦେଶକ ସଞ୍ଜୀବ ମହାନ୍ତି ଓ ସମାଜିକ କର୍ମୀ ରାଜେଶ ଯାଦବ ଯୋଗ ଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭାମାନେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅନେକ ସୁନାମ ଅର୍ଜନ କରିଥିବାରୁ ସେମାନଙ୍କ ପ୍ରତିଭାକୁ ସମ୍ମାନ ଦେଇ ସମ୍ମାନିତ କରାଯାଇଥିବା ମହାନ୍ତି କହିଛନ୍ତି। ସମ୍ମାନିତ ପ୍ରତିଭାମାନେ ହେଲେ ନାମ୍ରିତା ଏଡିଙ୍ଗ, ରୁଚିକା ଦିବ୍ୟଦର୍ଶିନୀ, ମିତ୍ରଭାନୁ ମିଶ୍ର, ଏସ. ଚିନା ରାଓ,ବିଶ୍ୱ ପ୍ରତାପ, ପ୍ରୀତିକା ନନ୍ଦ, ଭୁବନନ୍ଦ ମାଝୀ, ସଙ୍ଗୀତା ବେହେରା, ରାଜେଶ ସାହୁ, ନିଶାନ ପଟ୍ଟନାୟକ, ହରି ପାଙ୍ଗି, ନିଖିଳ ବଡ଼ନାୟକ। ଏହି ପ୍ରତିଭା ମାନଙ୍କ ମଧ୍ୟରେ କୁନି ବୈଜ୍ଞାନିକ, ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି, କବି, ନୃତ୍ୟଗୁରୁ, ଓଡ୍ରାଫ କର୍ମଚାରୀ, ଲେଖକ, ବାଳିକା କ୍ରିକେଟ ଖେଳାଳି, ସାଇକେଲ ଚାଳକ ରହିଛନ୍ତି।

# ନିମନ୍ତ୍ରଣ କଲେ ୪ଜଣିଆ ପ୍ରତିନିଧି ଦଳ



**ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

ମାଲକାନଗିରି, ୨୮।୧୨ (ଦୁର୍ଯୋଧନ ପାତ୍ର)

ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଆଧାରରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାର ଉଦ୍‌ଘାଟନ ଜାନୁୟାରୀ ୧୭ ତାରିଖରେ ହେବ। ଏହି ଉତ୍ସବରେ ଯୋଗ ଦେବାକୁ ବିଭିନ୍ନ ଜିଲାକୁ ନିମନ୍ତ୍ରଣ କରାଯାଇଥିବା ବେଳେ ଗୁରୁବାର ମାଲକାନଗିରି ଜିଲାକୁ ନିମନ୍ତ୍ରଣପତ୍ର ପ୍ରଦାନ ପାଇଁ ପୁରୀରୁ ଏକ ସ୍ୱତନ୍ତ୍ର ୪ଜଣିଆ ପ୍ରତିନିଧି ଦଳ ଆସିଥିଲେ। ଏଥିରେ ପୁରୀ ଜିଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର ଏବଂ ସେବାୟତ କେଦାରନାଥ ପ୍ରତିହାରୀ, ଲୋକନାଥ ପ୍ରତିହାରୀ ଓ ଚନ୍ଦ୍ରଶେଖର ଖୁଣ୍ଟିଆ ସାମିଲ ଥିଲେ। ସମସ୍ତଙ୍କୁ ଜିଲା ପ୍ରଶାସନ ଓ ଶ୍ରଦ୍ଧାଳୁଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପ୍ରଥମେ ଜିଲା ସଦରରେ ଥିବା ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ବାଜା, ମହୁରୀ, ହୁଳହୁଳି, ଶଙ୍ଖନାଦରେ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରି ଜଗନାଥ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲା। ସେଠାରେ ଜିଲାପାଳ ବିଶାଲ ସିଂ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଜିଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର ମାନସ ମିଶ୍ର, ଜୀବନ ଜୀବିକା ପ୍ରୋଗ୍ରାମ ମ୍ୟାନେଜର ବାଲାଜୀ ପଟ୍ଟନାୟକ ଓ ଜିଲା ପଞ୍ଚାୟତ ଅଧିକାରୀ ରଜନୀକାନ୍ତ ଦାସ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ପୂଜକଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ୪ଜଣଙ୍କୁ ଉଦଘାଟନୀ ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଇଛି।

# ଘର ପଟ୍ଟା ପ୍ରଦାନ ସହ ଭତ୍ତା ବୃଦ୍ଧି ଦାବି

ଜୟପୁର, ୨୮।୧୨ (ପବନ ପାଣିଗ୍ରାହୀ)

ଘର ପଟ୍ଟା ପ୍ରଦାନ ସହ ଭତ୍ତା ବୃଦ୍ଧି କରିବାକୁ ଦାବି କରିଛି ଜୟପୁର ଯୁବ ସଙ୍ଗଠନ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସଙ୍ଗଠନର ଆବାହକ ରବୀନ୍ଦ୍ର ମହାପାତ୍ର ଦାବିପତ୍ର ପ୍ରଦାନ କରିଥିଲେ। ସରକାର ବସ୍ତିବାସିନ୍ଦାଙ୍କୁ ଡ୍ରୋନ ସର୍ଭେ କରି ଘରପଟ୍ଟା ପ୍ରଦାନ କରିଥିଲେ। ଯୋଗ୍ୟତା ପ୍ରମାଣ ପତ୍ର ମଧ୍ୟ ଗରିବ ଲୋକଙ୍କୁ ପ୍ରଦାନ କରିଥିଲେ। ମାତ୍ର ଏହି ଯୋଗ୍ୟତା ପ୍ରମାଣପତ୍ର ମାଧ୍ୟମରେ ଏଯାଏ ଗରିବ ଲୋକେ କୌଣସି ଆବାସ ଗୃହ ପାଇପାରୁନାହାନ୍ତି। ଏହାକୁ ଦେଖାଇଲେ ଏହା ମାଧ୍ୟମରେ ବ୍ୟାଙ୍କ ଋଣ ମିଳୁନାହିଁ କି ସ୍ଥାୟୀ ପ୍ରମାଣପତ୍ର ମଧ୍ୟ ମିଳୁନାହିଁ। ଏହି ଯୋଗ୍ୟତା ପ୍ରମାଣପତ୍ର ଦ୍ୱାରା ସରକାରୀ ସୁବିଧା ମିଳୁ ନ ଥିବାରୁ ଏହି ପ୍ରମାଣପତ୍ରର କିଛି ଅର୍ଥ ନାହିଁ ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଡ୍ରୋନ ସର୍ଭେ କରି ଯୋଗ୍ୟତା ପ୍ରମାଣପତ୍ର ପାଇଥିବା ହିତାଧିକାରୀଙ୍କୁ ସ୍ଥାୟୀ ଘର ପଟ୍ଟା ପ୍ରଦାନ କରିବା ଲାଗି ସେମାନେ ଦାବି କରିଛନ୍ତି। ଓଡ଼ିଶାରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ୫ ଶହ ଟଙ୍କା ମିଳୁଛି। ଅନ୍ୟ ରାଜ୍ୟମାନଙ୍କରେ ଏହି ଭତ୍ତା ଆନ୍ଧ୍ରରେ ୨୫ ଶହ, ତେଲଙ୍ଗାନାରେ ୪ ହଜାର, ପଞ୍ଜାବରେ ୧୫ ଶହ, ସିକ୍କିମରେ ୨ ହଜାର ରହିଥିବା ବେଳେ ଓଡ଼ିଶାରେ ମାତ୍ର ୫ ଶହ ରହିଛି। ଏହି ଅର୍ଥରେ ଜଣେ ଚଳିବା କଷ୍ଟକର। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ୫ ଶହ ଟଙ୍କାରୁ ୧୫ ଶହ ଟଙ୍କାକୁ ବୃଦ୍ଧି କରିବାକୁ ଦାବିପତ୍ରରେ ଦାବି କରାଯାଇଛି।


ଯୁବ ସଙ୍ଗଠନ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଜାନୁୟାରୀ ୯ରୁ ୨ ଦିନିଆ ସେମିନାର

କୋରାପୁଟ,୨୮।୧୨(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ନୂଆଦିଲ୍ଲୀସ୍ଥିତ ଜନଜାତି ଗବେଷଣା ଓ ଜ୍ଞାନ କେନ୍ଦ୍ର ପକ୍ଷରୁ ଜାନୁୟାରୀ ୯ରୁ ୨ ଦିନିଆ ଜାତୀୟ ସେମିନାର ଆୟୋଜନ କରାଯିବ। 'ଭାରତର ସଂସ୍କୃତି ଓ ଜୀବନଶୈଳୀକୁ ସମୃଦ୍ଧ କରିବାରେ ଜନଜାତି ସଂସ୍କୃତି ଏବଂ ଜୀବନଶୈଳୀର ଅବଦାନ' ଶୀର୍ଷକ ସେମିନାରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରିବେ। ଦ୍ୱିତୀୟ ଦିନରେ ଦିଲ୍ଲୀର ଜନଜାତି ଗବେଷଣା ଓ ଜ୍ଞାନ କେନ୍ଦ୍ର ବିଶେଷଜ୍ଞମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ସେମିନାରରେ ଓଡ଼ିଶା ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଜନଜାତି ଅଧ୍ୟୟନ କ୍ଷେତ୍ରରେ ଦକ୍ଷତା ଓ ଜ୍ଞାନ ଥିବା ପ୍ରଫେସର, ଲେଖକ, ଖବରଦାତା ଓ ଗବେଷଣା ବିଦ୍ୟାର୍ଥୀଙ୍କ ସମେତ ପ୍ରାୟ ୧୫୦ଜଣ ପ୍ରତିନିଧି ଯୋଗଦେବେ। ଜନଜାତିଙ୍କ ଜୀବନଶୈଳୀ, ସଂସ୍କୃତି, ପରମ୍ପରା କିଭଳି ଭାରତର ସଂସ୍କୃତି ଏବଂ ଜୀବନଶୈଳୀକୁ ଆକାର ଦେବାରେ ସାହାଯ୍ୟ କରିଛି ସେ ନେଇ ଆଲୋଚନା କରାଯିବ ବୋଲି ବିଶ୍ୱବିଦ୍ୟାଳୟ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

# ଶିଶୁ ଅନୁକୂଳ ପଞ୍ଚାୟତ ଗଠନ ନେଇ ତାଲିମ ଶିବିର

ନନ୍ଦପୁର, ୨୮।୧୨(ଶଙ୍କର ପୂଜାରୀ)–

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧିନ ୨୩ ପଞ୍ଚାୟତକୁ ଶିଶୁ ଅନୁକୂଳ ପଞ୍ଚାୟତ ଭାବେ ଗଠନ କରିବା ଲାଗି ଏକ ପ୍ରଶିକ୍ଷଣ ଶିବିର ବ୍ଲକ ପରିସର ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରଥମ ଦବସରେ ୮ ପଞ୍ଚାୟତ, ଦ୍ୱିତୀୟ ଦିବସରେ ନନ୍ଦକା, ନନ୍ଦପୁର, ପରଜା ବଡପଡ଼ା, ପାଡୁଆ, ପାଛଲୁଙ୍ଗ, ଥୁବା, ରାଇଶିଙ୍ଗ ପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧି, ପିଇଓ, ଜିଆରଏସ, ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଶିକ୍ଷକ, ମହିଳା ଗୋଷ୍ଠୀ ସଦସ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲ୍ଲା ସ୍ତରରୁ ଆସିଥିବା ପ୍ରଶିକ୍ଷକ ମମତା ଯୋଜନାର ଡିପିସି ମମତା ମହାନ୍ତି, ଶିଶୁ ବିକାଶ ବିଭାଗର ଡିପିଏମ ସୀମାରାଣୀ ବେହେରା, ଶିକ୍ଷକ ସଂଗ୍ରାମ କେଶରୀ ମିଶ୍ର ପଞ୍ଚାୟତ ସ୍ତରରୁ ଆସିଥିବା ଲୋକପ୍ରତିନିଧି ଓ କର୍ମଚାରୀଙ୍କୁ ଶିଶୁ ଅନୁକୂଳ ପଞ୍ଚାୟତ ଗଠନ ନେଇ ଆବଶ୍ୟକ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିପିଓ ବେଦାନ୍ତ ମାଝୀ, ବ୍ଲକ ମିଶନ ଶକ୍ତି ବିପିଏମ ବିଚିତ୍ରା ରାଉତ ଶିବିର ପରିଚାଳନା କରିଥିଲେ। ଶନିବାର ବଳକା ୮ପଞ୍ଚାୟତ ପ୍ରତିନିଧିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ବିଡିଓ ଦୋରା କହିଛନ୍ତି।

# ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ମାଲକାନଗିରି, ୨୮।୧୨ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ମହାବିଦ୍ୟାଳୟରେ ଚାଲିଥିବା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଚ୍ଚ ଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ମୁଖ୍ୟ ଅତିଥି, ଜୟପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ତ୍ରିନାଥ ପ୍ରସାଦ ରଥ ମୁଖ୍ୟବକ୍ତା, ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଉଦୟନାଥ ଖରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ନୂଆ-ଓ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଜରିଆରେ କରାଯାଇଥିବା ସାମାଜିକ, ସାଂସ୍କୃତିକ, କ୍ରୀଡ଼ା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ପ୍ରଶଂସାପତ୍ର, ପଦକ ଏବଂ ସିଲ୍ ପ୍ରଦାନ କରାଯାଇଛି। ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀମାନଙ୍କ ସହଯୋଗକୁ ପ୍ରଶଂସା କରାଯାଇଥିଲା। +୨ନୋଡାଲ ଅଧିକାରୀ ଉମେଶ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ନୋଡାଲ ଅଧିକାରୀ ଡ. ରଞ୍ଜନ କୁମାର ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ। ଅଧ୍ୟାପକ ଗୌତମ ନାୟକ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଉମେଶ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

# ଘଟଣାସ୍ଥଳ ଦେଇ ଯାତାୟାତ ବନ୍ଦକଲା ଅଗ୍ନିଶମ ବିଭାଗ

**ହାଇଡ୍ରୋକ୍ଲୋରିକ୍ ଏସିଡ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ**

ପଟ୍ଟାଙ୍ଗି,୨୮।୧୨(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ରାଲେଗଡା ନିକଟରେ ଏକ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଡ୍ରାଇଭର ଏବଂ ହେଲପର ସୁରକ୍ଷିତ ଅଛନ୍ତି। ଅନ୍ୟପକ୍ଷରେ ଏହି ରାସ୍ତା ଦେଇ ଅଗ୍ନିଶମ ବିଭାଗ ସମସ୍ତ ଗାଡିମୋଟର ଯାତାୟାତ ବନ୍ଦ କରିଛି। ଖବରରୁ ଜଣାପଡିଛି, ପଡୋଶୀ ଆନ୍ଧ୍ରର ବିଶାଖାପାଟଣାରୁ ଛତିଶଗଡ଼ ଅଭିମୁଖେ ଯାଉଥିବା ଟ୍ୟାଙ୍କର(ଜିଜେ୧୨ବିୟୁ-୭୪୯୭) ହାଡ୍ରୋ କ୍ଲୋରିକ୍ ଏସିଡ୍ ନେଇ ଯାଉଥିବା ବେଳେ ରାଲେଗଡା ପଞ୍ଚାୟତ ନିକଟରେ ଏକ ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇ ଜାତୀୟ ରାଜପଥ କଡକୁ ଓଲଟି ପଡିଥିଲା। ଫଳରେ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଭିତରୁ ଡ୍ରାଇଭର ଏବଂ ହେଲପର ନିଜ ଜୀବନ ବଞ୍ଚାଇ ରକ୍ଷା ପାଇ ଯାଇଛନ୍ତି। ଟ୍ୟାଙ୍କର ଥିବା ହାଡ୍ରୋକ୍ଲୋରିକ୍ ଏସିଡ୍ ଘଟଣା ସ୍ଥଳରେ ବୋହି ଯାଉଥିବାରୁ ଉକ୍ତ ରାସ୍ତା ଦେଇ ଗାଡିମୋଟର ଚଳାଚଳ ବନ୍ଦ କରାଯାଇଛି। କୋରାପୁଟରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ସମସ୍ତ ଗାଡ଼ିଗୁଡିକ ବ୍ଲକର ପୁକାଲି ଛକଠାରୁ ପୁକାଲି , ଚନ୍ଦକା ହୋଇ ରାଲେଗଡା ପଞ୍ଚାୟତର ରାଜୁଗୁଡା ଛକରେ ବାହାରିବାକୁ ଅଗ୍ନିଶମ ଓ ପୋଲିସ ଅବଗତ କରାଇଛି। ସେହିପରି ଆନ୍ଧ୍ରରୁ କୋରାପୁଟ ଅଭିମୁଖେ ଆସୁଥିବା ସମସ୍ତ ଗାଡି ପୁକାଲି ଛକରେ ବାହାରିବା ପାଇଁ ବ୍ୟବସ୍ଥା କରାଯାଇଛି। ଘଟଣା ସ୍ଥଳରେ ଥାନା ଅଧିକାରୀ ଚତୁର୍ଭୁଜ ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ଏଏସ ଆଇ ମାଧବ ତାଡିଙ୍ଗ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଉପସ୍ଥିତ ରହି ତଦାରଖ କରୁଛନ୍ତି।


ଓଲଟି ପଡିଥିବା ଟ୍ୟାଙ୍କର।

**ସଂକ୍ଷେପରେ**

## ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ରାୟଗଡା,୨୮।୧୨ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟ ଏକ ଚୋରି ମାମଲାର ଶୁଣାଣିକରି ଅଭିଯୁକ୍ତ ଅଭିଶ ରାଓ ମାଣ୍ଡାଙ୍ଗିଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏସ୍‌ଡିଜେଏମ୍ କୋର୍ଟ ଜଜ୍ ବର୍ଷା ଦାସ ବୁଧବାର ୧୮ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ମାଣ୍ଡାଙ୍ଗିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୧୨ ତାରିଖ ରାତିରେ ରାୟଗଡାର ସାଇପ୍ରିୟା ନଗରଠାରେ ଥିବା ଇନଷ୍ଟାକାର୍ଟ ସର୍ଭିସ ପ୍ରାଇଭେଟ ଲିମିଟେଡ଼ରୁ ସଟର ତାଡି ୧୨ ଲକ୍ଷ ୧ ହଜାର ୮୪୮ ଟଙ୍କା ଚୋରି ହୋଇଥିଲେ। ଏ ନେଇ ଅପରେସନ ଏକଜ୍ୟୁକେଟିଭ ପି ଲକ୍ଷ୍ମୀ ନାରାୟଣ ରାୟଗଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଅଭିଶ ରାଓ ମାଣ୍ଡାଙ୍ଗିଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୬ ଲକ୍ଷ ୫୭ ହଜାର ଟଙ୍କା ଜବତ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ନବ କିଶୋର କର୍ଣ୍ଣା ଏବଂ ମାନସ ରଥ କେଶ ପରିଚାଳନା କରୁଥିଲେ। ଅଭିଯୁକ୍ତଙ୍କ ନାମରେ ରାୟଗଡାର ବିଭିନ୍ନ ଥାନାରେ ପୂର୍ବରୁ କେଶ ରହିଥିବା ଜଣାପଡିଛି।

## ଯୌନ ନିର୍ଯାତନା ନିବାରଣ ସମ୍ପର୍କିତ ସଚେତନତା



ବିଷମକଟକ,୨୮।୧୨(ବିଭୂତି ଭୂଷଣ ନାୟକ)

ବିଷମକଟକସ୍ଥିତ ମାର୍କମା ମହାବିଦ୍ୟାଳୟରେ ବୁଧବାର ତାଲୁକ ଆଇନ ସେବା କମିଟି ତରଫରୁ ଯୌନ ନିର୍ଯାତନା ନିବାରଣ ଅଧିନିୟମ ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ସ୍ଥାନୀୟ କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ପବିତ୍ରାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରି ଯୌନ ନିର୍ଯାତନା ନିବାରଣ ଅଧିନିୟମରେ ପ୍ରଦତ୍ତ ମହିଳାଙ୍କ ଅଧିକାର ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନ କୁମାର ପଣ୍ଡା, ଓଡ଼ିଆ ଅଧ୍ୟାପକ ଦୀପ୍ତିରାଣୀ ମିଶ୍ର, ବିଷମକଟକ ବାର୍ ଆସୋସିଏଶନ ବରିଷ୍ଠ ଆଇନଜୀବୀ ମନମୋହନ ପାତ୍ର ଯୋଗଦେଇ ମହିଳାଙ୍କୁ କର୍ମକ୍ଷେତ୍ରରେ ହେଉଥିବା ଯୌନ ନିର୍ଯାତନାର ପ୍ରତିକାର ଓ ସେମାନଙ୍କର ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାରଙ୍କ ଦ୍ୱାରା ଉପଲବ୍ଧ ଏହି ଅଧିନିୟମରେ ନାରୀମାନେ କିପରି ସଶକ୍ତ ହୋଇ ଯୌନ ନିର୍ଯାତନାକୁ ରୋକିପାରିବେ ତଥା ପୀଡ଼ିତାଙ୍କୁ କି ପ୍ରକାରେ ସାହାଯ୍ୟ କରିପାରିବେ ସେ ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

# ମାର୍ଶାଲ ଆର୍ଟ, ଦେଶିଆ ଗୀତ ବିଶେଷ ଆକର୍ଷଣ



ମାଲକାନଗିରି ଜିଲାର କଳାକାରମାନେ ଚଇତି ମଞ୍ଚରେ ମାର୍ଶାଲ ଆର୍ଟ ପ୍ରଦର୍ଶନ କରୁଛନ୍ତି।



କଳାକାରମାନେ ଢେମ୍‌ସା ନୃତ୍ୟ ପରିବେଷଣ କରୁଛନ୍ତି।

ରାୟଗଡ଼ା,୨୮।୧୨
(ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)

**ଲୋକ ମହୋତ୍ସବ ଚଇତିର ତୃତୀୟ ସନ୍ଧ୍ୟା**

ରାୟଗଡ଼ା ଲୋକ ମହୋତ୍ସବ ଚଇତି ତୃତୀୟ ସନ୍ଧ୍ୟାରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଗୁଣପୁର ପୌରାଧ୍ୟକ୍ଷା ମମତା ଗୌଡଙ୍କ ସମେତ ବିଏସ୍‌କେୱାଇ ଉପଦେଷ୍ଟା ସୁଧୀର ଦାସ, ପଛୁଆ ବର୍ଗ ବିକାଶ ରାଜ୍ୟ ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ଗୁଣପୁର, ଚନ୍ଦ୍ରପୁର, କୋଲନରା ବ୍ଲକ ଅଧ୍ୟକ୍ଷା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥାପିକା ବିଦିଶା ଶତପଥୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରିତ କରିଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷା ସ୍ୱଧାଦେବ ସିଂ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହାପରେ ଅତିଥିମାନେ ଚଇତି ଓ ଏହାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ।

ପରେ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ମୁନିଗୁଡା ବ୍ଲକର କଳାକାରମାନେ ଢେମସା ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ମାଲକାନଗିରି ଜିଲାର ପ୍ରଶିକ୍ଷିତ ଆର୍ଟିଷ୍ଟ ନିଜର ମାର୍ଶାଲ ଆର୍ଟ କଳା ପ୍ରଦର୍ଶନ କରିଥିଲେ। ସେହିଭଳି ମହାରାଷ୍ଟ୍ରରୁ ଆସିଥିବା ୨ ସାଂସ୍କୃତିକ ଦଳ ଲାବଣୀ ନୃତ୍ୟ, କଳାହାଣ୍ଡି ସିଙ୍ଗାରି ନୃତ୍ୟ, କୋରାପୁଟର ଢେମସା ନୃତ୍ୟ, ଝଞ୍ଜାବତି କଳା ପରିଷଦର ଆଦିବାସୀ ଢେମସା ସମେତ ବିଷମକଟକ ଓ ରାୟଗଡ଼ାର କଳାକାରମାନେ ନିଜ ନିଜ ପ୍ରତିଭା ପ୍ରଦର୍ଶନ କରି ସମ୍ମାନିତ ହୋଇଥିଲେ। ତୃତୀୟ ସନ୍ଧ୍ୟାରେ ସ୍ଥାନୀୟ ଆଜାଦ ହିନ୍ଦ ମ୍ୟୁଜିକ ଗାଲେକ୍ସି ଟିମ ଦ୍ୱାରା ପରିବେଷଣ କରାଯାଇଥିବା 'ଦେଶିଆ ପିଲାଟି ଜମେଇ ନାଚିଲା' ଗୀତ ଏବଂ ମାଲକାନଗିରି ଜିଲାର ମାର୍ଶାଲ ଆର୍ଟ ବେଶ୍ ଆକର୍ଷଣୀୟ ଥିଲା। ଏଥିସହ ଲଟକମଣି ବେବି ଗୀତରେ ନିଜର କାର୍ଯ୍ୟକ୍ରମ ଆରମ୍ଭ କରି ଦର୍ଶକଙ୍କୁ ଚଇତି ମଞ୍ଚରେ ବାନ୍ଧି ରଖିଥିଲେ ଓଲିଉଡ୍ ପ୍ରସିଦ୍ଧ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଏଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର ଓ ଅନ୍ୟମାନେ କାର୍ଯ୍ୟକ୍ରମ ସୁରକ୍ଷା ଓ ପରିଚାଳନା ଉପରେ ନଜର ରଖିଥିଲେ।

## ଓଜେଏସ୍ ପାଇଲେ ରାୟଗଡ଼ାର ଶ୍ରୀତମ ସିଦ୍ଧାନ୍ତ

ରାୟଗଡ଼ା,୨୮।୧୨
(ଆଶିଷ ରଞ୍ଜନ ପଣ୍ଡା)



ଶ୍ରୀତମ ସିଦ୍ଧାନ୍ତ ପାଢ଼ୀ।

**୨୫ ନମ୍ବର ର୍ୟାଙ୍କରେ ଉତ୍ତୀର୍ଣ୍ଣ**

ଉପାନ୍ତ ଜିଲା ଭାବେ ପରିଚିତ ରାୟଗଡ଼ା ଜିଲାର ପୁଅ ଶ୍ରୀତମ ସିଦ୍ଧାନ୍ତ ପାଢ଼ୀ ପାଇଛନ୍ତି ଓଡ଼ିଶା ଜୁଡିସିଆଲ ସର୍ଭିସ୍(ଓଜେଏସ୍) । ଶ୍ରୀତମ୍ ଆଇଟି ଇଞ୍ଜିନିୟରରୁ ଆଇନଜୀବୀ ଏବଂ ଏବେ ବିଚାରବିଭାଗରେ ଯୋଗଦାନ କରିବେ। ଗୁଣପୁର ଉପଖଣ୍ଡ ବିକ୍ରମପୁର ଗାଁର ଶ୍ରୀତମ ସିଦ୍ଧାନ୍ତ ୨୦୨୨ ଓଜେଏସ୍ ପରୀକ୍ଷାରେ ଓଡ଼ିଶାର ୫୫ଜଣଙ୍କ ମଧ୍ୟରେ ରାୟଗଡ଼ା ଜିଲାରୁ ଜଣେ ମାତ୍ର ସଫଳତା ହାସଲ କରିଛନ୍ତି।

ଶ୍ରୀତମ ଜୟପୁର ସରସ୍ୱତୀ ଶିଶୁମନ୍ଦିରରେ ନିଜର ପ୍ରାକ୍ ଶିକ୍ଷା ଜୀବନ ଆରମ୍ଭ କରିଥିଲେ । ବାପାଙ୍କ ରାୟଗଡ଼ା ବଦଳି ପରେ ଏଠାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଷଷ୍ଠଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ପରେ ପୁଣି ସ୍ଥାନ ପରିବର୍ତ୍ତନ ହେବାପରେ ଗୁଣପୁରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ସରକାରୀ ହାଇସ୍କୁଲରେ ମାଟ୍ରିକ ପର୍ଯ୍ୟନ୍ତ ପଢ଼ିଥିଲେ। ସମୟ କ୍ରମେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଯୁକ୍ତ୨ ଏବଂ ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜରେ ବୈଷୟିକ ଶିକ୍ଷା ଗ୍ରହଣକରି ଇନ୍‌ଫୋସିସ୍ କମ୍ପାନୀରେ କାର୍ଯ୍ୟ କରୁଥିଲେ । ଇନ୍‌ଫୋସିସରେ କାର୍ଯ୍ୟ କରିବା ସମୟରେ ବହୁତ କିଛି ନୂଆ ଶିଖିବାକୁ ପାଇଥିବା ଶ୍ରୀତମ କହିଛନ୍ତି । ସେହି ସମୟରେ ଆଇନ ସେବା ଦିଗକୁ ଆକର୍ଷିତ ହେବାରୁ ଚାକିରି ଛାଡ଼ି ଆଇନ ସେବାରେ ଅଧ୍ୟୟନ ଆରମ୍ଭ କରିଥିଲେ। କଟକସ୍ଥିତ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଆଇନ ଶିକ୍ଷା ଗ୍ରହଣ କରିବା ପରେ ଉଚ୍ଚ ନ୍ୟାୟାଳୟରେ ଆଇନଜୀବୀ ଭାବେ ଅଭ୍ୟାସକରି ଆସୁଥିଲେ । ଏହାପରେ ଓଜେଏସ୍ ପରୀକ୍ଷା ଦେଇଥିଲେ । ବୁଧବାର ପ୍ରକାଶ ପାଇଥିବା ଓଜେଏସ୍ ଫଳାଫଳରେ ଶ୍ରୀତମ ସାରା ରାଜ୍ୟରେ ୨୫ତମ ର୍ୟାଙ୍କ ରଖିଥିବା ଜଣାପଡିଛି। ମା'ବାପା, ନିଜ ପରିବାର ଏବଂ ଭଗବାନଙ୍କ ଆଶୀର୍ବାଦରୁ ସେ ଏହି ସଫଳତା ପାଇଥିବା ଶ୍ରୀତମ କହିବା ସହ ସମସ୍ତଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି।

# ଶ୍ରଦ୍ଧା ଶ୍ରୀକ୍ଷେତ୍ର, ମଝିଘରିଆଣୀଙ୍କୁ କରାଗଲା ନିମନ୍ତ୍ରଣ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ**

ରାୟଗଡ଼ା,୨୮।୧୨(ଆଶିଷ ରଞ୍ଜନ ପଣ୍ଡା)

ଆସନ୍ତା ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ଦେଶର ସମସ୍ତ ମନ୍ଦିରକୁ ନିମନ୍ତ୍ରଣ ପତ୍ର ପଠାଯାଉଛି । ପୁରୀ ଶ୍ରୀମନ୍ଦିରରୁ ୧୩ଟି ଟିମ୍ ରାଜ୍ୟର ୩୦ଟି ଜିଲାକୁ ନିମନ୍ତ୍ରଣପତ୍ର ଧରି ଯାଉଥିବା ବେଳେ ରାଜ୍ୟ ବାହାରକୁ ୧୭ଟି ସେବାୟତ ଟିମ୍ ଯାଇଥିବା ସୂଚନା ମିଳିଛି। ଏହି ନିମନ୍ତ୍ରଣ ପତ୍ର ଦେବା ପାଇଁ ଗଜପତି ଓ ରାୟଗଡ଼ା ଜିଲାକୁ ମନ୍ଦିର ପ୍ରଶାସନର ସ୍ୱରୂପ କୁମାର କରଙ୍କ ନେତୃତ୍ୱରେ ୩ ସେବାୟତ ଶିବଶଙ୍କର ରଣା, ସତ୍ୟ ଶିବସୁନ୍ଦର ଚ୍ୟାଉପଟ୍ଟନାୟକ ଓ ସୁବାସ ଚନ୍ଦ୍ର ମହାନ୍ତି ବୁଧବାର ଗଜପତି ଜିଲାରେ ନିମନ୍ତ୍ରଣ ପତ୍ର ବାଣ୍ଟି ବୁଧବାର ସନ୍ଧ୍ୟାରେ ରାୟଗଡ଼ାରେ ପହଞ୍ଚିଥିଲେ । ଗୁରୁବାର ସକାଳେ ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଜଗନ୍ନାଥ ମହାପ୍ରଭୁଙ୍କୁ ନିମନ୍ତ୍ରଣପତ୍ର ଦେବା ପରେ ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରକୁ ଯାଇ ସେଠାରେ ନିମନ୍ତ୍ରଣ ପତ୍ର ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଦେବୋତ୍ତର ବିଭାଗ ମୁଖ୍ୟ ତଥା ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଓ ରାଧାକୃଷ୍ଣ ଦଳାଇ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଓ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଡ.ଦୟାନିଧି ବାଗ ପ୍ରମୁଖ ଉପସ୍ଥିତ ଥିଲେ । ନିମନ୍ତ୍ରଣ ପତ୍ର ଧରି ଆସିଥିବା ସେବାୟତଙ୍କୁ ରଥ ଛକଠାରୁ ଶଙ୍ଖଧ୍ୱନି ସହ କଳାକାରମାନେ ଆଦିବାସୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସ୍ୱାଗତ କରିଥିଲେ । ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ନିମନ୍ତ୍ରଣପତ୍ର ପ୍ରଦାନ ପରେ ଶତାଧିକ ଶ୍ରଦ୍ଧାଳୁ ଓ ସେବାୟତମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମଝିଘରିଆଣୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଶ୍ରୀକ୍ଷେତ୍ରର ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାସ, ରାଜସ୍ୱ ନିରୀକ୍ଷକ ବାଳକୃଷ୍ଣ ରଥ ଓ ସେବାୟତମାନେ ପରିଚାଳନା କରିଥିଲେ।



ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ନିମନ୍ତ୍ରଣ ପତ୍ର ଗ୍ରହଣ କରୁଛନ୍ତି ।

## ସ୍କୁଲ ଛାତ୍ରୀଙ୍କୁ ଦୁର୍ବ୍ୟବହାର, ପିଅନ ଗିରଫ

ରାଇଘର,୨୮।୧୨ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଞ୍ଚଳର ଏକ ସ୍କୁଲ ଛାତ୍ରୀଙ୍କୁ ଜଣେ ପିଅନ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। କୁନ୍ଦେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସ୍କୁଲର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଛୁଟିରେ ଘରକୁ ଯାଇଥିଲେ। ଟେଷ୍ଟ ପେପର ହଷ୍ଟେଲରେ ରହିଯାଇଥିବାରୁ ସେ ୨୩ ତାରିଖରେ ଭାଇଙ୍କୁ ନେଇ ହଷ୍ଟେଲକୁ ଯାଇଥିଲେ। ଭାଇ ବାହାରେ ଥିବାବେଳେ ଛାତ୍ରୀଙ୍କୁ ଏକୁଟିଆ ଦେଖି ପିଅନ ଇନ୍ଦ୍ରରାମ ଗଣ୍ଡ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ସେ କୌଣସି ପ୍ରକାରେ ଖସି ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ବାପା କୁନ୍ଦେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଓଡ଼ିଶା ମେଟାଲିଫେରସ ଖଣି ନିରାପତ୍ତା ସପ୍ତାହ



କାର୍ଯ୍ୟକ୍ରମରେ ଉପସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ କର୍ତ୍ତୃପକ୍ଷ ।

ଟିକିରି,୨୮।୧୨ (ପ୍ରଫୁଲ୍ଲ କୁମାର ବେହେରା)

ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍‌କୋ ଲିମିଟେଡ୍‌ର ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ବାଫିଲମାଳି ବକ୍ସାଇଟ ଖଣିରେ ୪୧ତମ ଓଡ଼ିଶା ମେଟାଲିଫେରସ ଖଣି ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ଆଲୁମିନା ପକ୍ଷରୁ କର୍ମଚାରୀ ଏବଂ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରବନ୍ଧ ଲିଖନ, ସ୍ଲୋଗାନ ଲିଖନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉତ୍କଳ ଆଲୁମିନାର ୟୁନିଟ୍ ହେଡ୍ ମଜହର ବେଗଙ୍କ ଅଧ୍ୟକ୍ଷତାରେ ଏବଂ ମାଇନ୍ସ ହେଡ୍ ମୁକେଶ ଝାଙ୍କ ପରିଚାଳନାରେ ନୂଆପଡା ଟାଉନଶିପ୍‌ରେ ଏକ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମଜହର ବେଗ ସମାବେଶକୁ ଉଦ୍‌ବୋଧନ ଦେଇ ଖଣି ନିରାପତ୍ତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହିତ କାର୍ଯ୍ୟସ୍ଥଳରେ ଶୂନ୍ୟ କ୍ଷତି ବଜାୟ ରଖିବା ସକାଶେ ଧାର୍ଯ୍ୟ ସର୍ତ୍ତାବଳୀ ଅନୁପାଳନ ଏବଂ କାର୍ଯ୍ୟ ଧାରାକୁ ଉତ୍ତମ ଭାବରେ ବୁଝିବା ନେଇ ସମୁଦାୟ ଟିମକୁ ପ୍ରଶଂସା କରିଥିଲେ ।

# ଆଜି ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ଚନ୍ଦ୍ରପୁର ଗସ୍ତ

ଗୁଣପୁର,୨୮।୧୨(ପ୍ରଦୀପ କୁମାର ପାଢୀ)

**ଆଦିବାସୀ ମହିଳାଙ୍କୁ ହତ୍ୟା ଘଟଣା**

ଚନ୍ଦ୍ରପୁରରେ ଆଦିବାସୀ ମହିଳାଙ୍କ ହତ୍ୟା ଘଟଣାକୁ ନେଇ ସାରା ଜିଲାରେ ଅସନ୍ତୋଷ ତେଜୁଥିବାବେଳେ ଶୁକ୍ରବାର ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ତଥ୍ୟ ଅନୁସନ୍ଧାନକାରୀ ଦଳ ଚନ୍ଦ୍ରପୁର ଗସ୍ତ କରିବେ। ସେମାନେ ଆଦିବାସୀ ମହିଳାଙ୍କ ହତ୍ୟା ଘଟଣାର ତଥ୍ୟ ଅନୁସନ୍ଧାନ କରିବେ ବୋଲି ସଂଗଠନର ରାଜ୍ୟ ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଗୁରୁବାର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ଏହି ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଗୁରୁବାର ଭାଜପା ପକ୍ଷରୁ ରାୟଗଡା ବନ୍ଦ ପାଳନ କରାଯାଇଥିବାବେଳେ ବୁଧବାର କାଶୀପୁରଠାରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଶୁକ୍ରବାର ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ରାଜ୍ୟ ସଂଯୋଜକ ସୁବାସ ପଣ୍ଡାଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ପଣ୍ଡା, ଜିଲା ସଂଯୋଜକ ତଥା ଖବରଦାତା ରାଧାକୃଷ୍ଣ ପଟ୍ଟନାୟକ, ଗୁଡାରି ବ୍ଲକ ସଭାପତି ଗୌରି ଶଙ୍କର ମିଶ୍ର ପ୍ରମୁଖ ଚନ୍ଦ୍ରପୁର ଗସ୍ତ କରି ତଥ୍ୟ ସଂଗ୍ରହ କରିବେ ବୋଲି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ତଥ୍ୟ ଅନୁସନ୍ଧାନକାରୀ ଦଳ ନିକଟରେ ଥିବା ସୁଧାରଗୃହ, ଡାକ୍ତରଖାନା, ସେଠାକାର ଜନସାଧାରଣ, ବୁଦ୍ଧିଜିବୀ, ସମାଜସେବୀ ଓ ଗଣ ସଂଗଠନର ଲୋକଙ୍କ ଉପସ୍ଥିତିରେ ତଥ୍ୟ ପ୍ରଦାନ କରିବାକୁ ପ୍ରେସ୍ ବିଜ୍ଞପ୍ତିରେ ନିବେଦନ କରାଯାଇଛି।

# ମିଲେଟ ମିଶନକୁ ଅଧିକ କ୍ରିୟାଶୀଳ ପାଇଁ ପରାମର୍ଶ

**ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକଲେ ଅରବିନ୍ଦ ପାଢ଼ୀ**

ରାୟଗଡ଼ା,୨୮।୧୨(ଭାଗ୍ୟଶ୍ରୀ ମିଶ୍ର)



ଡ. ଅରବିନ୍ଦ କୁମାର ପାଢ଼ୀ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ତଥା ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ବୁଧବାର ରାୟଗଡା ଜିଲା ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ରାୟଗଡ଼ା ଲୋକ ମହୋତ୍ସବ ଚଇତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ପ୍ରଶଂସା କରିଥିଲେ। ଏହାସହ ଜିଲାର ପ୍ରାଣୀ ସମ୍ପଦ, ଉଦ୍ୟାନ କୃଷି, ଜଳ ବିଭାଜିକା, ମତ୍ସ୍ୟ ଓ କୃଷି ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନରେ ଡ. ପାଢ଼ୀ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାକରି ଜିଲାରେ ମାଣ୍ଡିଆ ଚାଷୀଙ୍କୁ ଅଧିକ ପ୍ରୋତ୍ସାହନ ଦେବାକୁ କହିଛନ୍ତି। ମାଣ୍ଡିଆ ଏକ ପୁଷ୍ଟିକର ଶସ୍ୟ, ଯାହାର ଏବେ ଅଧିକ ଚାହିଦା ରହିଛି। ତେଣୁ ଜିଲାରେ କିଭଳି ଅଧିକରୁ ଅଧିକ ଚାଷୀ ମାଣ୍ଡିଆ ଚାଷ ପାଇଁ ଆଗ୍ରହ ପ୍ରକାଶ କରିବେ ସେଥିପାଇଁ ମିଲେଟ ମିଶନକୁ ଅଧିକ କ୍ରିୟାଶୀଳ ପାଇଁ ଡ. ପାଢ଼ୀ ପରାମର୍ଶ ଦେଇଛନ୍ତି । ସେହିପରି ପ୍ରାଣୀ ସମ୍ପଦ ବିଭାଗର ସମୀକ୍ଷାକରି ଜିଲାରେ କୁକୁଡ଼ା ଚାଷ, ଛେଳି ଚାଷ, ଘୁଷୁରି ଚାଷ ବିଷୟରେ ପଚାରି ବୁଝିଥିବା ବେଳେ ଉଦ୍ୟାନ କୃଷି, ସୋଲାର କୋଲ୍ଡ ରୁମ୍, ଏମ୍‌କେୱାଇ ଯୋଜନା ସହ କୃଷି ବିଭାଗର ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ, ଜିଲା ପ୍ରାଣୀ ସମ୍ପଦ ବିକାଶ ଅଧିକାରୀ ଡାକ୍ତର ହାଡିବନ୍ଧୁ ଭୋଇ, ଜଳ ବିଭାଜିକା ମିଶନ ପ୍ରକଳ୍ପ ଅଧିକାରୀ ଡ଼. ଦୟାନିଧି ବାଗ, ଜିଲା ମତ୍ସ୍ୟ ବିଭାଗ ଅଧିକାରୀ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କ୍ଷତି ସହୁଛନ୍ତି ଏସ୍‌ଏଚ୍‌ଜି ଗ୍ରୁପ୍, ମିଶନ ଶକ୍ତି ମହିଳା

ରାୟଗଡ଼ା,୨୮।୧୨(ଆଶିଷ ରଞ୍ଜନ ପଣ୍ଡା)

**ପଲ୍ଲିଶ୍ରୀ ମେଳାରେ ଫୁଟ୍‌ପାଥ୍ ବ୍ୟବସାୟୀଙ୍କ ଅବାଧ ପ୍ରବେଶ**

ରାୟଗଡାରେ ଗତ ୨୬ ରୁ ଆରମ୍ଭ ହୋଇଛି ଲୋକ ମହୋତ୍ସବ ଚଇତି ଓ ପଲ୍ଲିଶ୍ରୀ ମେଳା। ତେବେ ପଲ୍ଲିଶ୍ରୀ ମେଳାରେ ନାନା ଅବ୍ୟବସ୍ଥା ଲାଗିରହିଛି। ମୁଖ୍ୟତଃ ଫୁଟ୍‌ପାଥ ବ୍ୟବସାୟୀଙ୍କ ଜବରଦସ୍ତ ପ୍ରବେଶ ଉପରେ ଅଙ୍କୁଶ ନ ଥିବାରୁ ପଲ୍ଲିଶ୍ରୀ ମେଳାରେ ଷ୍ଟଲ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ନାନା କ୍ଷତି ସହୁଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଫୁଟ୍‌ପାଥ ବ୍ୟବସାୟୀଙ୍କୁ ତୀବ୍ର ବିରୋଧ କରିବାରୁ ବୁଧବାର ଅଶାନ୍ତି ଦେଖାଦେଇଥିଲା। ଏପରିକି ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେଉଥିବା ଜିସିଡି ପଡିଆଠାରେ ସେମାନେ ତାଲା ପକାଇ ଦେଇଥିଲେ। ଏହାପରେ ପୋଲିସ ପହଞ୍ଚି ହସ୍ତକ୍ଷେପ କରି ଫୁଟ୍‌ପାଥ ବ୍ୟବସାୟୀଙ୍କୁ ବାହାର କରିବାରୁ ଉତ୍ତେଜନା ଥମିଥିଲା। ହେଲେ ଗୁରୁବାର ପୁଣି ଫୁଟପାଥ ବ୍ୟବସାୟୀ ଅବାଧ ପ୍ରବେଶ କରିବା ସହିତ ମିଶନ ଶକ୍ତି ଷ୍ଟଲ ସମ୍ମୁଖରେ ପସରା ମେଲାଇ ଥିଲେ। ଏଭଳିକି ଅନ୍ୟ ମିଶନ ଶକ୍ତି ଷ୍ଟଲରୁ କିଛି ସାମଗ୍ରୀ କିଣି ଅନ୍ୟ ଷ୍ଟଲ ସମ୍ମୁଖରେ ବିକ୍ରୟ କରିଥିଲେ। ହେଲେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ତେଣୁ ବାଧ୍ୟ ହୋଇ ଶୁକ୍ରବାରଠାରୁ ସେମାନେ ଅଧାରୁ ପଳାଇବାକୁ ମିଶନ ଶକ୍ତି ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

ରାଜ୍ୟର ବିଭିନ୍ନ ଜିଲାରୁ ମିଶନ ଶକ୍ତି ସଦସ୍ୟମାନେ ରାୟଗଡ଼ା ମହୋତ୍ସବରେ ବ୍ୟବସାୟ କରିବାକୁ ଆସିଛନ୍ତି। ୫ ଦିନ ପାଇଁ ସେମାନେ ଗୋଟେ ଷ୍ଟଲ ପିଛା ୧୦ ହଜାର ଟଙ୍କା ଭଡା ଦେଇ ନେଇଛନ୍ତି। ହେଲେ ଚଇତି ପାଳନ କମିଟି ଓ ଓରମାସ କର୍ତ୍ତୃପକ୍ଷ ସେମାନଙ୍କ ସୁରକ୍ଷା ପ୍ରତି ଅଣଦେଖା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଓରମାସ ଡେପୁଟି ସିଇଓ ମନୋଜ ପାତ୍ରଙ୍କୁ ପଚାରିବାରୁ ଫୁଟପାଥରେ ବସୁଥିବା ବ୍ୟବସାୟୀଙ୍କୁ କୌଣସି ଅନୁମତି ନାହିଁ। ସେମାନେ ଜବରଦସ୍ତି ଭିତରେ ପଶି ଅସୁବିଧା କରୁଛନ୍ତି। ଏ ନେଇ ପୋଲିସ ବୁଧବାର ସେମାନଙ୍କୁ ବାହାର କଲେ ମଧ୍ୟ ପୁନର୍ବାର ଆସି ବସିଛନ୍ତି। ତେଣୁ ପୋଲିସ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ଏହାର ସମାଧାନ କରିବାକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦାବି କରିଛନ୍ତି।



ପଲ୍ଲିଶ୍ରୀ ମେଳାରେ ଉଠା ଦୋକାନୀମାନେ ପସରା ମେଳାଇଛନ୍ତି।

# ଭାଜପାର ୬ ଘଣ୍ଟିଆ ବନ୍ଦ ପାଳନ

ରାୟଗଡ଼ା/ବିଷମକଟକ,୨୮।୧୨
(ଆଶିଷ ରଞ୍ଜନ ପଣ୍ଡା/ ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲାରେ ମହିଳାମାନେ ସୁରକ୍ଷିତ ନାହାନ୍ତି। ମହିଳାଙ୍କ ପ୍ରତି ନିର୍ଯାତନା ବଢୁଥିଲେ ମଧ୍ୟ ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଜିଲାରେ ୬ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଭାଜପା କର୍ମୀ ଗୁରୁବାର ସକାଳ ୭ରୁ କପିଳାସ ଛକ ନିକଟସ୍ଥ ୩୨୬ ନଂ. ଜାତୀୟ ରାଜପଥକୁ ଅବରୋଧକରି ବନ୍ଦ ପାଳନ କରିଥିଲେ । ଏହି ସମୟରେ ରାୟଗଡ଼ା ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ଗତ ୨୧ରେ ଜଣେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଥିଲା । ଉକ୍ତ ମୃତଦେହ କାଶୀପୁର ବ୍ଲକ ନାକିଟିଗୁଡ଼ା ଗ୍ରାମର ବେଲଧର ମାଝିଙ୍କ ଝିଅ ଲକ୍ଷ୍ମୀ ମାଝିଙ୍କର ବୋଲି ଜଣାପଡ଼ିବା ପରେ ଚାରିଆଡ଼େ ହଇଚଇ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ଭାଜପା ଦୃଢ଼ ନିନ୍ଦା କରିବା ସହ ଜିଲା ପୋଲିସର ବିଫଳତା ଉପରେ ପ୍ରଶ୍ନ ସୃଷ୍ଟିକରିଛି। ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟ ପରିବାରବର୍ଗଙ୍କୁ ହସ୍ତାନ୍ତର ନ କରିବା ଏବଂ ଏହି ମାମଲାରେ ନିରପେକ୍ଷ ତଦନ୍ତ କରି ଏଥିରେ ଜଡ଼ିତ ଥିବା ଅଭିଯୁକ୍ତଙ୍କୁ ପୋଲିସ କାହିଁକି ଏଯାବତ ଗିରଫ କରିନାହିଁ ବୋଲି ଭାଜପା ମହିଳା ମୋର୍ଚ୍ଚା ପ୍ରଶ୍ନ କରିଛି। ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କ ନେତୃତ୍ୱରେ ମଙ୍ଗଳବାର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଶବ ବ୍ୟବଚ୍ଛେଦ ରିପୋର୍ଟ ବିଳମ୍ବର କାରଣ ପଚାରି ବୁଝିଥିଲେ । ତେବେ ପୋଲିସ କୌଣସି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ସ୍ଥାଣୁ ପାଲଟିଥିବା ନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବି.ଲକ୍ଷ୍ମୀଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ, ସାଧାରଣ ସମ୍ପାଦିକା ବବିତା ପାତ୍ର, ମହିଳା ମୋର୍ଚ୍ଚା ଜିଲା ପ୍ରଭାରୀ ଅରୁଣିମା ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅଶ୍ୱିନୀ କଞ୍ଚଡ଼ା, ନଗର ସଭାନେତ୍ରୀ ମଞ୍ଜୁଳା ମିଣିଆକା, ସମ୍ପାଦିକା ଝରଣା ମହାନ୍ତି ଓ ଶତାଧିକ ମହିଳା କର୍ମୀ ଯୋଗଦେଇଥିଲେ । ବନ୍ଦ ପାଳନରେ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ, ଉପସଭାପତି ପଦ୍ମନାଭ ଦାସ, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ଆଦିବାସୀ ମୋର୍ଚ୍ଚା ଜାତୀୟ ସାଧାରଣ ସମ୍ପାଦକ କାଳିରାମ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା, ଜିଲା ସମ୍ପାଦକ ପ୍ରତାପ ପୁଆଲା ଓ ଜିଲା ଯୁବମୋର୍ଚ୍ଚା ଜିଲା ସଭାପତି ଉମେଶ ଖୋସ୍‌ଲା ଓ ଭାଜପା କର୍ମୀମାନେ ଉପସ୍ଥିତ ରହି ବନ୍ଦ ପାଳନରେ ସହଯୋଗ କରିଥିଲେ । ଆଗାମୀ ଦିନରେ ପୋଲିସ ଯଦି ଲକ୍ଷ୍ମୀଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରି ଅଭିଯୁକ୍ତଙ୍କୁ ଗିରଫ ନ କରେ ତେବେ ଭାଜପା ରାଜରାସ୍ତାକୁ ଓହ୍ଲାଇ ରାୟଗଡ଼ା ଜିଲା ଅଚଳ କରିବ ବୋଲି ଦଳୀୟ ନେତା ଓ କର୍ମୀମାନେ ସୂଚନା ଦେଇଛନ୍ତି।



ବନ୍ଦ ପାଳନ ସମୟରେ ଭାଜପା ମହିଳା ମୋର୍ଚ୍ଚା କର୍ମକର୍ତ୍ତା ରାସ୍ତାରେ ବସି ଧାରଣା ଦେଉଛନ୍ତି ।

**ରାୟଗଡ଼ା ଜିଲାରେ ମହିଳାଙ୍କୁ ନ୍ୟାୟ ଦାବି**

ବିଷମକଟକରେ ଭାଜପାର ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି । ବିଷମ କଟକ ଅଞ୍ଚଳର ଯୁବନେତା ଗୌତମ ଉଲ୍ଲାକା, ରୋହିତ ଦଣ୍ଡସେନା, ବାଦଲ ରଣା, ଦୁର୍ଯ୍ୟୋଧନ ପାଳଙ୍କ ସମେତ ଅନ୍ୟ ଭାଜପା କର୍ମକର୍ତ୍ତା ରାସ୍ତାରୋକୋ କରିଥିଲେ ।

# ଭୂତ କରୁଛି କାମ, ଉଠାଉଛି ଟଙ୍କା

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ
■ ମୃତ ବ୍ୟକ୍ତି କାମ କରୁଥିବା ଦର୍ଶାଯାଉଛି

**ନବରଙ୍ଗପୁର,୨୮।୧୨(ସଦାଶିବ ପ୍ରହରାଜ)**

ଗରିବ ଲୋକଙ୍କ ପେଟପଟଣା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଯୋଜନାରେ ଅନିୟମିତତା ଓ ଚଞ୍ଚକତା ହେଉଛି। ଏଠାରେ ଶ୍ରମିକ ବଦଳରେ ମେସିନ କାର୍ଯ୍ୟ କରୁଛି। ମୃତ୍ୟ ବ୍ୟକ୍ତିଙ୍କୁ କାର୍ଯ୍ୟ କରାଉଛି ପ୍ରଶାସନ। ଭୁତ ଶ୍ରମିକମାନେ କାର୍ଯ୍ୟ କରୁଥିବା ବେଳେ ଟଙ୍କା ମଧ୍ୟ ଉଠାଉଛନ୍ତି। ଏଭଳି ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ। ପାଲିଆ ପଞ୍ଚାୟତରେ ମୃତ ବ୍ୟକ୍ତିମାନଙ୍କ ନାମରେ ଟଙ୍କା ଉଠାଯାଉଥିବା ଦେଖାଦେଇ କେନ୍ଦ୍ର ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୱେବସାଇଟରେ।

ପାଲିଆ ଗାଁର ପୀତ ମଙ୍ଗଲୀଙ୍କ ସ୍ତ୍ରୀ ରଦମାଙ୍କର ୨୦୧୭ ସେପ୍ଟେମ୍ବର ୮ରେ ମୃତ୍ୟୁ ହୋଇଥିଲା। କିନ୍ତୁ ୨୦୧୮-୧୯ ଆର୍ଥିକ ବର୍ଷରେ ଉଭୟ ପିତ ଓ ରଦମା ୧୮,୮୦୦ ଟଙ୍କାର କାର୍ଯ୍ୟ କରିଥିବା ଜଣାପଡ଼ିଛି। ମୃତ ରଦମା ମଙ୍ଗଲୀ ୮୨୭୨ ଟଙ୍କାର କାର୍ଯ୍ୟ କରିଛନ୍ତି। ସେହିପରି ୨୦୧୯-୨୦ରେ ୯,୫୨୨, ୨୦୨୦-୨୧ରେ ୩,୪୪୦, ୨୦୨୧-୨୨ରେ ୯,୩୨୪, ୨୦୨୨-୨୩ରେ ୧୦,୬୭୫ ଟଙ୍କାର କାର୍ଯ୍ୟ କରିଛନ୍ତି। କେବେ ମଧ୍ୟ ସରକାରୀ କାର୍ଯ୍ୟରେ ଶ୍ରମିକ ଭାବେ କାମ କରି ନ ଥିବା ବେଳେ କେମିତି ଏ ଟଙ୍କା ଉଠାଯାଉଛି ବୋଲି ପିତ ପ୍ରଶ୍ନ କରିଛନ୍ତି।

ସେହିଭଳି ଗୟାଧର ନାୟକଙ୍କ ୨୦୨୧ ଅକ୍ଟୋବର ୪ରେ ମୃତ୍ୟୁ ହୋଇଛି। ଏହାପରେ ମଧ୍ୟ ୨୦୨୧-୨୨ରେ ୩୧୦୮, ୨୦୨୨-୨୩ରେ ମୃତ ଗୟାଧର ଏବଂ ସ୍ତ୍ରୀ ଦ୍ରୁପଦୀ ଉଭୟ ୨୧୫୬୭ ଟଙ୍କା କାର୍ଯ୍ୟ କରିଥିବା ଜଣାପଡ଼ିଛି। ମୃତ ଗୟାଧର ୧୨,୫୬୧ ଟଙ୍କାର କାର୍ଯ୍ୟ କରିଛନ୍ତି।

ଅଙ୍ଗନବାଡି ମୃତ୍ୟୁ ପଞ୍ଜିକରଣ ଖାତାରେ ମାଗୁ ମାଝିଙ୍କ ୨୦୨୨ ଅକ୍ଟୋବର ୪ ଏବଂ ସ୍ତ୍ରୀ ତିଲାଇଙ୍କ ୨୦୨୩ ମାର୍ଚ୍ଚ ୧୦ରେ ମୃତ୍ୟୁ ହୋଇଛି। ମାଗୁ ୭୩୪୭ ଓ ତିଲାଇ ୯୨୪୩ ଟଙ୍କାର କାର୍ଯ୍ୟ କରିଛନ୍ତି। ସେମାନଙ୍କ ଝିଅ ପୁଅ ମଧ୍ୟ ନାହାନ୍ତି। ଜଣେ ନାତୁଣୀ ମଧ ଦାଦା ଘରେ ରହୁଛି। ଘରେ ତାଲା ଝୁଲୁଛି ହେଲେ ତାଙ୍କ ନାଁ ରେ ଉଠୁଛି ହଜାର ହଜାର ଟଙ୍କା।

ଉଦବତୀ ନାୟକଙ୍କ ୨୦୨୩ ମାର୍ଚ୍ଚ ୧୫ରେ ମୃତ୍ୟୁ ହୋଇଥିବା ବେଳେ ଏହାପରେ ମଧ ତାଙ୍କ ନାମରେ ୧୩୯୮୩ ଉଠାଯାଇଛି। ତାଙ୍କୁ ଚକଳାପଦର ପଞ୍ଚାୟତର ଭିତର କରମରି ଗାଁରୁ ବାଗପାଣି ପର୍ଯ୍ୟନ୍ତ ରାସ୍ତା କାମରେ ନିୟୋଜିତ କରାଯାଇଛି। ପାଲିଆ ଗାଁରୁ ଭିତର କରମର ପ୍ରାୟ ୨୫ କିଲୋମିଟର ଦୂର। ତେବେ ଏହା କିପରି ସମ୍ଭବ ବୋଲି ପ୍ରଶ୍ନ ଉଠୁଛି।

ପାଉରବେଲି ଗାଁର ନିମାୟ ଦେଙ୍କ ୨୦୨୩ ମାର୍ଚ୍ଚ ୧୬ରେ ମୃତ୍ୟୁ ହୋଇଥିବାବେଳେ ଏହାପରେ ୧୩୭୪୬ ଟଙ୍କାର କାର୍ଯ୍ୟ କରିଥିବା ଜଣାପଡ଼ିଛି। ଏହିପରି ଅସାଧୁ କାର୍ଯ୍ୟ କିଏ କରୁଛି ବୋଲି ମୃତକଙ୍କ ପରିବାର ଲୋକେ ପ୍ରଶ୍ନ କରିଛନ୍ତି।

ପାଲିଆ ପଞ୍ଚାୟତର ଟିପାଗୁଡା ଗାଁରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ ଖୋଳାଯାଉଛି। ଉକ୍ତ କାମରେ ଜେସିବି ଏବଂ ଟ୍ରାକ୍ଟର ଲଗାଯାଉଛି। କିନ୍ତୁ ଲୋକଙ୍କ ନାମରେ ବିଲ୍ ହେଉଛି। ଏହି ପୋଖରୀ ଖନନ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲା। ୮, ୬୯, ୦୭୯ ଟଙ୍କା ବିଲ୍ ହୋଇଛି। ଏହି କାମରେ ମୃତ ରଦମା ମଙ୍ଗଲୀ ୮୫୩୨ ଟଙ୍କା, ଗୟାଧର ନାୟକ ୪୯୭୭ ଟଙ୍କା, ମାଗୁ ମାଝି ଏବଂ ତିଲାଇ ମାଝି ୧୧୩୭୬ ଟଙ୍କା, ଉଦବତୀ ନାୟକ ୩୦୮୧ ଟଙ୍କା, ନିମାଏ ଦେ ୨୬୦୭ ଟଙ୍କାର କାର୍ଯ୍ୟ କରିଛନ୍ତି। ଏସବୁ ଟଙ୍କା ମୃତ ବ୍ୟକ୍ତିଙ୍କ ପୋଷ୍ଟାଲ ଖାତାକୁ ଯାଇଥିବା ବେଳେ ସେଠାରୁ ତାହାକୁ ଉଠାଯାଇଛି। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରମିକ କୃଷ୍ଣ ମଙ୍ଗଲୀ, ସ୍ଥାନୀୟ ବାସିନ୍ଦା ଲକ୍ଷ୍ମଣ ମାଝି, ପାଲିଆ ଅଙ୍ଗନୱାଡି କର୍ମୀ ଶେଫାଳୀ ମଣ୍ଡଳ ଦାବି ହୋଇଛି। ଏ ନେଇ ବିଡିଓ ସତ୍ୟନାରାୟଣ ମେହେରଙ୍କୁ ପଚାରିବାରୁ ଏ ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି।

## ଶିଳ୍ପ, ଅର୍ଥନୀତି ଗୋଟିଏ ମୁଦ୍ରାର ୨ ପାର୍ଶ୍ୱ



ତାଲିମ ଶିବିରରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

**ଜିଲା ଶିଳ୍ପ କେନ୍ଦ୍ରର ନିଯୁକ୍ତିଭିତ୍ତିକ ତାଲିମ ଶିବିର**

**ଡାବୁଗାଁ, ୨୮।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଏକ ସ୍ୱତନ୍ତ୍ର ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ଓ ଅର୍ଥନୀତି ଉଭୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି। ତେଣୁ ଅର୍ଥନୀତି ବିକାଶ କ୍ଷେତ୍ରରେ ଶିଳ୍ପ କେନ୍ଦ୍ରର ତାଲିମ ନେବା ଗୁରୁତ୍ୱପୂର୍ଣ୍ଣ ବୋଲି ଶିଳ୍ପ ବିକାଶ କେନ୍ଦ୍ର ସଂଯୋଜକ ବିକ୍ରମ ରାଜୁ କହିଥିଲେ। ପ୍ରଥମ ପର୍ଯ୍ୟାୟ ତାଲିମ ଜାନୁୟାରୀ ୮ ପର୍ଯ୍ୟନ୍ତ ଜାରି ରହିବ। ସମସ୍ତ ଛାତ୍ରୀଛାତ୍ର ଏହି ତାଲିମ ଶିବିରରେ ଭାଗନେବା ପାଇଁ ସେ ଅନୁରୋଧ କରିଥିଲେ। ଦେଶର ଅର୍ଥନୀତି ବିକାଶ କହିଲେ ଶିଳ୍ପର ବିକାଶ ମାଧ୍ୟମକୁ ବୁଝାଏ। ଏଥିସହ ଅର୍ଥନୈତିକ କ୍ଷେତ୍ରମାନଙ୍କ ମଧ୍ୟରେ ଶିଳ୍ପ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ, ଯାହା ଲୋକମାନଙ୍କ ଅର୍ଥନୀତିକୁ ସୁଦୃଢ଼ କରୁଛି ବୋଲି ଭୈରବ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। କାର୍ଯ୍ୟକ୍ରମରେ ଭୈରବ ସ୍ନାତକ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ଉର୍ମିଳା ବ୍ରହ୍ମା, ଓଡ଼ିଆ ବିଭାଗ ମୁଖ୍ୟ ଚନ୍ଦନା ପଣ୍ଡା, ଇଂରାଜୀ ବିଭାଗ ମୁଖ୍ୟ ମହେନ୍ଦ୍ର ଦେବରପଲ୍ଲୀ, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ମେକ୍ସ ନାୟକ, ଇତିହାସ ବିଭାଗ ଅଧ୍ୟାପକ ଦୟାରାମ ମନୋହର, ଓଡ଼ିଆ ବିଭାଗ ଅଧ୍ୟାପିକା ମନୀଷା ସରକାର, ଅର୍ଥନୀତି ବିଭାଗ ଅଧ୍ୟାପିକା ଜ୍ୟୋତ୍ସ୍ନା ମାଝିଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ସଭା ଶେଷରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଦେଇଛନ୍ତି।

## ସଂକ୍ଷେପରେ

### ସ୍କୁଲ ଛାତ୍ରୀଙ୍କୁ ଦୁର୍ବ୍ୟବହାର, ପିଅନ ଗିରଫ

**ରାଇଘର,୨୮।୧୨ (କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଞ୍ଚଳର ଏକ ସ୍କୁଲ ଛାତ୍ରୀଙ୍କୁ ଜଣେ ପିଅନ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ କୁନ୍ଦେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ସ୍କୁଲର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଛୁଟିରେ ଘରକୁ ଯାଇଥିଲେ। ଟେଷ୍ଟ ପେପର ହଷ୍ଟେଲରେ ରହିଯାଇଥିବାରୁ ପାଠପଢ଼ାରେ ଅସୁବିଧା ହେବାରୁ ସେ ୨୩ ତାରିଖରେ ଭାଇଙ୍କୁ ନେଇ ହଷ୍ଟେଲକୁ ଯାଇଥିଲେ। ଭାଇ ବାହାରେ ଥିବାବେଳେ ପିଅନ ଇନ୍ଦ୍ରରାମ ଗଣ୍ଡ ହଷ୍ଟେଲ୍ ରୁମ୍ ଖୋଲି ଛାତ୍ରୀଙ୍କ ପେଡ଼ିରୁ ଟେଷ୍ଟପେପର ଦେଇଥିଲେ। ଛାତ୍ରୀ ଜଣଙ୍କୁ ରୁମ୍‌ରେ ଏକୁଟିଆ ଥିବାରୁ ଏହାର ସୁଯୋଗ ନେଇ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀଙ୍କୁ ଟଣାଓଟରା କରିବା ସମୟରେ ସେ କୌଣସି ପ୍ରକାରେ ଖସି ଆସିଥିଲେ। ଏହାପରେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ବାପା କୁନ୍ଦେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ କେସ୍ ନମ୍ବର-୧୧୯/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ଇନ୍ଦ୍ରରାମଙ୍କୁ ଗିରଫ କରିଛନ୍ତି। ଗୁରୁବାର ଅଭିଯୁକ୍ତଙ୍କୁ ନବରଙ୍ଗପୁର କୋର୍ଟରେ ହଜାର କରାଯାଇଛି ବୋଲି ଥାନାଧିକାରୀ କହିଛନ୍ତି।

## ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସହାୟତା


ଅତିଥି, ଅଧିକାରୀଙ୍କ ସହ ସହାୟତା ପାଇଥିବା ହିତାଧିକାରୀ।

**ନନ୍ଦାହାଣ୍ଡି,୨୮।୧୨ (ପ୍ରତୀପ କୁମାର ଦାଶ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପରିସରରେ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ନନ୍ଦାହାଣ୍ଡି ବ୍ଲକର ୧୧ ପଞ୍ଚାୟତର ମୋଟ ୧୫୩ ଜଣ ପଞ୍ଜିକରଣ କରିଥିଲେ। ଏହି ଶିବିରରେ ଡା ସସ୍ମିତ ପାତ୍ର, ଡା କମଳ କୁମାର ମେହେର, ଡା ଚିନ୍ମୟୀ ସାହୁ, ଡା ରାଜେଶ ପ୍ରସାଦ ପଣ୍ଡା, ତୃପ୍ତିରଞ୍ଜନ ଷଡ଼ଙ୍ଗୀ, ନିହାର ରଞ୍ଜନ ବେହେରା, ବିଭୁଦତ୍ତ ସେଠୀ, ଘନଶ୍ୟାମ ବେହେରା, ଡା ଶିବପ୍ରସାଦ ସାହୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି, ଉପାଧ୍ୟକ୍ଷ ସଦନ ଗୌଡ଼, ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ସାହୁ, ବିଧାୟକଙ୍କ ପ୍ରତିନିଧି ଦୟାନିଧି ବିଷୋୟୀ, ସରପଞ୍ଚ ଓ ସମିତି ସଭ୍ୟମାନେ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ନିଶନାହାଣ୍ଡିର ପାତ୍ର ହରିଜନ, ମାଳିଗୁଡ଼ାର ଜଗନ୍ନାଥ ଓଦଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ପଞ୍ଜିକରଣ କରିଥିବା ୮୦ ଜଣଙ୍କ ମଧ୍ୟରୁ ୧୨ ଜଣଙ୍କୁ ସାର୍ଟିଫିକେଟ ଦିଆଯାଇଛି। ଜିଲା ଭିନ୍ନକ୍ଷମ ସାମର୍ଥ୍ୟ କେନ୍ଦ୍ରରୁ ବିଭିନ୍ନ ବିଶେଷଜ୍ଞ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରଥିଲେ। ସହାୟକ ବିଚିତ୍ରାନନ୍ଦ ଶତପଥୀ ଶିବିର ପରିଚାଳନା କରିଥିଲେ। ବ୍ଲକ ସହାୟକ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର କହଁର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଚ୍ଚିଦାନନ୍ଦ ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରାର୍ଥଜିତ ମଣ୍ଡଳ, ମନୀଷା ରଥ, ବ୍ଲକର ସମସ୍ତ ଜିଆର୍‌ଏସ୍, ଯୋଗାଣ ସହାୟକ, ସମସ୍ତ ବ୍ଲକ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପାଣି ପମ୍ପ ଚୋରି ଅଭିଯୋଗରେ ୨ ଗିରଫ

**ଡାବୁଗାଁ, ୨୮।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ପାଣି ପମ୍ପ ଚୋରି ଅଭିଯୋଗରେ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନନ୍ଦପୁରା ଗ୍ରାମର ଗୋପୀ ପୂଜାରୀ ଓ ବଳିରାମ ବିନ୍ଧାଣୀ। ସୂଚନାନୁଯାୟୀ, ଡାବୁଗାଁ ଥାନାର ଶିଂସାରି ଫାଣ୍ଡି ଅଧୀନ ପରିଆ ଗ୍ରାମର ଗୟନ୍ଧୁ ଭତ୍ରା ଦୀପାବଳି ପରଦିନ ପାଖ ଭାସ୍କେଲ ନଦୀ କୂଳରେ ଥିବା ନିଜ ଜମିକୁ ଯାଇ ପାଣି ପମ୍ପ ଚୋରି ହୋଇଥିବା ଦେଖିଥିଲେ। ସେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଏହାକୁ ପାଇ ନ ଥିଲେ। ପରେ ପାଣି ପମ୍ପ ଚୋରି ହୋଇଥିବା ନେଇ ଗ୍ରାମବାସୀଙ୍କୁ ଜଣାଇଥିଲା। ଗାଁ ପାଖ ପରିଆ, ଡୁରୁଞ୍ଜି ଓ ମାଝିଆ ଗ୍ରାମର ମଧ୍ୟ କେତେକ ଲୋକଙ୍କ ଘରୁ ପାଣି ପମ୍ପ ଚୋରିହୋଇଥିବା ସେ ଜାଣିବାକୁ ପାଇଥିଲେ। ଏ ନେଇ ଗୟନ୍ଧୁ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ସିଂଶାରୀ ଫାଣ୍ଡି ଅଧିକାରୀ ଶିଶିରକାନ୍ତ ଘୋଷ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୭ଟି ପାଣି ପମ୍ପ ଜବତ କରାଯାଇଛି। ଗୁରୁବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନା କେସ ନଂ ୨୨୧/୨୩ରେ ଏକ ମାମଲା ରୁଜୁ କରାଯାଇଛି।

## କ୍ଷେମରାଜ ରାଜ୍ୟ କଂଗ୍ରେସ ଏସ୍‌ସି ସେଲ୍ ଉପସଭାପତି

**ଚନ୍ଦାହାଣ୍ଡି, ୨୮।୧୨(ଦିଲୀପ ଦାସ)**



ରାଜ୍ୟ ଏସ୍‌ସି ସେଲ୍ ଉପ ସଭାପତିଭାବେ ନବରଙ୍ଗପୁର ଜିଲା କଂଗ୍ରେସର ବରିଷ୍ଠ ନେତା କ୍ଷେମରାଜ ବାଘଙ୍କୁ ଚୟନ କରାଯାଇଛି। ଏଥିସହ ଅବିଭକ୍ତ କୋରାପୁଟ ଏବଂ କଳାହାଣ୍ଡି ଜିଲାର ପ୍ରଭାରୀ ଭାବେ ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଜାତୀୟ କଂଗ୍ରେସ ସଭାପତି ଓ ଜାତୀୟ ଏସ୍‌ସି ସେଲ୍ ଅଧ୍ୟକ୍ଷ ରାଜେଶ ଲେଲୋଥିଆଙ୍କ ଅନୁମୋଦନ ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିସ କ୍ରମେ ରାଜ୍ୟ ଅଧ୍ୟକ୍ଷ ବାଙ୍କନିଧି ବେହେରା ବାଘଙ୍କୁ ଏହି ପଦବୀ ପାଇଁ ମନୋନୀତ କରିଛନ୍ତି। ଅବିଭକ୍ତ କୋରାପୁଟ ଏବଂ କଳାହାଣ୍ଡି ଜିଲାରେ ସଙ୍ଗଠନକୁ ମଜଭୁତ କରାଯିବା ବୋଲି ବାଘ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେ ଜାତୀୟ ସଭାପତି ମାଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ରାଜେଶ ଲୋଲଠିଆ, ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ଆଦିବାସୀ ସେଲ୍ ରାଜ୍ୟ ସଭାପତି ତଥା ନବରଙ୍ଗପୁର ପୂର୍ବତନ ବିଧାୟକ ଭୁଜବଳ ମାଝି, ରାଜ୍ୟ ଏସ୍‌ସି ସେଲ୍ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ସହ ସମସ୍ତ ବରିଷ୍ଠ ନେତୃମଣ୍ଡଳୀ ଓ କର୍ମୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନାନୁଯାୟୀ, କ୍ଷେମରାଜ ପୂର୍ବରୁ ଜିଲା ସାଧାରଣ ସମ୍ପାଦକ, ଜିଲା ଉପସଭାପତି, ପିସିସି ସମ୍ପାଦକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଆସିଛନ୍ତି।

## ସୁଧୁରୁନି ମଣ୍ଡି ବ୍ୟବସ୍ଥା

**ତେନ୍ତୁଲିଖୁଣ୍ଟି, ୨୮।୧୨(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରିଗୁଡ଼ା ମଣ୍ଡିରେ ଧାନ କିଣିବାର ଅବ୍ୟବସ୍ଥା ନେଇ ଚାଷୀ ବୁଧବାର ରାସ୍ତାରୋକୋ କରିଥିଲେ। ଖବର ପାଇ ତେନ୍ତୁଲିଖୁଣ୍ଟି ତହସିଲଦାର ଅଶୋକ କୁମାର ମୁଦୁଲି ଚାଷୀଙ୍କୁ ବୁଝାଶୁଝା କରିବା ସହ ଗୁରୁବାର ଧାନ ଉଠିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ସକାଳେ ତହସିଲଦାର ଓ ମିଲର ଉପସ୍ଥିତ ରହି ସମସ୍ତ ଚାଷୀଙ୍କ ଧାନ ଉଠିବ ବୋଲି କହିଥିଲେ। ତହସିଲଦାର ମିଲରଙ୍କୁ ଚାଷୀଙ୍କ ଧାନ ଉଠାଇବାକୁ ତାଗିଦ କରିଥିଲେ। ତହସିଲଦାର ଫେରିଗଲା ପରେ ମିଲର ୩ରୁ ୪କେଜିଇ କଟ୍‌ନୀଛଟ୍‌ନୀ କରି କେତେଜଣ ଚାଷୀଙ୍କ ଧାନ କିଣିଥିଲେ। ମାତ୍ର କେତେକ ଚାଷୀଙ୍କ ଧାନ ବାସନ (ଡିସ କଲର)ଅଛି କହି ଧାନ ନେଇ ନ ଥିବା ଜଣାପଡ଼ିଛି।

ସୋମବାର ଅଗ୍ନି ଗାଙ୍ଗମା ଗ୍ରୁପର ମଣ୍ଡିର ଧାନ ବି ପୂଜାରିଗୁଡା ମଣ୍ଡି ରେ ପଡ଼ିକି ରହିଛି। ଦୁଇ ଦିନର ମଣ୍ଡିର ପ୍ରାୟ ୧୫ ଜଣ ଚାଷୀଙ୍କ ଧାନ ରହିଯାଇ ଥିବା ଜଣାପଡିଛି। ମିଲର ନ ନେବାରୁ ପ୍ରାୟ ୩୦୦ କୁଇଣ୍ଟାଲ ଧାନ ପଡ଼ିରହିଛି। ଚାଷୀମାନେ କାର୍ତ୍ତିକ ଯାନୀ, ହେମନ୍ତ ଯାନୀ, ମୃତ୍ୟୁଞ୍ଜୟ ନାୟକ, ଶକ୍ତିମାନ ଖୁରା, ଯଦୁ ସୁନା, ପବିତ୍ର ଖୁରା ଧାନ ଉଠିନାହିଁ। ଏ ନେଇ ତେନ୍ତୁଲିଖୁଣ୍ଟି ତହସିଲଦାର ଅଶୋକ କୁମାର ମୁଦୁଲିଙ୍କୁ ପଚାରିବାରୁ କେତେକ ଚାଷୀଙ୍କ ଧାନ ବାସନ ରହିଯାଇଛି। ଶୁକ୍ରବାର ସେଠାକୁ ଯାଇ ଧାନ ଉଠାଇବା ବ୍ୟବସ୍ଥା କରିବି ବୋଲି ସେ କହିଛନ୍ତି।

## ଓଜେଏସ୍ ପାଇଲେ ଉମରକୋଟର ପବିତ୍ର

**ଉମରକୋଟ, ୨୮।୧୨(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲାର ଉମରକୋଟ ସହରର ପବିତ୍ର ମୋହନ ପଣ୍ଡା ଓଜେଏସ୍‌ରେ ସମଗ୍ର ଓଡ଼ିଶାରେ ୨୮ ନମ୍ବର ର‌୍ୟାଙ୍କ ପାଇଛନ୍ତି। ଏହାପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଦିଆଯାଉଛି।

ସୂଚନାନୁଯାୟୀ ତ୍ରିନାଥ ପଣ୍ଡା ଓ ମମତାଙ୍କ ପୁଅ ପବିତ୍ର ଉମରକୋଟସ୍ଥିତ ଗୁଲିପାଟଣା ସାହିର ବାସିନ୍ଦା। ସେ ଉମରକୋଟ ଶିଶୁ ବିଦ୍ୟା ମନ୍ଦିରରେ ଦଶମ, ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଯୁକ୍ତଦୁଇ ପଢ଼ି ଜୟପୁର ବିକ୍ରମଦେବ ମହାବିଦ୍ୟାଳୟରୁ ଯୁକ୍ତ ତିନି ପାସ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ରୁ ଏଲଏଲ୍‌ବି ପାସ କରି ଏଲ୍‌ଏଲ୍‌ଏମ୍ କରିଥିଲେ। ସେ ଏବେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରିବା ସହ ସେଠାରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ ଅଛନ୍ତି। ପବିତ୍ର ନିଜ ସଫଳତାର ଶ୍ରେୟ ଜେଜେ ବାପା, ବାପା ଓ ମା ଙ୍କୁ ଦେଇଛନ୍ତି। ପିଲା ଦିନରୁ ଜଣେ ମେଧାବୀ ଛାତ୍ର ଭାବରେ ପରିଚିତ ପବିତ୍ର ପ୍ରତିଦିନ ୪ ରୁ ୫ ଘଣ୍ଟା ପଢ଼ା ପଢ଼ନ୍ତି।


ପବିତ୍ର ମୋହନ ପଣ୍ଡା

## ଫୁଲ ଦେଇ କହିଲେ ସଡ଼କ ସୁରକ୍ଷା କଥା



**ଡାବୁଗାଁ, ୨୮।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ- ଉମରକୋଟ ମୁଖ୍ୟ ରାସ୍ତାର ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଇଷ୍ଟ ଇଣ୍ଡିଆ କନ୍‌ସୋର୍ଟିୟମ ସଂସ୍ଥା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହେଲ୍‌ମେଟ ପିନ୍ଧିବା, ୨ ଚକିଆ ଗାଡିରେ ୨ ଜଣରୁ ଅଧିକ ନ ବସିବା, ସିଟ୍ ବେଲ୍ଟ ଲଗାଇ ଗାଡ଼ି ଚଲାଇବା, ମଦ୍ୟପାନ କରି, ମୋବାଇଲ ଧରି କିମ୍ବା ଅନ୍ୟ ମନସ୍କ ହୋଇ ଗାଡ଼ି ନ ଚଲାଇବାକୁ ଲୋକମାନଙ୍କୁ ବୁଝାଯାଇଛି। ଏଥିସହ ଗୋଲାପ ଫୁଲ ଓ ଜଗନ୍ନାଥଙ୍କ ଫଟୋ ଥିବା ଲକେଟ ଗାଡି ଚାଳକମାନଙ୍କୁ ଦିଆଯାଇ ସଚେତନ କରଯାଇଥିଲା। ଏଥିରେ ଟିମ୍‌ଲିଡର ଚକ୍ରଧର ମହାରଣା, ଏକାଦଶୀ ପରିଡ଼ା, ଗଦାଧର ମହାରଣା, ମୃତ୍ୟୁଞ୍ଜୟ ମୁଦୁଲି, ନକୁଳ ବରାଳ ଓ ଡାବୁଗାଁ ଥାନା କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଗାଁରେ ନବରଙ୍ଗପୁର, ଛତିଶଗଡ଼ ବନ ବିଭାଗର ମିଳିତ ଚଢ଼ାଉ

**ରାଇଘର, ୨୮।୧୨(କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସୋନପୁର (ଡିଏନ୍‌କେ) ଗ୍ରାମରେ ବାରମ୍ବାର ବେଆଇନ କାଠ କାମ ଚାଲିଥିବା ଅଭିଯୋଗ ମିଳିବା ପରେ ଗୁରୁବାର ଓଡିଶା ଓ ଛତିଶଗଡ ବନ ବିଭାଗର ମିଳିତ ଚଢ଼ାଉ କରିଛି। ଚଢ଼ାଉରେ ଗ୍ରାମର ୧୩ ଘରରୁ ପ୍ରାୟ ୪ ପିକପ୍ ଶାଗୁଆନ କାଠର ଅର୍ଦ୍ଧ ନିର୍ମିତ ଆସବାବ ଜିନିଷ, କାଠ ଗଣ୍ଡି ଓ ପଟ୍ଟା ଜବତ କରାଯାଇଛି। ଏଥିରେ କିନ୍ତୁ କାହାରିକୁ ଗିରଫ କରାଯାଇ ନ ଥିବା ବନ ବିଭାଗ ପକ୍ଷରୁ ଜଣାପଡ଼ିଛି।

ସୂଚନାନୁଯାୟୀ, ସୋନପୁର ଡିଏନ୍‌କେ ଗ୍ରାମରେ ଛତିଶଗଡ଼ ଅଞ୍ଚଳରୁ କାଠ ଚାଲାଣ ହେଉଥିବା ଯୋଗୁ ସେଠାକାର ବନ ବିଭାଗର ଆବେଦନ ପରେ ଓଡିଶା ବନ ବିଭାଗ ସକ୍ରୀୟ ହୋଇପଡିଛି। ଗୁରୁବାର ନବରଙ୍ଗପୁର ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍‌ଓ ମନସୁନ୍ ଖେମୁଣ୍ଡୁଙ୍କ ନେତୃତ୍ୱରେ ରାଇଘର, ଝରିଗାଁ, ଡାବୁଗାଁ ଓ ନବରଙ୍ଗପୁର ବନ ବିଭାଗର କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯଇଥିଲା। ସେହିଭଳି ଛତିଶଗଡର ଗାରିଆବନ୍ଦ ଏସିଏଫ୍‌ଓଙ୍କ ନେତୃତ୍ୱରେ ଇନ୍ଦାଗାଓଁ, ତୋରେଙ୍ଗା ଆଦି ରେଞ୍ଜରଙ୍କୁ ନେଇ ଆଉ ଏକ ଟିମ୍ ଗଠନ କରାଯାଇଛି। ଓଡିଶାର ୬୦ ଜଣ ଓ ଛତିଶଗଡର ୪୦ ଜଣ ବନ କର୍ମଚାରୀ ଏହି ଚଢାଉରେ ସାମିଲ ହୋଇଥିଲେ। ଦିନ ପ୍ରାୟ ୧୨ଟାରେ ଉଭୟ ରାଜ୍ୟର ବନ କର୍ମଚାରୀମାନଙ୍କୁ ନେଇ ସୋନପୁର ଡିଏନ୍‌କେ ଗ୍ରାମରେ ଚଢାଉ ଆରମ୍ଭ ହୋଇଥିଲା। ଉକ୍ତ ଗ୍ରାମର ପ୍ରାୟ ୧୩ ଜଣଙ୍କ ଘରୁ ଶାଗୁଆନ କାଠ ଗଣ୍ଡି, ପଟ୍ଟା, ଖଟ ଖୁରା, ଚୌକାଠ ଓ ଅର୍ଦ୍ଧ ନିର୍ମିତ ଫର୍ନିଚର୍ ଜବତ କରାଯାଇଛି। ସେଗୁଡ଼ିକୁ ୪ଟି ପିକ୍‌ଅପ୍‌ରେ ବୋଝେଇ କରି ସ୍ଥାନୀୟ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ତେବେ ଏହି ୧୦୦ ଜଣ କର୍ମଚାରୀଙ୍କ ଟିମ୍ ଚଢାଉ କରିଥିବା ବେଳେ କାହାରିକୁ ଗିରଫ କରାଯାଇ ନଥିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଜବତ ହୋଇଥିବା କାଠ ସାମଗ୍ରୀର ମୂଲ୍ୟ ଓ ଅନ୍ୟ ତଥ୍ୟ ଶୁକ୍ରବାର ଦିଆଯିବ ବୋଲି ବନ ବିଭାଗ ସୂଚନା ଦେଇଛି।

## ପେସା ଆଇନ ଲାଗୁ କରିବାକୁ କଂଗ୍ରେସର ଦାବି

**ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ବିଗିଡ଼ିଲେ ତାରା**

**ନବରଙ୍ଗପୁର,୨୮।୧୨(ସଦାଶିବ ପ୍ରହରାଜ)**



ଖବରଦାତା ସମ୍ମିଳନୀରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସହ ଅନ୍ୟ କଂଗ୍ରେସ ନେତାମାନେ।

ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସ ନବରଙ୍ଗପୁରସ୍ଥିତ ଶାସ୍ତ୍ରୀ ଭବନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବିଜେଡି ଶାସନ କାଳରେ ଗାଁ ମାନଙ୍କରେ ନିଶା ବ୍ୟବସାୟ ବଢ଼ିଛି। ବେକାର ଯୁବତୀଯୁବକଙ୍କୁ ରୋଜଗାର ଓ ନିଯୁକ୍ତି ସୁଯୋଗ ମିଳି ପାରିଲା ନାହିଁ। ଜିଲାର ପିଲାମାନେ ସିଟି ବିଏଡ୍ କରି ମଧ ବେକାର। ଉନ୍ନୟନମୂଳକ କାର୍ଯ୍ୟରେ ୪୦ ପ୍ରତିଶତ ପିସି କରାବାର ହେଉଉଛି ବୋଲି ତାର ଅଭିଯୋଗ କରିଥିଲେ।

ଦାଦନ କଥା ଉଠିଲେ ଓଡ଼ିଶା ପ୍ରଥମ ସ୍ଥାନରେ ରହିବ। ଏଠାରୁ ଅଧିକ ମାତ୍ରାରେ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ମଣ୍ଡି ନାଁରେ ଚାଷୀଙ୍କ କଷ୍ଟ ଅର୍ଜିତ ଧାନକୁ କଟ୍‌ନୀଛଟ୍‌ନୀ କରାଯାଉଛି। କେନ୍ଦ୍ରୀୟ ରିପୋର୍ଟ ଅନୁଯାଇ ପ୍ରତ୍ୟେକ ଦିନ ବଳତ୍କାର ଓ ହତ୍ୟା ଘଟୁଛି। ବର୍ଷକୁ ୬ ମାମଲାର ବିଚାର ହୋଇ ଦଣ୍ଡ ବିଧାନ ହେଉଛି। ଅବିଭକ୍ତ କୋରାପୁଟ ଏକ ଅଦିବାସୀ ଅଧ୍ୟୁଷିତ ଜିଲା। ଏଠାରେ ପେସା ଆଇନ ଲାଗୁ ହେବା ଆବଶ୍ୟକ ବୋଲି ବାହିନୀପତି କହିଛନ୍ତି। ଜଳ, ଜଙ୍ଗଲ, ଜମି ଉପରେ ଆଦିବାସୀଙ୍କ ଅଧିକାର ରହିଥିବାବେଳେ ତାହାକୁ ଘରୋଇକରଣ ନାମରେ ବିକ୍ରି କରାଯାଉଛି। ବିଦ୍ୟୁତ୍ ବିଭାଗକୁ ଘରୋଇକରଣ ଦ୍ୱାରା ଉପଭୋକ୍ତ ଶୋଷଣର ଶିକାର ହେଉଛନ୍ତି। କଂଗ୍ରେସ ସରକାର ସମୟରେ ରାଜୀବ ଗାନ୍ଧୀ ବିଦ୍ୟୁତ୍‌କରଣ ଯୋଜନାରେ ଗରିବ ଲୋକଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। ଘରୋଇ କମ୍ପାନୀମାନେ ଏବେ ସେହି ଗାଁରେ ବିଦ୍ୟୁତ ସେବା ବିଚ୍ଛିନ୍ନ କରିଦେଲେଣି ବୋଲି ତାରା କହିଛନ୍ତି। ଜିଲାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ। ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ନାହାନ୍ତି। ରିହାତିରେ ଚାଷୀ ପାଣି ମଟର କିଣି ଚାଷ କରୁଥିଲେ। ଏବେ ଜିଲାର ୧ଶହରୁ ଉର୍ଦ୍ଧ୍ୱ ମଟର ଚୋରି ହେଲାଣି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନାମରେ ନକଲି ସାମଗ୍ରୀ କିଣା ଚାଲିଛି। ପଡ଼ିକାର୍ଡରେ ପରିବାର ଲୋକଙ୍କ ନାମ ସଂଯୋଗ କରିବା ପାଇଁ ଆବେଦନ କରାଯାଉଥିବା ବେଳେ ୱେବସାଇଡ୍ ୫ ବର୍ଷ ହେବ ଖୋଲୁ ନାହିଁ। ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ବିଧାୟକ ଭୁଜବଳ ମାଝି ସରପଞ୍ଚ ଦିବାର ପୂଜାରୀ, ଜିଲା ଆଦିବାସୀ ସେଲ ସଭାପତି ଦିଲ୍ଲୀପ ପ୍ରଧାନୀ, ପରି ସାହୁ, କୁସିଆ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଦିନରେ ୧ କୋଟି ୨୮ ଲକ୍ଷ ବ୍ୟବସାୟ

## ରାୟଗଡ଼ା ପଲ୍ଲିଶ୍ରୀ ମେଳା

ରାୟଗଡା ଅଫିସ,୨୮।୧୨(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ଜିସିଡି ପଡ଼ିଆରେ ଆୟୋଜିତ ଲୋକ ମହୋତ୍ସବ ଚଇତି ଓ ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ପଲ୍ଲିଶ୍ରୀ ମେଳାର ପ୍ରଥମ ଦିନରେ ୪୯ଲକ୍ଷ ୬୦ ହଜାର ଟଙ୍କାର ବ୍ୟବସାୟ ହୋଇଥିବାବେଳେ ଦ୍ୱିତୀୟ ଦିନରେ ୭୮ଲକ୍ଷ ୬୮ ହଜାର ୫୦୦ ଟଙ୍କା ବ୍ୟବସାୟ ହୋଇଥିବା ଓରମାସ ପକ୍ଷରୁ ସୂଚନା ଦିଆଯାଇଛି। ୨ ଦିନରେ ମୋଟ ୧ କୋଟି ୨୮ଲକ୍ଷ ୨୧ହଜାର ଟଙ୍କାର ବ୍ୟବସାୟ ହୋଇଥିବା ରାୟଗଡା ଜିଲା ଓରମାସ କାର୍ଯ୍ୟାଳୟର ସହକାରୀ ଉପ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର ସୂଚନା ଦେଇଛନ୍ତି । ଓରମାସ ତରଫରୁ ଚଳିତ ଥର ୩୫୦ଟି ଷ୍ଟଲ ନିର୍ମାଣ କରାଯାଇଛି । ଏଥିରେ ରାୟଗଡା ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲା ଏବଂ ରାଜ୍ୟ ବାହାରରୁ ମଧ୍ୟ ହସ୍ତକଳା,ଚିତ୍ରକଳା ସହ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ, ଏସଏଚଜି ଗ୍ରୁପ ଦ୍ୱାରା ନିର୍ମିତ ସାମଗ୍ରୀ ବିକ୍ରି ପାଇଁ ସ୍ଥାନ ଦିଆଯାଇଛି। ଚଇତି ମହୋତ୍ସବରେ ହଜାର ହଜାର ଲୋକଙ୍କ ସମାଗମ ହେଉଥିବା ବେଳେ ଆଗାମୀ ୨ଦିନ ମଧ୍ୟ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟବସାୟ ୪ରୁ ୫କୋଟି ଟଙ୍କା ପର୍ଯ୍ୟନ୍ତ ହୋଇପାରେ ବୋଲି ଓରମାସ ଆକଳନ କରିଛି ।


ରାୟଗଡ଼ା ପଲ୍ଲିଶ୍ରୀ ମେଳାରେ ଖୋଲିଥିବା ଟେରାକୋଟା ଷ୍ଟଲ୍।

## ସଂକ୍ଷେପରେ

### ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା



ଜୟପୁର, ୨୮।୧୨ (ପବନ ପାଣିଗ୍ରାହୀ)

ଜୟପୁର ଦଶହରା ପଡ଼ିଆଠାରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁ ପାଡାଲ, ପଟ୍ଟାଙ୍ଗି ବିଧାୟକ ପିତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ସିଡିଏଓ ପ୍ରଦୀପ ମହାନ୍ତି, ସିଡିଏଓ ନବରଙ୍ଗପୁର ଜି. ଭି. ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ସହାୟତା ସମ୍ପର୍କିତ ସଚେତନତା, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ପ୍ରଚାର ଏବଂ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ଦ୍ୱାରା କୃଷି ଯନ୍ତ୍ରପାତି ପାଇଁ ରହିଥିବା ଋଣ ସୁଯୋଗ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଥିବା ରିହାତି ସମ୍ପର୍କରେ ଅତିଥିମାନେ ଚାଷୀଙ୍କୁ ସଚେତନ କରିଥିଲେ।

### ଗଡ଼ପଦର ଜଙ୍ଗଲରେ ଚଢ଼ାଉ

ଜୟପୁର, ୨୮।୧୨(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ଗଡ଼ପଦର ଜଙ୍ଗଲରେ ଗୁରୁବାର ଅବକାରୀ ବିଭାଗ ଚଢ଼ାଉକରି ମଦ ବ୍ୟବସାୟୀମାନେ ଲୁଚାଇ ରଖିଥିବା ୬ ଶହ ଲିଟର ପୋଚ ଓ ୮୦ ଲିଟର ଦେଶୀ ମଦ ନଷ୍ଟ କରିଛି। ତେବେ ଏ ସମ୍ପର୍କରେ ଆଗୁଆ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ମଦରନ୍ଧା ସରଞ୍ଜାମ ଜବତ କରି କର୍ମଚାରୀମାନେ ଫେରିଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୨୮।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏଏନ୍‌ଏମ୍ ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଶତାଧିକ ମହିଳା ଓ ତାଲିମପ୍ରାପ୍ତ କର୍ମଚାରୀମାନେ ଗୁରୁବାର ସଡକ ସୁରକ୍ଷା ସମ୍ବନ୍ଧରେ ସହରବାସୀ ଓ ପଥିକମାନଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି। ଚିକିତ୍ସାଳୟ ପରିସରର ଏହି ସଚେତନ କାର୍ଯ୍ୟକ୍ରମକୁ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ସଡକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ମୁଖ୍ୟ ରାସ୍ତା ଏବଂ ସାହି ବୁଲି ହେଲମେଟ ପରିଧାନ କରିବା, ଟ୍ରାଫିକ ନିୟମ ମାନିବା, ଯାନବାହାନ ନଥିପତ୍ର ସଠିକ୍ ରଖିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା ଇତ୍ୟାଦି ସମ୍ବନ୍ଧରେ ବାର୍ତ୍ତା ଦେଇଥିଲେ।

# ସର୍ଚ୍ଚ ଅପରେଶନ ବେଳେ ବିପୁଳ ମାଓବାଦୀ ସାମଗ୍ରୀ ଜବତ



ଜବତ ମାଓବାଦୀ ସାମଗ୍ରୀ ସହ ବିଏସ୍‌ଏଫ୍ ଯବାନ।

ମାଲକାନଗିରି, ୨୮।୧୨(ଦୁର୍ଯ୍ୟୋଧନ ପାତ୍ର):

ମାଲକାନଗିରି ଜିଲାରେ ମାଓବାଦୀ ଦମନ ପାଇଁ ନିୟୋଜିତ ଥିବା ବିଏସଏଫ ଯବାନଙ୍କୁ ଗୁରୁବାର ବଡ ସଫଳତା ମିଳିଛି। ୧୪୨ ବାଟାଲିଆନର ବିଏସଏଫ ପକ୍ଷରୁ ସର୍ଚ୍ଚ ଅପରେସନ ବେଳେ ଆଲୁର୍କୋଟା ଗାଁ ନିକଟରୁ ବିପଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ବେଜଙ୍ଗିୱାଡା ରିଜର୍ଭ ଜଙ୍ଗଲ ଅଞ୍ଚଳରେ ମାଓବାଦୀ ଗତିବିଧି ଉପରେ ସୂଚନା ପାଇ ଜିଲାରେ ନିୟୋଜିତ ଥିବା ୧୪୨ ବାଟାଲିଆନର ବିଏସଏଫର ଯବାନମାନେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ । ଏହି ସମୟରେ ଆଲୁର୍କୋଟା ଗାଁ ନିକଟରେ ମାଓବାଦୀମାନେ ମାଟି ତଳେ ଡମ୍ପରେ ଲୁଚାଇ ରଖିଥିବା ଅନେକ ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ସାମଗ୍ରୀକୁ ଯବାନମାନେ ଜବତ କରିଥିଲେ। ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ବିପୁଳ ପରିମାଣର ଗ୍ରେନେଡ, ଡିଟୋନେଟର, କର୍ଡଟେକ୍ସ ତାର, ଜେଲାଟିନ, ଦେଶୀ ବନ୍ଧୁକ, ଫ୍ୟୁଜ୍, ବ୍ୟାଟେରୀ, ୱେଲ୍ଡିଙ୍ଗ ମେଶିନ, ବୋମା ତିଆରି ସାମଗ୍ରୀ ଏବଂ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ରହିଛି । ତେବେ ବର୍ତ୍ତମାନ ମଧ୍ୟ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଥିବା ସୂଚନା ମିଳିଛି ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାୟଗଡ଼ା,୨୮।୧୨(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଗୁରୁବାର ରାୟଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ୨୮ଟି ଗ୍ରାମ ପଞ୍ଚାୟତରେ ଥିବା ଭିନ୍ନକ୍ଷମଙ୍କୁ ଡାକ୍ତରମାନେ ଉପସ୍ଥିତ ରହି ଚିହ୍ନଟ କରିଥିଲେ। ଶିବିରରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଟୁନି ହୁଇକା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ଜିଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କ ସମେତ ଜିଲା ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ୨୧୦ଜଣ ଭିନ୍ନକ୍ଷମ ନିଜ ନାମ ପଞ୍ଜୀକୃତ କରିଥିବା ବେଳେ ୫ ଜଣଙ୍କୁ ହୁଇଲଚେୟାର ଏବଂ ୪ ଜଣଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା । ଏହାବ୍ୟତୀତ ୨୦ ଜଣଙ୍କ ଋଣ ଫର୍ମ, ୨୭ ଜଣଙ୍କ ଭିନ୍ନକ୍ଷମ ଭତ୍ତା ଫର୍ମ, ଜଣଙ୍କ ଇଲେକ୍ଟ୍ରିକ ସ୍କୁଟି ଫର୍ମ ଓ ୯୮ ଜଣଙ୍କ ବସ୍ ପାସ୍ ଫର୍ମ ସଂଗ୍ରହ କରାଯାଇଛି।

# ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ବିଦ୍ୟାଳୟ କମିଟି, ଅଭିଭାବକ

## ଛାତ୍ରାବାସ ଅନ୍ତେବାସୀଙ୍କୁ ମାଡ଼ ମାରି କାମ କରାଇବା ଘଟଣା

ମାଲକାନଗିରି, ୨୮।୧୨ (ଦୁର୍ଯ୍ୟୋଧନ ପାତ୍ର)

ଛାତ୍ରାବାସ ଅନ୍ତେବାସୀଙ୍କୁ ମାଡ଼ ମାରିବା ଓ କାମ କରାଇବା ପ୍ରତିବାଦରେ ପ୍ରଧାନ ଶିକ୍ଷକ ଓ ୱାର୍ଡେନଙ୍କ ବିରୋଧରେ ଅଭିଯୋଗ କରି ଜିଲାପାଳଙ୍କୁ ଜଣାଇଛନ୍ତି ବିଦ୍ୟାଳୟ କମିଟି ସଦସ୍ୟ ଓ ଅଭିଭାବକ। ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ବୁଟିଗୁଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଛାତ୍ରାବାସର ୱାର୍ଡେନଙ୍କ ମନୋମୁଖୀ କାର୍ଯ୍ୟ କରିବା, ପିଲାମାନଙ୍କୁ ଲୁଗା ଧୋଇବା, ବାସନ ମାଜିବା ଓ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ଲଗାଇବା ନେଇ ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଜିଲାପାଳଙ୍କ ନିକଟରେ ବିଦ୍ୟାଳୟ କମିଟି ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ମଧ୍ୟାହ୍ନ ଭୋଜନ ଓ ଛାତ୍ରାବାସ ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଲାଗିରହିଥିବା ଅବ୍ୟବସ୍ଥା ସମ୍ପର୍କରେ ବିଦ୍ୟାଳୟ କମିଟି ସଭାନେତ୍ରୀ ଗୌରୀ କୋପେ, ଅନ୍ୟ ସଦସ୍ୟ ଏବଂ ଅଭିଭାବକ ମାନେ ମାଲକାନଗିରି ଜିଲାପାଳଙ୍କୁ ଅଭିଯୋଗ କରି ତୁରନ୍ତ ଏହି ଦୁଇଜଣଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବି କରିଛନ୍ତି।



# ସଜିତଙ୍କୁ ପୁରସ୍କୃତ କଲେ ଗଜପତି ମହାରାଜା

## ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ବାଲିମେଳା,୨୮।୧୨ (ଶିବଦତ୍ତ ସାହୁ)

ପୁରୀରେ ଆୟୋଜିତ ପଞ୍ଚମ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା-୨୦୨୩ରେ ମାଲକାନଗିରି ଜିଲା ବାଲିମେଳାସ୍ଥିତ ଆଇଏମଏସଟି ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ସଜିତ କୁମାର ଗନ୍ତାୟତ କୃତୀତ୍ୱ ହାସଲ କରିଛନ୍ତି। ସଜିତ୍ ଦକ୍ଷିଣ ଓଡ଼ିଶାର ଏକମାତ୍ର କୃତି ପ୍ରତିଯୋଗୀ ହୋଇଥିବାରୁ ଗଜପତି ମହାରାଜା ଦିବ୍ୟ ସିଂହ ଦେବ ତାଙ୍କୁ ପ୍ରମାଣପତ୍ର ଓ ଉପହାର ଦେଇ ପୁରସ୍କୃତ କରିଛନ୍ତି। ବାଲିମେଳାର ସନ୍ତୋଷ କୁମାର ଗନ୍ତାୟତଙ୍କ ପୁଅ ସଜିତଙ୍କୁ ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛାର ସୁଅ ଛୁଟିଛି। ସୂଚନାଥାଉକି, ଏହି ପ୍ରତିଯୋଗିତାରେ ରାଜ୍ୟର ପ୍ରତ୍ୟେକ ଜିଲାରୁ ଜଣେ ଲେଖାଏଁ ପ୍ରତିଯୋଗୀ ଜିଲାସ୍ତରରେ ଚୟନ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ ।



ଗଜପତି ମହାରାଜା ସଜିତଙ୍କୁ ପୁରସ୍କୃତ କରୁଛନ୍ତି।

# ଅସହାୟ ବୃଦ୍ଧାଙ୍କୁ ସହାୟତା ଦେଲେ ବିଡିଓ


ବୃଦ୍ଧାଙ୍କ ସହ ବିଡିଓ ଓ ଅନ୍ୟ ଅଧିକାରୀମାନେ ।

ତେନ୍ତୁଳିଖୁଣ୍ଟି, ୨୮।୧୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ାରେ ଅସହାୟ ଅବସ୍ଥାରେ ଥିବା ଜଣେ ବୃଦ୍ଧାଙ୍କ ସମ୍ପର୍କରେ ଗ୍ରାମବାସୀ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ଜଣାଇଥିଲେ। ଖବରପାଇ ବିଡିଓ ବୃଦ୍ଧାଙ୍କୁ ମେଡ଼ିକାଲରେ ଚିକିତ୍ସା କରାଇଥିଲେ। ଏଥିସହ ତେନ୍ତୁଳିଖୁଣ୍ଟି ଥାନାକୁ ଜଣେଇବା ପରେ ବୃଦ୍ଧାଶ୍ରମରେ ନେଇ ତାଙ୍କୁ ଛାଡ଼ିଥିବା ଜଣାପଡିଛି। ବିଡିଓ ବୃଦ୍ଧାଙ୍କୁ ଖାଇବା ସାମଗ୍ରୀ ସହ ଶୀତବସ୍ତ୍ର ପ୍ରଦାନ କରିଥିଲେ। ବିଡିଓଙ୍କ ଡବ୍ଲ୍ୟୁଇଓ ଜଗମୋହନ ମାଝି, ଏମ୍‌ଆଇ ରହିତ କୁମାର ମାଝି ସହଯୋଗ କରିଥିଲେ। ବିଡିଓଙ୍କୁ ସ୍ଥାନୀୟ ବାସିନ୍ଦା ସାଧୁବାଦ ଜଣାଇଛନ୍ତି।

# ଅକ୍ଷତ କଳସ ଚାଉଳ ବଣ୍ଟନ



କୋଷାଗୁମୁଡ଼ା, ୨୮।୧୨ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅଯୋଧ୍ୟା ଶ୍ରୀ ରାମ ମନ୍ଦିର ପ୍ରତିଷ୍ଠା ନିମନ୍ତେ ନିମନ୍ତ୍ରଣ ପତ୍ର ଓ ଅକ୍ଷତ ଚାଉଳ ବଣ୍ଟନ କରାଯାଇଛି। ଏହି ଅବସରରେ ବ୍ଲକର ସମସ୍ତ ପଞ୍ଚାୟତରୁ ୨ଶହରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଉପସ୍ଥିତ ରହି ଭଜନ କୀର୍ତ୍ତନ କରିଥିଲେ। ଜାନୁଆରୀ ୧ରୁ ୧୫ ତାରିଖ ସୁଦ୍ଧା ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ନିମନ୍ତ୍ରଣ ପତ୍ର ଓ ଅକ୍ଷତ ଚାଉଳ ପ୍ରତେକ ଘରେ ପହଁଞ୍ଚିବା ଜରୁରୀ। ଏଥିସହ ଜାନୁଆରୀ ୨୨ରେ ଶ୍ରୀ ରାମ ମନ୍ଦିର ପ୍ରତିଷ୍ଠା ଦିବସରେ ଘରେ ୫ଟି ଦୀପ ଜାଳିବା ସହ ପ୍ରତ୍ୟେକ ଗ୍ରାମରେ ମନ୍ଦିର ପ୍ରାଙ୍ଗଣରେ ଭଜନ, ନାମଯଜ୍ଞ, କୀର୍ତ୍ତନ ଆଦି କାର୍ଯ୍ୟକ୍ରମ କରିବାକୁ ଆଲୋଚନା ହୋଇଛି। ୧ ତାରିଖରେ କୋଷାଗୁମୁଡ଼ା ପଞ୍ଚାୟତର ସମସ୍ତ ଗ୍ରାମ ମୁଖ୍ୟ ମନ୍ଦିର ମାନଙ୍କରେ ଶ୍ରୀ ରାମ ମନ୍ଦିର ପ୍ରତିଷ୍ଠା ନିମନ୍ତ୍ରଣ ପତ୍ର ଓ ଅକ୍ଷତ ଚାଉଳ ଗ୍ରାମରେ ବିତରଣ ବ୍ୟବସ୍ଥା କରାଯାଇଛି।

# ଟିଟିଲାଗଡ଼କୁ ହରାଇ ଝାରସୁଗୁଡ଼ା ଚାମ୍ପିୟନ

## ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ରାଇଘର, ୨୮।୧୨(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ସଦମହକୁମାସ୍ଥିତ ମିନି ଷ୍ଟାଡିୟମରେ ୟୁଥ୍ ସ୍ପୋର୍ଟସ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏମ୍‌ପି ପ୍ରତିନିଧି ତଥା ଓଏଲ୍‌ଆଇସି ଉପଦେଷ୍ଟା ପ୍ରମୋଦ ପାଢ଼ି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଏସ୍‌ଡିସି ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ବିକେବିକେ ଉପଦେଷ୍ଟା ସୁକଦେବ ଗଣ୍ଡ, ରାଇଘର ବ୍ଲକ ଅଧ୍ୟକ୍ଷା ନବିନା ନାୟକ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ଉପାଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କରଙ୍କ ସମେତ ସମସ୍ତ ଜିଲା ପରିଷଦ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସର୍ବମୋଟ ୧୬ଗୋଟି ଟିମ୍ ଭାଗନେଇ ଥିଲେ। ଝାରସୁଗୁଡ଼ା ଓ ଟିଟିଲାଗଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଛି। ଏହି ମ୍ୟାଚରେ ଝାରସୁଗୁଡ଼ା ୬ ଉଇକେଟରେ ବିଜୟୀ ହୋଇଛି। ରିଜ୍ୱାନ ଅଲି, ଶକ୍ତି ଜେନା,ଉଦୟଚନ୍ଦ୍ର ଗୌଡ଼, ଶିବା ଶ୍ରୀବାସ୍ତବ, ସନ୍ୟାସୀ ନାୟକଙ୍କ ସମେତ ବହୁ ଯୁବ ଗୋଷ୍ଠୀ ସାମିଲ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳି।

# ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ସମସ୍ୟା ନେଇ ଦାବିପତ୍ର

ନବରଙ୍ଗପୁର,୨୮।୧୨(ସଦାଶିବ ପ୍ରହରାଜ)

ନିଖିଳ ଓଡିଶା ପ୍ରାଥମିକ ଶିକ୍ଷକ ଫେଡେରେଶନ ଅନୁବନ୍ଧିତ ନବରଙ୍ଗପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତିରେ ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଏଥିରେ ଉଲ୍ଲେଖ ରହିଛି।

ପ୍ରଥମେ ସ୍ଥାନୀୟ ସର୍କିଟ ହାଉସ୍‌ରେ ଜିଲାର ସମସ୍ତ ବ୍ଲକର କର୍ମକର୍ତ୍ତା ଓ ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ପଦୋନ୍ନତି ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ୧୯୯୭ କ୍ୟାଡର ନିୟମ ଓ କ୍ୟାଡର ନିୟମ ୨୦୧୯ ପରେ ଉଚ୍ଚ ଶିକ୍ଷା ଲାଭ କରିଥିବା ଶିକ୍ଷକଙ୍କୁ ଓଟିଇଟି(୨)ଆବଶ୍ୟକ ଉଲ୍ଲେଖ ନାହିଁ। ୨୦୨୦ ଜୁନ ୧୦ରେ ଚିଠିରେ ୨୦୧୧ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ଓଟିଇଟିର ଆବଶ୍ୟକତା ନାହିଁ ବୋଲି ଉଲ୍ଲେଖ ରହିଛି। ଭଦ୍ରକରେ ୨୦୨୩ ଏପ୍ରିଲରେ ପ୍ରକାଶ ପାଇଥିବା ପଦୋନ୍ନିତି ତାଲିକାରେ ଓଟିଇଟି ନଥାଇ ଲେବେଲ ୪ ଗ୍ରାଜୁଏଟ ଶିକ୍ଷକଙ୍କୁ ପଦୋନ୍ନିତି ପ୍ରଦାନ କରାଯାଇଛି। ସେହି ପ୍ରକ୍ରିୟରେ ବୌଦ୍ଧ, ନୂଆପଡା ଓ ବଲାଙ୍ଗୀର ଜିଲାରେ ମଧ୍ୟ ପଦୋନ୍ନତି ଦିଆଯାଇଛି। ୨୦୧୯ରେ କ୍ୟାଡର ନିୟମ ବିଜ୍ଞପ୍ତି ପ୍ରକାଶ ପରେ ୨୦୨୨ରୁ ପଦୋନ୍ନିତି ପ୍ରକ୍ରିୟା ଆରମ୍ଭ ହେଲା। ୪ଥର ପ୍ରକ୍ରିୟା ସରିବା ପରେ ୨୦୨୩ ମେ'ରେ ଶିକ୍ଷକମାନେ ଜାଣିବାକୁ ପାଇଲେ ୨୦୧୧ ପରେ ଉଚ୍ଚ ଶିକ୍ଷା ଲାଭ କରିଥିବା ଶିକ୍ଷକଙ୍କୁ ପଦୋନ୍ନତି ସମୟରେ ଓଟିଇଟି ଆବଶ୍ୟକ କହିବା ଯଥାର୍ଥ ନୁହେଁ ବୋଲି ଜଣାଇଛନ୍ତି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ମଧ୍ୟ ଶିକ୍ଷକଙ୍କ ପଦୋନ୍ନତି ହୋଇ ପାରୁନାହିଁ। ଏଥିପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସଂଘ ଦାୟି କରିଛି। ସ୍ମାରକପତ୍ର ପ୍ରଦାନବେଳେ ରାଜ୍ୟ ସଭାପତି ରମଣି ରଞ୍ଜନ ତ୍ରିପାଠୀ, ଜିଲା ସଭାପତି କ୍ଷେତ୍ର ମୋହନ ବିଷୋୟୀ, ସଭାପତି ସନତ ପ୍ରହରାଜଙ୍କ ସମେତ ଶତାଧିକ ଶିକ୍ଷକ ଉପସ୍ଥିତ ଥିଲେ।



ଶିକ୍ଷକମାନେ ଶୋଭାଯାତ୍ରାରେ ଦାବିପତ୍ର ଦେବାକୁ ଯାଉଛନ୍ତି।

**୬ରେ ଓଡ଼ିଶା ଆସିବେ କଂଗ୍ରେସର ନବନିଯୁକ୍ତ ପ୍ରଭାରୀ**

ଭୁବନେଶ୍ୱର,୨୮।୧୨ (ସୁନିତ୍ ମିଶ୍ର): ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ନାଗପୁରଠାରେ ଗୁରୁବାର ୧୩୯ତମ କଂଗ୍ରେସ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ନବନିଯୁକ୍ତ ପ୍ରଭାରୀ ଅଜୟ କୁମାରଙ୍କୁ ପିସିସି ସଭାପତି ସାକ୍ଷାତକରି ତାଙ୍କ ରାଜ୍ୟ ଗସ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି। ଶରତ କହିଛନ୍ତି , ପ୍ରଭାରୀ ଅଜୟ କୁମାର ଆସନ୍ତା ୬ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ।

# ଅଙ୍କଳରେ ୪ ପୁରୁଷ ବିଧାୟକ




ଜଗତ୍‌ସିଂହପୁର, ୨୮।୧୨ (ପ୍ରମୋଦ କୁମାର ନାୟକ)

ଗତ ସେପ୍ଟେମ୍ବରରେ ମହିଳା ସଂରକ୍ଷଣ ବିଲ୍ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ପାରିତ ହୋଇ ଆଇନରେ ପରିଣତ ହୋଇଛି। ହେଲେ ଏହା ୨୦୨୯ରେ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି। କିନ୍ତୁ ଓଡ଼ିଶାରେ ବିଜୁ ଜନତା ଦଳ (ବିଜେଡି) ଗତ ଲୋକ ସଭା ନିର୍ବାଚନରେ ଯେଭଳି ମହିଳାଙ୍କୁ ଆଗ୍ରାଧିକାର ଦେଇ ସଫଳତା ପାଇଥିଲା, ସେହି ରଣନୀତି ବିଧାନସଭା ନିର୍ବାଚନରେ ପ୍ରୟୋଗ କରିପାରେ ବୋଲି ଆଲୋଚନା ହେଲାଣି।

ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାକୁ ଦେଖିଲେ ରାଜନୈତିକ ମହଲରେ କଥା ଚାଲିଛି ଯେ, ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ୩୩ ପ୍ରତିଶତ ମହିଳାଙ୍କୁ ସୁଯୋଗ ଦେଲେ ପୁରୁଷ ନେତାଙ୍କ ଭାଗ କମିଯିବ। ବିଜେଡି ସଭାପତି ନବୀନ ପଟ୍ଟନାୟକ ମହିଳାଙ୍କୁ ଗୁରୁତ୍ୱ ଦେଉଥିବାରୁ ଦଳୀୟ ଟିକେଟ ବଣ୍ଟା ବେଳେ ତାହା ପ୍ରତିଫଳିତ ହୋଇପାରେ ବୋଲି କୁହାଯାଉଛି। ଗତ ୨୬ ତାରିଖରେ ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ବିଜେଡି ପ୍ରତିଷ୍ଠା ଦିବସରେ ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଆଭାସ ଦେବା ପରେ ଜିଲାବ୍ୟାପୀ ସେହି ଚର୍ଚ୍ଚା ଚାଲିଛି। ସେ କହିଥିଲେ, ଆଗାମୀ ଦିନରେ ଅନେକ ମା'ଙ୍କୁ ବିଜେଡି ଟିକେଟ୍ ମିଳିବ। ତେଣୁ ଯେଉଁମାନେ ବିଧାୟକ ଅଛନ୍ତି, ସେମାନେ ପ୍ରତ୍ୟେକ ମା'ମାନଙ୍କୁ ଆସନ ଛାଡ଼ିବା ପାଇଁ ଏକପ୍ରକାର ମାନସିକସ୍ତରରେ ପ୍ରସ୍ତୁତ ଅଛନ୍ତି। ଯଦିଓ ପୂର୍ବରୁ କେତେଜଣ ମହିଳା ବିଧାୟକ ପଦବୀ ପାଇଁ ଆଶାୟୀ ଅଛନ୍ତି, କିନ୍ତୁ ମୁଦୁଲିଙ୍କ ଏହି ବୟାନ ଆଉ କେତେକଙ୍କୁ ପ୍ରାର୍ଥୀ ହେବା ପାଇଁ ଉତ୍ସାହିତ କରିଥିବା ଆଲୋଚନା ଚାଲିଛି। ବାସ୍ତବରେ ବିଜେଡି ମହିଳାଙ୍କ ପାଇଁ ୩୩% ସଂରକ୍ଷଣ କଲେ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ କେଉଁ ଆସନଟି ସଂରକ୍ଷିତ ହେବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

୨୦୧୯ ନିର୍ବାଚନରେ ଜିଲାର ସମସ୍ତ ୪ଟି ଆସନ ବିଜେଡି ହାତକୁ ଯାଇଥିଲା। ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ସେମାନେ ଆଶା ରଖିଥିବା ବେଳେ ଦଳ ଭିତରେ ଆହୁରି ଆଶାୟୀ ଧାଡ଼ି ବାନ୍ଧିଲେଣି। ଯଦି ୩୩ ପ୍ରତିଶତ ହିସାବରେ ମହିଳାଙ୍କୁ ବିଜେଡି ପ୍ରାର୍ଥୀ ହେବା ଲାଗି ସୁଯୋଗ ଦିଏ, ତେବେ ଜିଲାର କେଉଁ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ, ତାହାକୁ ନେଇ ବର୍ତ୍ତମାନର ବିଧାୟକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ୧୯୫୧ରୁ ଏ ପର୍ଯ୍ୟନ୍ତ ହୋଇଥିବା ନିର୍ବାଚନଗୁଡ଼ିକୁ ଅନୁଶୀଳନ କଲେ ଜଣାଯାଏ ଜିଲାର ତିର୍ତ୍ତୋଲ ବିଧାନସଭା ଆସନରେ ୨୦୧୪ରେ କେବଳ ରାଜଶ୍ରୀ ମଲ୍ଲିକ ଥରକ ପାଇଁ ବିଧାୟିକା ହୋଇଥିଲେ। ତାଙ୍କ ବାଦ୍ ଜିଲାର କୌଣସି ନିର୍ବାଚନମଣ୍ଡଳୀରେ ଅନ୍ୟ କେହି ମହିଳା ବିଧାୟକ ହୋଇପାରି ନାହାନ୍ତି। ଏବେ ଜିଲାର ବିଧାୟକ ଭାବେ ଜଗତ୍‌ସିଂହପୁରରେ ପ୍ରଶାନ୍ତ କୁମାର ମୁଦୁଲି, ବାଲିକୁଦା-ଏରସମାରେ ରଘୁନନ୍ଦନ ଦାସ, ତିର୍ତ୍ତୋଲରେ ବିଜୟଶଙ୍କର ଦାସ ଓ ପାରାଦୀପରେ ସମ୍ବିତ ରାଉତରାୟ ଅଛନ୍ତି। ଏହି ବିଧାୟକମାନଙ୍କ ମଧ୍ୟରୁ ମୁଦୁଲି ୩ ଥର ବିଧାୟକ ହୋଇଛନ୍ତି। ସେଥିମଧ୍ୟରୁ ସେ ୨୦୦୯ ଓ ୨୦୧୪ରେ ବାଲିକୁଦା-ଏରସମା ଏବଂ ୨୦୧୯ରେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଜେଡି ଟିକେଟ୍‌ରେ ବିଜୟୀ ହୋଇଥିଲେ। ସେ ଦଳୀୟ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଥିଲେ ମଧ୍ୟ ନିର୍ବାଚନମଣ୍ଡଳୀରେ ଆହୁରି ଆଶାୟୀ ଥିବାରୁ ସମାନ୍ତରାଳ ବୈଠକ କରି ତାଙ୍କୁ ବିରୋଧ କରାଯାଉଥିବା ଦେଖିବାକୁ ମିଳୁଛି। ଏଥିସହିତ ଆଉ ଏକ ପ୍ରସଙ୍ଗ ନୂଆ ରାଜନୈତିକ ସମୀକରଣ ସୃଷ୍ଟି କରିଛି। କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ୨୦୧୯ ସାଧାରଣ ନିର୍ବାଚନରେ ମୁଦୁଲିଙ୍କଠାରୁ ହାରିଯିବା ପରେ ଏକପ୍ରକାର ନୀରବ ରହିଛନ୍ତି। ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ ତ ଦୂରର କଥା ନିର୍ବାଚନମଣ୍ଡଳୀ ଦଳୀୟ ନେତା ଓ କର୍ମୀଙ୍କଠାରୁ ସମ୍ପର୍କ କମାଇ ଦେଇଛନ୍ତି। ଏପରି କି ନିର୍ବାଚନମଣ୍ଡଳୀକୁ ଆପାତତଃ ଆସୁନାହାନ୍ତି। ସେ କୁଆଡ଼େ ବିଜେଡିରେ ମିଶିବେ ବୋଲି ଚିନ୍ତା କରିଥିବା ଆଲୋଚନା ହେଉଛି। ମଝିରେ ମଝିରେ ଏଭଳି ଚର୍ଚ୍ଚା ଜୋର ଧରୁଥିବା ବେଳେ ସେ କଂଗ୍ରେସରେ ଅଛନ୍ତି ବୋଲି କହୁଛନ୍ତି। ଅନ୍ୟ କେଉଁ ଦଳରେ ମିଶିବେ କି ନାହିଁ ସେନେଇ ସ୍ପଷ୍ଟ କରୁନାହାନ୍ତି। ଯଦି ବିଶ୍ୱାଳ ବିଜେଡିରେ ମିଶିବେ ତେବେ ଜଗତ୍‌ସିଂହପୁର ଆସନ ଉପରେ ତାଙ୍କର ନଜର ରହିବ ବୋଲି କଂଗ୍ରେସର କେତେଜଣ ନେତା ନାମ ଗୋପନ ରଖି ଏଭଳି କହିଛନ୍ତି। ତେବେ ବ୍ୟବସାୟୀ ଅମୀୟ ଦାସଙ୍କ ସ୍ତ୍ରୀ ପ୍ରଣତି ଦାସ ଓ ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା ମଧ୍ୟ ଆଶାୟୀ ଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ସେହିପରି ବାଲିକୁଦା-ଏରସମା ବିଧାୟକ ଅଛନ୍ତି ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ। ସ୍ୱାସ୍ଥ୍ୟଗତ କାରଣରୁ ସେ ଏଥର ପ୍ରାର୍ଥୀ ନ ହୋଇ ପୁଅକୁ ପ୍ରାର୍ଥୀ କରିବାକୁ ଚିନ୍ତା କରୁଥିବା କୁହାଯାଉଛି। ହେଲେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ସାରଦା ଜେନା ଏହି ଆସନ ପାଇଁ ଅନ୍ୟତମ ପ୍ରମୁଖ ଦାବିଦାର ବୋଲି ଜଣାଯାଇଛି। କାରଣ ସେ ଏବେ ବିଜେଡି ସାଧାରଣ ସମ୍ପାଦକ, କାଳିଆ ଯୋଜନା ଉପଦେଷ୍ଟା ଓ ଜିଲା ଯୋଜନା କମିଟିର ଏକ୍ସପର୍ଟ ସଭ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଜଗତ୍‌ସିଂହପୁର ବିଧାୟକ ମୁଦୁଲି ମଧ୍ୟ ଏହି ଆସନରୁ ପ୍ରାର୍ଥୀ ହୋଇପାରନ୍ତି। କାରଣ ପୂର୍ବରୁ ସେ ଏହି ଆସନରୁ ୨ଥର ବିଧାୟକ ହୋଇଥିଲେ। ନିର୍ବାଚନମଣ୍ଡଳୀରେ ତାଙ୍କର ସଙ୍ଗଠନ ଥିବାରୁ ତାଙ୍କୁ ଏଠାରୁ ପ୍ରାର୍ଥୀ କରାଯିବା ବିଷୟ ଆଲୋଚନା ପରିସରକୁ ଆସିଛି। ସେହିପରି ବିଧାୟକ ରଘୁନନ୍ଦନ ଦାସଙ୍କ ନିକଟତମ ବ୍ୟକ୍ତି ତଥା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥ ସାରଥି ରାଉତ ମଧ୍ୟ ପ୍ରାର୍ଥୀ ପାଇଁ ଆଶାୟୀ। ଅନୁରୂପ ଭାବେ ଦେଖିଲେ, ବରିଷ୍ଠ ବିଜେଡି ନେତା ଉମେଶ ସ୍ୱାଇଁଙ୍କ ବୋହୂ ଶିଖା ଉମେଶ ସ୍ୱାଇଁ, ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର ଓ ବାଲିକୁଦା ବ୍ଲକ ପୂର୍ବତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ମହିଳା କମିଶନ ସଭ୍ୟା ବବିତା ସ୍ୱାଇଁ ମଧ୍ୟ ଆଶାୟୀ ତାଲିକାରେ।

ତିର୍ତ୍ତୋଲ ଆସନରେ ବିଧାୟକ ବିଜୟଶଙ୍କର ଦାସଙ୍କ ସମେତ ରମାକାନ୍ତ ଭୋଇ ଓ ଯୁଧିଷ୍ଠିର ସେଠୀ ପ୍ରାର୍ଥୀ ଦୌଡ଼ରେ ଅଛନ୍ତି। କିନ୍ତୁ ମହିଳା ହିସାବରେ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ଓ ଏମ୍‌ପି ରାଜଶ୍ରୀ ମଲ୍ଲିକ ମଧ୍ୟ ଆଶାୟୀ। ପାରାଦୀପ ନିର୍ବାଚନମଣ୍ଡଳୀରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଧାୟକ ସମ୍ବିତ ରାଉତରାୟ, ପ୍ରମୋଦ କିଶୋର ଜେନା ଓ ସନ୍ତୋଷ ପଟ୍ଟନାୟକଙ୍କ ନାଁ ଚର୍ଚ୍ଚାକୁ ଆସିଛି। ଏହାବାଦ୍ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ, ଚିରଞ୍ଜୀବ ବିଶ୍ୱାଳ ବିଜେଡିରେ ମିଶିବାର ଆଲୋଚନା ହେଉଥିବାରୁ ସେମାନଙ୍କୁ ଥଇଥାନ କରାଯାଇପାରେ। ବିଧାୟକ ପ୍ରଶାନ୍ତ ମୁଦୁଲି ଆବଶ୍ୟକସ୍ଥଳେ ପାରାଦୀପରୁ ଲଢ଼ିପାରନ୍ତି। ଜିଲା ମହିଳା ବିଜେଡି ସଭାପତି ସବିତା ମହାପାତ୍ରଙ୍କ ନାମ ମଧ୍ୟ ଏହି ଆସନ ପାଇଁ ଚର୍ଚ୍ଚାରେ ରହିଛି। ତେବେ କେଉଁ ଆସନଟିକୁ ବିଜେଡି ମହିଳାଙ୍କୁ ଛାଡ଼ିବ, ତାହା ଉପରେ ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିଙ୍କ ନଜର।

## ଫମ୍ପା ଭାଷଣ ଦେଲେ ହେବନି: ସୂର୍ଯ୍ୟବଂଶୀ



ଖବରଦାତା ସମ୍ମିଳନୀରେ ଧାମନଗର ବିଧାୟକ ସୂରଜ ସୂର୍ଯ୍ୟବଂଶୀ ଓ ଅନ୍ୟମାନେ।

ଭଦ୍ରକ,୨୮।୧୨(ସନାତନ ରାଉତ)

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ଦିନିକିଆ ଭଦ୍ରକ ଗସ୍ତରେ ଥାଇ ଆରଡ଼ି, ଅସୁରାଳି ଓ ଧାମନଗରରେ ୩ଟି ସଭାରେ ଯୋଗ ଦେଇଥିଲେ। ଅସୁରାଳି ଶହୀଦ ଷ୍ଟାଡିୟମରେ ଅନୁଷ୍ଠିତ ସଭାରେ ନାଁ ନ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ କରି କହିଥିଲେ, ୨୦୨୨ ଧାମନଗର ଉପନିର୍ବାଚନରେ ଭାଜପା ମଙ୍ଗ ଧରିଥିବା ନେତା ତାଙ୍କ ପ୍ରାର୍ଥୀ ଜିତିବା ପରେ ଧାମନଗରବାସୀଙ୍କୁ ଧନ୍ୟବାଦ ଦେବାକୁ ଆସିଲେ ନାହିଁ। ନିର୍ବାଚନ ପରେ ଓଡ଼ିଶାକୁ ଅନେକ ଥର ଆସିଥିଲେ ମଧ୍ୟ ଧାମନଗରକୁ ଥରଟିଏ ମଧ୍ୟ ଆସିଲେନି।

ଏହାର ଜବାବରେ ଧାମନଗର ବିଧାୟକ ସୂରଜ ସୂର୍ଯ୍ୟବଂଶୀ ଗୁରୁବାର ଭଦ୍ରକ ଭାଜପା ପାର୍ଟି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ କହିଛନ୍ତି, ୫-ଟି ଅଧ୍ୟକ୍ଷ କେବଳ ଫମ୍ପା ଓ ମିଛ ଭାଷଣ ଦେଉଛନ୍ତି। ସେ ଯେମିତି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆସିଥିଲେ ବୋଲି କହୁଛନ୍ତି ସେମିତି ଧର୍ମେନ୍ଦ୍ର ପ୍ରଧାନ ଓ ମନମୋହନ ସାମଲଙ୍କ ନିର୍ଦ୍ଦେଶରେ ଉପନିର୍ବାଚନ ଜିତିବା ପରେ ଧାମନଗରର ୪୪ଟି ପଞ୍ଚାୟତର ୬୧୫ଟି ଗାଁକୁ ଘର ଘର ବୁଲି ଲୋକଙ୍କୁ ଧନ୍ୟବାଦ ଜଣାଇଥିଲେ ବୋଲି ସୂର୍ଯ୍ୟବଂଶୀ କହିଛନ୍ତି। ଧାମନଗରବାସୀଙ୍କ ନିକଟରେ ସେ ସବୁବେଳେ ରହିଛନ୍ତି ବୋଲି ସୂର୍ଯ୍ୟବଂଶୀ କହିବା ସହ ଗତ ବନ୍ୟା ସମୟରେ ୫-ଟି ଅଧ୍ୟକ୍ଷ କେଉଁଠି ଥିଲେ ବୋଲି ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଧାମନଗର ଦାୟିତ୍ୱ ନିଜେ ନେବେ ବୋଲି ଉପନିର୍ବାଚନ ସମୟରେ ଘୋଷଣା କରିଥିଲେ। ୫ ବର୍ଷର ବିକାଶ ୧୮ ମାସରେ କରିବେ ବୋଲି କହିଥିଲେ। କ'ଣ ଦାୟିତ୍ୱ ନେଇଛନ୍ତି ଓ କ'ଣ ବିକାଶ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସୂର୍ଯ୍ୟବଂଶୀ।

## ଜନତା ସବୁ ହିସାବ କରୁଛନ୍ତି: ବିଜେଡି

ଭୁବନେଶ୍ୱର,୨୮।୧୨(ଅନିଲ ଦାସ)

ଧାମନଗରବାସୀଙ୍କୁ ପ୍ରତିଶ୍ରୁତି ଦେଇ ସେମାନଙ୍କର ଆଶୀର୍ବାଦ ପାଇବା ପରେ ଭାଜପା ନେତା ଭୁଲିଗଲେ। ନିର୍ବାଚିତ ହେବା ପରେ କ'ଣ କାମ କରିଛନ୍ତି, ସେସବୁର ହିସାବ ଜନତା ରଖିଛନ୍ତି। ଖୁବ୍‌ଶୀଘ୍ର ଏହାର ଜବାବ ଦେବେ । ଧାମନଗର ବିଧାୟକଙ୍କୁ କିଛି ଏଭଳି ଢଙ୍ଗରେ ସମାଲୋଚନା କରିଛନ୍ତି ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ। ସେ କହିଛନ୍ତି ଯେ ସମସ୍ତେ ଜାଣିଛନ୍ତି ଧାମନଗର ବିଧାୟକ ସୂରଜ ସୂର୍ଯ୍ୟବଂଶୀ ଜୁସ୍ ପିଇ ଭଲ ନାଚିପାରନ୍ତି । ବୋଧହୁଏ ସେ ବେଶି ଜୁସ୍ ପିଇ ଦେଇଥିଲେ, ସେଥିପାଇଁ ଧାମନଗର କଥା ପଚାରିବାରୁ ଧାମରା ପୋର୍ଟ କଥା କହୁଛନ୍ତି, ଯାହା ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଆସୁଛି। ଜନତା ତାଙ୍କର ଏଭଳି କାର୍ଯ୍ୟକଳାପ ଦେଖି ହସିବା ଆରମ୍ଭ କଲେଣି ବୋଲି ସୂରଜଙ୍କୁ ଶାଣିତ ସ୍ୱରରେ କଟାକ୍ଷ କରି ସଞ୍ଜୟ ସମାଲୋଚନା କରିଛନ୍ତି।

# ବିଧାୟକ ଶିଳାନ୍ୟାସ କଲେ, ସରପଞ୍ଚ ଭାଙ୍ଗିଲେ





ସରପଞ୍ଚଙ୍କ ଦ୍ୱାରା ଭଙ୍ଗା ଯାଇଥିବା ଫଳକ। ବରହମପୁର ପୋଲିସକୁ ଏତଲା ଦିଆଯାଉଛି।

ନୀଳଗିରି,୨୮।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଗରଡ଼ିହି ପଞ୍ଚାୟତ କଳାକାଦ ଗାଁଠାରୁ ଆମ୍ବଝର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଗୁରୁବାର ଶିଳାନ୍ୟାସ ବେଳେ ଗଣ୍ଡଗୋଳିଆ ପରିସ୍ଥିତି ଉପୁଜିଛି। ଶିଳାନ୍ୟାସ ଫଳକରେ ସରପଞ୍ଚଙ୍କ ନାଁ ନ ଥିବାରୁ ବିଧାୟକ ଶିଳାନ୍ୟାସ କରିବାର କିଛି ସମୟ ପରେ ସରପଞ୍ଚ ଉକ୍ତ ଫଳକକୁ ଭାଙ୍ଗିଦେଇଥିଲେ। ଏହାକୁ ନେଇ ବିଧାୟକ ଓ ସରପଞ୍ଚଙ୍କ ସମର୍ଥକଙ୍କ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସରପଞ୍ଚଙ୍କୁ ଗିରଫ ଦାବିରେ ବିଧାୟକଙ୍କ ସମର୍ଥକମାନେ କଳାକାଦ ଛକ ୧୯ନଂ. ରାଜ୍ୟ ରାଜପଥକୁ ଅବରୋଧ କରିବା ସହ ୩ଘଣ୍ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବରହମପୁର ପୋଲିସ ପହଞ୍ଚିଥିବାବେଳେ ସରପଞ୍ଚଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ବରହମପୁର ପୋଲିସ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କଳାକାଦରୁ ଆମ୍ବଝର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୪କୋଟି ୭୮ଲକ୍ଷ ମଞ୍ଜୁର ହୋଇଛି। ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ ସମର୍ଥକଙ୍କ ଉପସ୍ଥିତିରେ ଶିଳାନ୍ୟାସ କରୁଥିବା ବେଳେ ଫଳକରେ ସ୍ଥାନୀୟ ସରପଞ୍ଚ ଶିବାଜୀ ସିଂଙ୍କ ନାମ ନ ଥିବାରୁ ସେ ଏହାକୁ ବିରୋଧ କରିଥିଲେ। ଏପରିକି ସରପଞ୍ଚ ଶିଳାନ୍ୟାସ ଫଳକ ଉପରେ ବସି ରହିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଉଭୟଙ୍କ ସମର୍ଥକ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଏ ନେଇ ବିଧାୟକ ନାୟକ କହିଛନ୍ତି, ନୀଳଗିରିରେ ଭାଜପାର ଡବଲ ଇଞ୍ଜିନର ବିକାଶମୂଳକ କାମକୁ କେତେଜଣ ଲୋକ ସହି ପାରୁ ନାହାନ୍ତି। ସରପଞ୍ଚ ଶିବାଜୀ ସିଂ କହିଛନ୍ତି, ସେ ତତ୍କାଳୀନ ୫-ଟି ସଚିବଙ୍କୁ ଉକ୍ତ ପ୍ରକଳ୍ପ ସମ୍ପର୍କରେ ଦାବି ଜଣାଇବା ପରେ ଏହି ରାସ୍ତା ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇଥିଲା। ବିଜେଡି ସମର୍ଥିତ ସରପଞ୍ଚ ହୋଇଥିବାରୁ ତାଙ୍କ ନାମକୁ ଜାଣିଶୁଣି ଅଣଦେଖା କରାଯାଇଛି।

# ବିଜେଡିରେ ଯୋଗଦେଲେ କଂଗ୍ରେସ ନେତା

ଭୁବନେଶ୍ୱର,୨୮।୧୨(ଅନିଲ ଦାସ)

ବସ୍ତା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକର ଶ୍ରୀରାମପୁର ଗ୍ରାମପଞ୍ଚାୟତର ସରପଞ୍ଚ ଦେବ କୁମାର ଦେ ଗୁରୁବାର ଶଙ୍ଖଭବନଠାରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ ଏବଂ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦେଙ୍କୁ ଉପଢ଼ୌକନ ଦେଇ ଉଭୟ ଦଳକୁ ସ୍ୱାଗତ କରିଛନ୍ତି। ଦେବଙ୍କ ଯୋଗଦାନ ଫଳରେ ବିଶେଷକରି ବାଲିଆପାଳ ବ୍ଲକ ଏବଂ ବସ୍ତା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଉଭୟ ବିଜେଡି ନେତା କହିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ ନେତା ଦେବ କହିଛନ୍ତି ଯେ ଦୀର୍ଘଦିନ ଧରି ସେ କଂଗ୍ରେସରେ ଥିଲେ । କଂଗ୍ରେସର କାର୍ଯ୍ୟଶୈଳୀ ଓ ନୀତି ନୈତିକତାରେ ଅତିଷ୍ଠ ହୋଇପଡ଼ିଥିଲେ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ଆଗାମୀ ଦିନରେ ବାଲିଆପାଳ ବ୍ଲକରେ ବିଜେଡି ସଙ୍ଗଠନ କିପରି ସୁଦୃଢ଼ ହେବ ସେ ନେଇ କାର୍ଯ୍ୟ କରିବା ସହ ଦଳ ଯେଉଁ ଦାୟିତ୍ୱ ଦେବ ତାକୁ ସୁଚାରୁରୂପେ ତୁଲାଇବେ ବୋଲି ଦେବ କହିଛନ୍ତି । ଦଳ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ବିଜେଡିରେ ନେପୁରା ବୋର୍ଡ ସେବା ସମବାୟ ସମିତିର ଡାଇରେକ୍ଟର ତଥା ବରିଷ୍ଠ କଂଗ୍ରେସ ନେତା ଝାଡ଼େଶ୍ୱର ବେହେରା, ନିତ୍ୟାନନ୍ଦ ପାତ୍ର, ଶ୍ରୀରାମପୁର ଗ୍ରାମପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ଦେ, ଗଙ୍ଗାଧର ପାତ୍ର, ଗୌରମୋହନ ଜେନା, ଗଦାଧର ଜେନା, ମିହିର କୁମାର ମିଶ୍ର, ରଘୁନାଥ ବିଶ୍ୱାଳଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ଏମ୍‌ପି ତଥା ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନା, ରାଜ୍ୟ ସମ୍ପାଦକ ତଥା ବାଲେଶ୍ୱର ଓ ଜଳେଶ୍ୱର ନିର୍ବାଚନମଣ୍ଡଳୀର ସହପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର ଏବଂ ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।




ଶଙ୍ଖଭବନଠାରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ ଓ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।



ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ କଂଗ୍ରେସର ୧୩୯ତମ ପ୍ରତିଷ୍ଠା ଦିବସ ଗୁରୁବାର ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ପିସିସି ମୁଖ୍ୟ ପ୍ରସାଦ ହରିଚନ୍ଦନ ଦଳୀୟ ପତାକା ଉତ୍ତୋଳନ କରି ଦେଶ ଗଠନରେ ଦଳର ଭୂମିକା ସମ୍ପର୍କରେ ଆଲୋକପାତ କରିଛନ୍ତି। ଏହି ଅବସରରେ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କଲେ ପାଣ୍ଡିଆନ | 'ନିଜ ଅଞ୍ଚଳ ପାଇଁ କ'ଣ କରିଛନ୍ତି'

ଭୁବନେଶ୍ୱର,୨୮।୧୨(ଅନିଲ ଦାସ)

ବିଜେଡିର ବରିଷ୍ଠ ନେତା ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିଜ ଜିଲା ଅନୁଗୋଳ ମାଟିରେ ଠିଆ ହୋଇ ତାଙ୍କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି। ପ୍ରବାଦପୁରୁଷ ବିଜୁବାବୁ କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ସୁନାବେଡ଼ାରେ ହାଲ୍, ପାରାଦୀପଠାରେ ବନ୍ଦର ପ୍ରତିଷ୍ଠା ଭଳି ବହୁ ବଡ଼ ବଡ଼ କାମ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଥିବାବେଳେ ପାରାଦୀପରେ ଆଇଓସିଏଲ୍‌ର ବଡ଼ କାରଖାନା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ ଓ ପରେ ସଫଳତା ମଧ୍ୟ ପାଇଲେ। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ତାଙ୍କ ଅଞ୍ଚଳରେ ଏକଲବ୍ୟ ସ୍କୁଲ ପ୍ରତିଷ୍ଠା କରିଛନ୍ତି। ସେହିଭଳି ଜୁଏଲ ଓରାମ କେନ୍ଦ୍ରମନ୍ତ୍ରୀ ଥିବାବେଳେ ସୁନ୍ଦରଗଡ଼ରେ ଏକଲବ୍ୟ ସ୍କୁଲ ପ୍ରତିଷ୍ଠା କରିଥିଲେ। ଚନ୍ଦ୍ରଶେଖର ସାହୁ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ଥିବାବେଳେ ଗଞ୍ଜାମ ଜିଲାକୁ ୩ଟି କେନ୍ଦ୍ରୀୟ ବିଦ୍ୟାଳୟ ଆଣିଥିଲେ। କାମାକ୍ଷା ପ୍ରସାଦ ସିଂଦେଓ କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ଢେଙ୍କାନାଳରେ ଆଇଆଇଏମ୍‌ସି ପ୍ରତିଷ୍ଠା କରିଥିଲେ। କିନ୍ତୁ ତାଙ୍କ ଅଞ୍ଚଳ ପାଇଁ କେନ୍ଦ୍ରମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହିତ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସିଧାସଳଖ ୩ଟି ପ୍ରଶ୍ନ ପଚାରିଛନ୍ତି। ସେ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ମାଟିର ସନ୍ତାନ। ଏ ମାଟି ତାଙ୍କୁ ନେଇ ଗର୍ବ କରିବାର କଥା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ସବୁଠୁ ଅଧିକ ସୁଯୋଗ ସେ ପାଇଛନ୍ତି। କେନ୍ଦ୍ରରେ ଦୀର୍ଘ ଦିନ ଧରି ପ୍ରଭାବଶାଳୀ ମନ୍ତ୍ରୀ ହୋଇ ରହିଛନ୍ତି। କିନ୍ତୁ ଏ ଅଞ୍ଚଳ ପାଇଁ ତାଙ୍କର ଅବଦାନ କ'ଣ। ପାଣ୍ଡିଆନ କହିଛନ୍ତି ଯେ କେନ୍ଦ୍ରରେ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷାମନ୍ତ୍ରୀ ଅଛନ୍ତି। ସେ ଚାହିଁଥିଲେ ତାଙ୍କ ଅଞ୍ଚଳରେ ଥିବା ୩୦ଟି ଯାକ ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏବଂ କମ୍ୟୁନିଟି କଲେଜ ଭଳି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିପାରିଥାନ୍ତେ। ଏ ଅଞ୍ଚଳର ପିଲା ସିବିଏସ୍‌ଇ ପାଠ ପଢ଼ିବାର ସୁଯୋଗ ପାଇଥାନ୍ତେ। ମାତ୍ର ବିଡ଼ମ୍ବନା ଯେ ଏତେ ବର୍ଷ ହେଲା ମନ୍ତ୍ରୀ ରହି ମଧ୍ୟ ସେ ନିଜ ଅଞ୍ଚଳ ପାଇଁ କିଛି କଲେ ନାହିଁ। କେନ୍ଦ୍ରୀୟ ବିଦ୍ୟାଳୟ ପ୍ରସଙ୍ଗରେ ପାଣ୍ଡିଆନ କହିଛନ୍ତି ଯେ ସେ ଗଞ୍ଜାମ ଜିଲାପାଳ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ସେଠାରେ ୩ଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ସମର୍ଥ ହୋଇଛନ୍ତି। କିନ୍ତୁ ସେହି ବିଭାଗର ଜଣେ କେନ୍ଦ୍ରମନ୍ତ୍ରୀ ହୋଇ ତାଙ୍କ ଜିଲାରେ ମାତ୍ର ୨ଟି ଇନ୍‌ଷ୍ଟିଚ୍ୟୁଶନାଲ କେନ୍ଦ୍ରୀୟ ବିଦ୍ୟାଳୟ ରହିବା ଦୁର୍ଭାଗ୍ୟଜନକ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ନିଜ ପଞ୍ଚାୟତରେ ଥିବା ସ୍କୁଲକୁ ରାଜ୍ୟ ସରକାର ୫-ଟି ଉପକ୍ରମରେ ରୂପାନ୍ତର କରିଛନ୍ତି। ସ୍ମାର୍ଟ ସ୍କୁଲ କରିଛନ୍ତି। ସେହିଭଳି କେନ୍ଦ୍ରମନ୍ତ୍ରୀ ସବୁବେଳେ କହୁଛନ୍ତି ଯେ ଏ ଅଞ୍ଚଳର ଲୋକ କାମଧନ୍ଦା ପାଇଁ ବାହାରକୁ ଯାଉଛନ୍ତି। ସେ ନିଜେ ଦକ୍ଷତା ବିକାଶ ବିଭାଗର ମନ୍ତ୍ରୀ ଅଛନ୍ତି। ଚାହିଁଥିଲେ ଏ ଅଞ୍ଚଳର ସବୁ ବ୍ଲକରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରିପାରିଥାନ୍ତେ। ଏ ଅଞ୍ଚଳରେ ଏମ୍‌ସିଏଲ୍, ଏନ୍‌ଟିପିସି, ନାଲ୍‌କୋ ଭଳି ସଂସ୍ଥା ରହିଛି। ଦକ୍ଷତା ବିକାଶ ହୋଇଥିଲେ ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼ ଆଦି ଅଞ୍ଚଳର ଯୁବପିଢ଼ି ଭଲ ଚାକିରି ପାଇପାରିଥାନ୍ତେ। ମାତ୍ର ସେ କାହିଁକି ଏଠାରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କଲେନାହିଁ।

ଗତ ବର୍ଷେ ଭିତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରବାବୁ ୪୦ ଥର ଅନୁଗୋଳ ଜିଲା ଆସିଛନ୍ତି। ପ୍ରତିଥର ଟିକିଏ ଟିକିଏ ବିକାଶମୂଳକ କାର୍ଯ୍ୟ ହାତକୁ ନେଇଥିଲେ ଅନୁଗୋଳର ପ୍ରଭୂତ ବିକାଶ ହୋଇପାରିଥାନ୍ତା। କିନ୍ତୁ ସେ ତାହା କରିନାହାନ୍ତି। ଅପରପକ୍ଷେ ପାଣ୍ଡିଆନ ଜୁନ୍‌ରେ ଥରଟିଏ ଅନୁଗୋଳ ଜିଲା ଆସିଥିଲେ। ଏହାପରେ ୧୦୦ କୋଟି ଟଙ୍କା ଅନୁଗୋଳ ନିର୍ବାଚନମଣ୍ଡଳୀକୁ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। ରାଜନୀତିରେ ତାଙ୍କର ଦୀର୍ଘ ଅନୁଭୂତି ନାହିଁ, କେନ୍ଦ୍ରମନ୍ତ୍ରୀଙ୍କୁ ପରାମର୍ଶ ଦେବାଭଳି ଯୋଗ୍ୟତା ମଧ୍ୟ ତାଙ୍କର ନାହିଁ। କେବଳ ସେ ବିନମ୍ରତାର ସହ ଅନୁରୋଧ କରିପାରିବେ ବୋଲି ପାଣ୍ଡିଆନ କହିଛନ୍ତି। କହନିଜ ଅଞ୍ଚଳ ପାଇଁ ନିଜର କର୍ତ୍ତବ୍ୟ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆତ୍ମସମୀକ୍ଷା କରନ୍ତୁ ବୋଲି କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ଯଦି ଏ ଅଞ୍ଚଳରେ ଲୋକମାନଙ୍କ ପାଇଁ ଠିକ୍ କାମ କରନ୍ତି ତା'ହେଲେ କେବଳ ନାମାଙ୍କନପତ୍ର ଦାଖଲ କରି ଘରେ ବସିଲେ ମଧ୍ୟ କେନ୍ଦ୍ରମନ୍ତ୍ରୀ ୨ ଲକ୍ଷ ଭୋଟରେ ବିଜୟୀ ହୋଇପାରନ୍ତେ ବୋଲି ସେ କଟାକ୍ଷ କରି କହିଛନ୍ତି ।


ଉପରେ କୋଳାକୋଳି
ତଳେ ଅବୁଝା ଧସ୍ତାଧସ୍ତି


୫-୮-୨୦୨୩
ମୋଦି ସରନେମ୍ ମାମଲା : ରାହୁଲ୍‌ଙ୍କୁ ମିଳିଲା ବଡ ଆଶ୍ୱସ୍ତି
© Dharitri


ଓମ୍‌ଫେଡ୍ କ୍ଷୀର ଦର
ସବୁ ବଢିଥିଲା, ଶେଷକୁ ତୁ ଧରିଲୁ ବେକକୁ
omfed
milk


ବାପା ମାଆଙ୍କ କଳିରେ ଛୁଆ ପଡୁଛି ବଳି
ପାରିବାରିକ ହିଂସା


ବିଜେପି ସହ ହାତ ମିଶାଇଲେ ଜେଡିଏସ୍
ଆଉ କିଛି ବାଟ ନ ଥିଲା... ଏଇଟା ହିଁ ସୁବିଧାବାଟ


ବଢ଼ିଲା ହରଡ଼ ଡାଲି
ସାଙ୍ଗ ଏଥର ମୋ ଦର ବି ବଢ଼ିଲା
ଦର ବଢୁଛି , ହେଲେ ମୋ ଦରମା ....
ଡାଲି
© Dharitri


ଚକାଆଖି ସବୁ ଦେଖୁଛି
ଜୟ ଶ୍ରୀରାମ


ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ
ସତ କହୁଛି ଏ ପ୍ୟାକେଟ୍ ସବୁ ସରିଗଲେ ଖାଇବା ଛାଡିଦେବି
ତମାଖୁ
ତମାଖୁ
© Dharitri


ଆଜି ବିଶ୍ୱ ଜନସଂଖ୍ୟା ଦିବସ


ମହିଳା ଜଜ୍ ମାଗିଲେ ଇଚ୍ଛାମୃତ୍ୟୁ
ନ୍ୟାୟଦାତାଙ୍କୁ ନ୍ୟାୟ ମିଳୁନି, ଆମକୁ କ'ଣ ମିଳିବ ?
ଇଚ୍ଛାମୃତ୍ୟୁ
ଯୌନ ଉତ୍ପୀଡ଼ନ
© Dharitri


୨୦୨୪ : ବିରୋଧୀଙ୍କ ସମରସଜ୍ଜା
NDA
NDA
NDA
NDA


ଧରିତ୍ରୀ ୧୬-୭-୨୦୨୩
କଂଗ୍ରେସରୁ ୨ଜଣ
© Dharitri


ଉତ୍କଳ ଦିବସ
ଯେଉଁ ଦିନ ଅସତ୍ୟ ,ହିଂସା,ରକ୍ତପାତ ର ବିନାଶ ହେବ, ସେହିଦିନ ପ୍ରକୃତ ଉତ୍କଳ ଦିବସ ହେବ
© Dharitri


ଧରିତ୍ରୀ ୪-୬-୨୦୨୩
ତୁମମାନଙ୍କ ଅବହେଳା ପାଇଁ ମୁଁ ଆଜି ଦୋଷୀ
ଏ ଅଘଟଣ ପାଇଁ ଦାୟୀ କିଏ ?


ଓଡିଶାରେ ଝିଅ ସଂଖ୍ୟା କମିଛି
ତୁମ ଭଳି ଝିଅମାନଙ୍କ ପାଇଁ ଆଜି ପୁଅଙ୍କ ତୁଳନାରେ ଝିଅ କମ୍


ସବୁ ପରିବା ଦର ଆକାଶଛୁଆ
ଏମାନଙ୍କର ଦାଦାଗିରି ଦେଖି ଲାଗୁଛି ଶ୍ରାବଣ ମାସରେ ଆମିଷ ଖାଇବାକୁ ପଡିବ !

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ବିଭିନ୍ନ ରାଜ୍ୟର ପ୍ରତିଯୋଗୀ।

# କୋର୍ଟରେ ଚ୍ୟାଲେଞ୍ଜ କରିବେ ସଞ୍ଜୟ ସିଂ

## ଡବ୍ଲ୍ୟୁଏଫ୍‌ଆଇ ବିବାଦ

ନୂଆଦିଲ୍ଲୀ, ୨୮।୧୨(ପି.ଟି.)

ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ନୂଆ କର୍ମକର୍ତ୍ତା ନିର୍ବାଚିତ ହୋଇ ସାରିଥିଲେ ମଧ୍ୟ ବିବାଦ ହଟୁନାହିଁ। ଡବ୍ଲ୍ୟୁଏଫ୍‌ଆଇ ଏହାର ସମ୍ବିଧାନ ଅନୁସରଣ କରୁ ନ ଥିବା ଦର୍ଶାଇ କ୍ରୀଡ଼ା ମନ୍ତ୍ରଣାଳୟ ଏହାକୁ ସସ୍‌ପେଣ୍ଡ କରିଥିବାବେଳେ ନବନିର୍ବାଚିତ ସଭାପତି ସଞ୍ଜୟ ସିଂ କୋର୍ଟରେ ଚ୍ୟାଲେଞ୍ଜ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ୧୫ ବର୍ଷରୁ କମ୍ ଓ ୨୦ ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍ ଘୋଷଣା କରିବା ସହ କେତେକ ନିଷ୍ପତ୍ତି ନେଇଛି, ଯାହାକି ଏହାର ସମ୍ବିଧାନ ବାହାରେ। ଫଳତଃ କ୍ରୀଡ଼ା ମନ୍ତ୍ରଣାଳୟ ନବ ଗଠିତ ଡବ୍ଲ୍ୟୁଏଫ୍‌ଆଇକୁ ନିର୍ବାଚନର ୩ ଦିନ ପରେ ସସ୍‌ପେଣ୍ଡ କରିଛି। ସଞ୍ଜୟ କହିଛନ୍ତି, ତାଙ୍କ ସ୍ୱୟଂଶାସିତ ଏବଂ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସଂଘକୁ ସରକାର ବିନା ଶୁଣାଣିରେ ସସ୍‌ପେଣ୍ଡ କରିପାରିବେ ନାହିଁ। ନିର୍ବାଚନ ବେଳେ ଜମ୍ମୁ ଓ କଶ୍ମୀରର ଜଣେ ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ରିଟର୍ନିଂ ଅଫିସର ଦାୟିତ୍ୱ ତୁଲାଇଥିଲେ। ଭାରତୀୟ ଅଲିମ୍ପିକ ଆସୋସିଏଶନ(ଆଇଓଏ) ଓ ୟୁଡବ୍ଲ୍ୟୁଡବ୍ଲ୍ୟୁ (ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ)ରୁ ଆସିଥିବା ପର୍ଯ୍ୟବେକ୍ଷକ ମଧ୍ୟ ଉପସ୍ଥିତ ଥିଲେ। ୨୫ଟି ରାଜ୍ୟ ଆସୋସିଏଶନ ମଧ୍ୟରୁ ୩ଟି ଅନୁପସ୍ଥିତ ରହିଥିଲେ। ନିର୍ବାଚନରେ ୨ଟି ରାଜ୍ୟ ୟୁନିଟ ଭାଗ ନେଇଥିଲେ। ସେ ୪୭ ଭୋଟ୍‌ରୁ ୪୦ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏସବୁ ସତ୍ତ୍ୱେ ଯଦି ସେମାନଙ୍କୁ ସସ୍‌ପେଣ୍ଡ କରାଯାଏ ତେବେ ତାହା ଗ୍ରହଣଯୋଗ୍ୟ ନୁହେଁ। ସରକାର ଡବ୍ଲ୍ୟୁଏଫ୍‌ଆଇକୁ ସସ୍‌ପେଣ୍ଡ କରିବା ପୂର୍ବରୁ ଉପଯୁକ୍ତ ପ୍ରକ୍ରିୟା ପାଳନ କରିନାହାନ୍ତି ବୋଲି ପାଲଟା ଜବାବ ଦେଇଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଆଇଓଏ ବୁଧବାର ବର୍ତ୍ତମାନ ପାଇଁ ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ ବ୍ୟାପାର ବୁଝାଶୁଝା କରିବା ଲାଗି ୩ ଜଣିଆ ସଦସ୍ୟ ବିଶିଷ୍ଟ ଆଡ୍‌ହକ କମିଟି ଗଠନ କରିଛି। ଏହାକୁ ସେ ଗ୍ରହଣ କରିବା ଲାଗି ପ୍ରସ୍ତୁତ ନୁହନ୍ତି। ସେ କହିଛନ୍ତି ବଜରଙ୍ଗ, ଭିନେଶ ଓ ସାକ୍ଷୀ ରାଜନୀତି କରୁଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ହରିୟାଣାର ଏକ ଆଖଡ଼ାକୁ ଯାଇ ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆଙ୍କୁ ଭେଟିବା ଘଟଣାରୁ ବୁଝାପଡୁଛି ଯେ, ପୂର୍ବତନ ଡବ୍ଲ୍ୟୁଏଫ୍‌ଆଇ ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂ ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଏହି ୩ ଜଣଙ୍କ ନେତୃତ୍ୱରେ ୫ମାସ ଧରି ଯେଉଁ ବିକ୍ଷୋଭ ଚାଲିଥିଲା ତାହା ଏକ ରାଜନୈତିକ ଖେଳ ଛଡ଼ା ଆଉ କିଛି ନୁହେଁ। ବଜରଙ୍ଗ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକଙ୍କ ପଛରେ କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକର ସମର୍ଥନ ରହିଥିବା ବ୍ରିଜ୍ ଭୂଷଣଙ୍କ ଅନ୍ୟତମ ଘନିଷ୍ଠ ବୋଲି କୁହାଯାଉଥିବା ସଞ୍ଜୟ କହିଛନ୍ତି।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ବିଷ୍ଣୁପ୍ରିୟା ସିଂହ**
ସ୍ୱାମୀ: ରଣଜିତ୍ ସିଂହ
ଶାସନ ପଡ଼ିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୭।୦୪।୧୯୫୨
ତିରୋଧାନ: ୨୯।୧୨।୨୦୨୨
ତୁମର କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ, ପୁଅ, ବୋହୂ, ପରିବାରବର୍ଗ।
ଧ-୨୦୩୩

# ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଉଦ୍‌ଘାଟିତ

- ପୁରୁଷ ଦଳଗତ ବର୍ଗରେ ଉତ୍ତର ପ୍ରଦେଶକୁ ସ୍ୱର୍ଣ୍ଣ, ମହାରାଷ୍ଟ୍ରକୁ ରୌପ୍ୟ
- ବ୍ୟକ୍ତିଗତ ଅଲ୍‌ରାଉଣ୍ଡ ର୍‌ୟାଙ୍କିଙ୍ଗ୍‌ରେ ଓଡ଼ିଶାର ଆଲୋକ ତୃତୀୟ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମ ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଗୁରୁବାର ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ସମ୍ପାଦକ ଅଶୋକ ସାହୁ, ଉପସଭାପତି ନରେନ୍ଦ୍ର କୁମାର ସେଠୀ, ଧିରେନ ପଣ୍ଡା, ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ମୁଖ୍ୟ କୋଚ୍ ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ଦଳଗତ ବର୍ଗରେ ଉତ୍ତର ପ୍ରଦେଶ ସ୍ୱର୍ଣ୍ଣ, ମହାରାଷ୍ଟ୍ର ରୌପ୍ୟ ଓ ପଶ୍ଚିମବଙ୍ଗ ବ୍ରୋଞ୍ଜ ପଦକ ହାସଲ କରିଛି। ଉତ୍ତର ପ୍ରଦେଶ ୨୭୮.୪୦, ମହାରାଷ୍ଟ୍ର ୨୭୪.୨୫ ଓ ପଶ୍ଚିମବଙ୍ଗ ୧୬୮.୮୦ ପଏଣ୍ଟ ହାସଲ କରିଥିଲା। ଓଡ଼ିଶା ୨୬୭.୦୦ ପଏଣ୍ଟ ସହ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଦିଲ୍ଲୀ (୨୫୩.୯୫)କୁ ୫ମ ସ୍ଥାନ ମିଳିଥିଲା। ବ୍ୟକ୍ତିଗତ ଅଲ୍‌ରାଉଣ୍ଡ ର୍‌ୟାଙ୍କିଙ୍ଗ୍‌ରେ ଉତ୍ତର ପ୍ରଦେଶର ପ୍ରଣବ ମିଶ୍ର ୭୧.୫୫ ପଏଣ୍ଟ ସହିତ ଶୀର୍ଷସ୍ଥାନ ଅଧିକାର କରିଥିଲେ। ସେ ଫ୍ଲୋର ଏକ୍ସରସାଇଜ୍‌ରୁ ୧୨.୬୫, ପୋମେଲ ହର୍ସରୁ ୧୦.୯୦, ରିଙ୍ଗ୍‌ସରୁ ୧୨.୬୦, ଭଲ୍ଟରୁ ୧୨.୧୫, ପାରାଲାଲ ବାର୍ସରୁ ୧୧.୬୫ ଓ ହୋରାଇଜଣ୍ଟାଲ ବାର୍‌ରୁ ୧୧.୬୦ ପଏଣ୍ଟ ପାଇଥିଲେ। ମହାରାଷ୍ଟ୍ରର ଆର୍ଯ୍ୟନ ଦଭାଣ୍ଡେ ୭୦.୧୫ ପଏଣ୍ଟ ସହିତ ଦ୍ୱିତୀୟ ଏବଂ ଓଡ଼ିଶାର ଆଲୋକ କୁମାର ୬୮.୯୦ ପଏଣ୍ଟ ସହ ତୃତୀୟ ହୋଇଥିଲେ। ଆଲୋକ ଫ୍ଲୋର ଏକ୍ସରସାଇଜ୍‌ରୁ ୧୧.୭୫, ପୋମେଲ ହର୍ସରୁ ୧୦.୬୦, ରିଙ୍ଗ୍‌ସରୁ ୧୧.୮୦, ଭଲ୍ଟରୁ ୧୨.୩୫, ପାରାଲାଲ ବାର୍ସରୁ ୧୧.୦୫ ଓ ହୋରାଇଜଣ୍ଟାଲ ବାର୍‌ରୁ ୧୧.୩୫ ପଏଣ୍ଟ ପାଇଥିଲେ। ଅନ୍ୟତମ ଓଡ଼ିଶା ଖେଳାଳି ବିରୁ ଚନ୍ଦ୍ର ରାଓ (୬୭.୪୦) ୭ମ ସ୍ଥାନରେ ରହିଥିଲେ।




ଉଦ୍‌ଘାଟନୀ ସମାରୋହରେ ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ଅନ୍ୟ ଅତିଥିମାନେ।



ଜଣେ ପ୍ରତିଯୋଗୀ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

# ପାକିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆ ୨୪୧ ରନରେ ଅଗ୍ରଣୀ

ମେଲବୋର୍ନ,୨୮।୧୨(ଏପି)

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୨୪୧ ରନରେ ଅଗ୍ରଣୀ ଲାଭ କରିପାରିଛି। ଘରୋଇ ଦଳ ଦ୍ୱିତୀୟ ଇନିଂସରେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ଏକଦା ମାତ୍ର ୧୬ରନରେ ୪ ଉଇକେଟ ହରାଇ ବସିଥିଲା। ଷ୍ଟିଭ୍ ସ୍ମିଥ ଓ ମିଚେଲ ମାର୍ଶଙ୍କ ମଧ୍ୟରେ ୧୫୩ ରନର ପାର୍ଟନରଶିପ୍ ଯୋଗୁ ଘରୋଇ ଦଳ ଭଲ ସ୍ଥିତିକୁ ଚାଲିଆସିଛି। ମାର୍ଶ ୯୬ରନ ଏବଂ ସ୍ମିଥ୍ ୫୦ରନ କରି ଆଉଟ ହୋଇଯାଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ଇନିଂସରେ ୬ ଉଇକେଟ ବିନିମୟରେ ୧୮୭ ରନ କରିଥିବା ବେଳେ ଆଲେକ୍ସ କାରେ ୧୬ ରନ କରି ଅପରାଜିତ ରହିଛନ୍ତି। ସକାଳେ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୯୪/୬ରୁ ଖେଳ ଆରମ୍ଭ କରିଥିବା ପାକିସ୍ତାନ ୨୬୪ରେ ଅଲଆଉଟ ହୋଇଯାଇଥିଲା। ଅଧିନାୟକ ପ୍ୟାଟ୍ କମିନ୍ସ ଗୁରୁବାର ୨ ଉଇକେଟ ନେଇଥିଲେ। ପାକିସ୍ତାନର ପ୍ରଥମ ଇନିଂସରେ ସେ ୪୮ରନ ବିନିମୟରେ ୫ ଉଇକେଟ ନେବାରେ ସମର୍ଥ ହୋଇଥିଲେ। ଟେଷ୍ଟରେ ଏହା ହେଉଛି ତାଙ୍କର ୧୦ମ ୫ଉଇକେଟ ସଫଳତା। ପ୍ରଥମ ଇନିଂସରେ ୩୧୮ରନ କରିଥିବା ଅଷ୍ଟ୍ରେଲିଆ ୫୪ରନ ଅଗ୍ରଣୀ ସହ ଏହାର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୧୮
ପାକିସ୍ତାନ ପ୍ରଥମ ଇନିଂସ: ୨୬୪ (ଅବଦୁଲା ସାଫିକ୍-୬୨, ଶନ ମାସୁଦ-୫୪, ମହମ୍ମଦ ରିଜ୍‌ୱାନ-୪୨, ଆମେର ଜମାଲ-୩୩*; ପ୍ୟାଟ କମିନ୍ସ-୫/୪୮, ନାଥାନ ଲିଅନ-୪/୭୩)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୮୭/୬ (ମିଚେଲ ମାର୍ଶ-୯୬, ଷ୍ଟିଭ ସ୍ମିଥ୍-୫୦; ମିର ହାମ୍‌ଜା-୩/୨୭, ଶାହିନ ଆଫ୍ରିଦୀ-୩/୪୮)।

**BIRTHDAY WISH**




(Mama)
**Ankita Priyadarshinee**
Many many happy returns of the day. Wish you an auspicious Happy Birth Day
Bapa, Mama, Bhai, Badabapa, Badamama, Kaki,Kaka, Jeje Maa, Oja, Aae, Mamu, Mae & Family
ଧ-୨୧୨୨

**Classified Everyday**
0674-2580101, 2549949

**CLASSIFIED DISPLAY**
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



**REAL ESTATE**

**SALE**

5 Bedroom new Construction individual duplex house sale at Gita Engineering College, NH-5 Goharia Chhak, Bhubaneswar cost@85lac (land area-1560sqft. built up-2426sqft.). Mob-9938867397. D-2114

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar NH-16ରୁ 1K.M. ଏବଂ Sum-2 Hospitalରୁ 2K.M. ମଧ୍ୟରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 9658562429. D-75287

Duplex sale at Bhubaneswar @57 lakhs only. Contact- 9777433701. D-75284

ପାହାଳ Utkal Iconic ନିକଟରୁ 500mtr. ଦୂରତାରେ yellowzone gharabari plot ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। 6370469894. D-75286

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75088

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 200mtr. ଦୂରରେ immediate ଘରକରି ରହିବା ପାଇଁ plot ମିଳୁଛି। 9692213354. D-75087

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ଗୃହପଯୋଗୀ ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ ମୌଜାରେ ୩୦ଫୁଟ୍ ରୋଡ୍ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495. D-2093

Ready to Move New (1BHK- Rs.11,00,000/) and (2BHK- Rs. 22,00,000/-) flats for sales at Sundarpada, Bhubaneswar. Contract: 7008346486. D-75509




Spa Kerala body Massage best Therapist @ 699/- Bhubaneswar. Kajal- 9337672475. D-2097

New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75083

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Newly open Spa positively health benefit with expert. Contact: 7749976301. D-2073

**AFFIDAVIT**

I Pritilata Panigrahi alias Manorama Panda (41), D/o- Binod Panigrahi, W/o- Bighneswar Panda, Vill/ P.O- Ertal, P.S- Basudevpur, Dist.- Bhadrak. I have an LIC Policy, bearing No.- 589509619, where in my name is Pritilata Panigrahi. In my Bank Passbook my name is Manorama Panda as per Aadhaar Card. I declare that Pritilata Panigrahi and Manorama Panda same and one person. D-2120

By virtue of an affidavit before Notary Public, Bhubaneswar, I have changed my name from Radhashyam Murmu to Shyam Murmu for all future purposes. D-2121

I, Lovely Nath, D/o- Rameshwar Prasad Yadav, Resident of Flat No.-204, Jagannath Mansion, Acharya Vihar, Bhubaneswar, PIN-751022, Odisha declare by this affidavit No.- 19952 dtd. 26.12.2023 that now onwards I shall be known as Lovely Kumari for all future purposes. D-2118

By virtue of an affidavit sworn before the Notary Public, Bhubaneswar Dated 13.11.2023 I Rasmita Muduli, aged about 23 years, D/o- Dibakar Muduli, Resident of Kumbhar sahi Dimiria, P.S.- Khallikote, Dist.- Ganjam, PIN-761028 declare that I have changed my name from Jhumuri Behera to Rasmita Muduli. Hence, I shall be known as Rasmita Muduli for all purposes. D-2117

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Hurry up... Hurry up... Hurry up...
**B.Ed**
Only @89,000/-
IMMEDIATELY CONTACT
B.ED. COUNSELLING CENTER
BHUBANESWAR
7606962458
8908210843
9124391142
4908210443

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସିସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE : Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

**BUSINESS**
Mobiteq Payରେ Joining କରନ୍ତୁ ଆଉ ବନାନ୍ତୁ ଆପଣଙ୍କର ସୁନ୍ଦର କ୍ୟାରିୟର। ଚାକିରି କରିବା ବାଲା, ବିଜ୍‌ନେସ୍ କରିବା ବାଲା, ରିଟାର୍ଡ ପର୍ସନ, ବେରୋଜଗାର ଗୃହିଣୀ, Students Networker ସମସ୍ତଙ୍କ ପାଇଁ Big opportunity.
Contact:
9040494848
7327968855
9937727210

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମହିଳାଙ୍କ ପ୍ରାଧାନ୍ୟ

**କ୍ରୀଡା ଜଗତରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ୨୦୨୩ରେ ମହିଳା ଫୁଟବଲ ବିଶ୍ୱକପ, ମହିଳା ଟି୨୦ କ୍ରିକେଟ ବିଶ୍ୱକପ, ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ ପରି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ବକ୍ସର ୪ ସ୍ୱର୍ଣ୍ଣ ପଦକ ସହିତ ଇତିହାସ ରଚିଥିଲେ। ଓମେନ୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ମହିଳା ଖେଳାଳିଙ୍କ ଉଲ୍ଲେଖନୀୟ ଅବଦାନକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**


ଅନ୍ତିମ ପଙ୍ଘାଲ

### ବିନା ପତାକାରେ ଖେଳିଲେ ରେସ୍‌ଲର:

ରେସ୍‌ଲିଂ ମହାସଂଘର ନିର୍ବାଚନରେ ବିଳମ୍ବ ହେବା କାରଣରୁ ଡବ୍ଲ୍ୟୁଏଫ୍‌ଆଇକୁ ବ୍ୟାନ୍ କରିଥିଲା ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ। ଫଳରେ ସର୍ବିୟାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ଖେଳାଳିଙ୍କୁ ନ୍ୟୁଟ୍ରାଲ ଆଥଲେଟ ଭାବରେ ଅଂଶଗ୍ରହଣ କରିବାକୁ ପଡିଥିଲା। ଏହି ପ୍ରତିଯୋଗିତାରେ ଭାରତର ପ୍ରଦର୍ଶନ ଏତେଟା ଆଖି ଦୃଶିଆ ରହି ନ ଥିବା ବେଳେ ମହିଳା ୫୩ କିଗ୍ରା ବର୍ଗରେ ଅନ୍ତିମ ପଙ୍ଘାଲ ଏକମାତ୍ର ବ୍ରୋଞ୍ଜ ପଦକ ଜିତିଥିଲେ।

## ଡୋପିଂ

ଡୋପିଂକୁ ବନ୍ଦ କରିବା ପାଇଁ ପ୍ରୟାସ ଜାରି ରହିଥିବା ବେଳେ ଅନେକ ଖେଳାଳି ସଫଳତାର ସହଜ ରାସ୍ତା ଲକ୍ଷ୍ୟରେ ଡୋପିଂ କରିଥାନ୍ତି। ୨୦୨୩ରେ ଏଭଳି ଅନେକ ଖେଳାଳି ଡୋପିଂରେ ଧରାପଡି ବାସନ୍ଦ ହେବା ସହିତ ବ୍ୟାନ୍ ମଧ୍ୟ ହୋଇଛନ୍ତି। ଭାରତୀୟ ଷ୍ଟାର ଜିମ୍ନାଷ୍ଟ ଦୀପା କର୍ମକାର ଡୋପ୍ ଟେଷ୍ଟରେ ଧରାପଡିଥିବା ବେଳେ ତାଙ୍କୁ ୨୧ ମାସ ବାସନ୍ଦ କରାଯାଇଥିଲା। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ଭାରୋତ୍ତୋଳକ ଇଗୋର୍ ସୋନ୍‌ଙ୍କୁ ୮ ବର୍ଷ ବାସନ୍ଦ କରାଯାଇଥିଲା। ଭାରତୀୟ ଭାରୋତ୍ତୋଳିକା ସଞ୍ଜିତା ଚାନୁ ନିଷିଦ୍ଧ ପଦାର୍ଥ ସେବନ କରିବା କାରଣରୁ ତାଙ୍କୁ ୪ ବର୍ଷ ବାସନ୍ଦ କରାଯାଇ ଥିଲା। ଏହା ସହ ତାଙ୍କର ପଦକ ପ୍ରତ୍ୟାହାର କରିବା ପାଇଁ ନାଡା ନିର୍ଦ୍ଦେଶ ଦେଇଥିଲେ। ବିଶ୍ୱ ଚାମ୍ପିୟନ ଷ୍ଟିପଲଚେଜର ନୋରା ଜେରୁଟୋଙ୍କୁ ନିଷିଦ୍ଧ ପଦାର୍ଥ ସେବନ ପାଇଁ ବାସନ୍ଦ କରାଯାଇଛି। ଆମେରିକୀୟ ଲଙ୍ଗଜମ୍ପର ତାରା ଡେଭିସ୍ ଉଡ୍‌ହଲଙ୍କୁ ଗଞ୍ଜେଇ ସେବନ କରିଥିବା କାରଣରୁ ୩ ମାସ ବାସନ୍ଦ କରାଯାଇଥିବା ବେଳେ ତାଙ୍କ ଟାଇଟଲ ପ୍ରତ୍ୟାହାର କରି ନିଆଯାଇଛି।

## ମନ୍ଧାନା ସବୁଠୁ ମହଙ୍ଗା

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ର ପ୍ରଥମ ସଂସ୍କରଣରେ ସ୍ମୃତି ମନ୍ଧାନା ସବୁଠାରୁ ମହଙ୍ଗା ଖେଳାଳି ରହିଥିଲେ। ୩.୪ କୋଟି ଟଙ୍କା ମୂଲ୍ୟରେ ମନ୍ଧାନା ଡବ୍ଲ୍ୟୁପିଏଲ୍ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ରହିଥିଲେ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫ୍ରାଞ୍ଚାଇଜ ତାଙ୍କୁ କିଣିଥିଲା। ନାଟାଲି ସିଭର ବ୍ରଣ୍ଟ ୩.୨ କୋଟି ଟଙ୍କାରେ ମୁମ୍ବାଇ ଇଣ୍ଡିଆନ୍ସକୁ ଯାଇଥିଲେ। ଦୀପ୍ତି ଶର୍ମା ୨.୬ କୋଟି ଟଙ୍କାରେ ୟୁପି ୱାରିୟର୍ଜକୁ ଯାଇଥିବା ବେଳେ ୨.୨ କୋଟି ଟଙ୍କାରେ ଜେମିମା ରୋଡ୍ରିଗୁଏଜ୍‌ଙ୍କୁ କିଣିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କୁ ୧.୮ କୋଟି ଟଙ୍କାରେ କିଣିଥିଲା ମୁମ୍ବାଇ ଇଣ୍ଡିଆନ୍ସ।


ସ୍ମୃତି ମନ୍ଧାନା

## ଶେଫାଳିଙ୍କୁ ଆଇସିସି ଟାଇଟଲ

ଭାରତୀୟ କ୍ରିକେଟ ଦଳ ବିଗତ ୧୦ ବର୍ଷ ଧରି କୌଣସି ଆଇସିସି ଟୁର୍ନାମେଣ୍ଟ ଜିତି ପାରୁ ନ ଥିବା ବେଳେ ଟିନ୍ ସେନସେଶନ ଶେଫାଳି ବର୍ମାଙ୍କ ନେତୃତ୍ୱରେ ଭାରତ ୧୯ ବର୍ଷରୁ କମ ମହିଳା ଟି୨୦ ବିଶ୍ୱକପ ବିଜୟୀ ହୋଇଥିଲା। ଫାଇନାଲରେ ଇଂଲଣ୍ଡ ମାତ୍ର ୬୮ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଭାରତ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଭାରତ ପକ୍ଷରୁ ଓପନର ଶ୍ୱେତା ଶେରାୱତ ୨୯୭ ରନ୍ ସହିତ ଟୁର୍ନାମେଣ୍ଟର ହାଏଷ୍ଟ ସ୍କୋରର ରହିଥିଲେ। ଲେଗ୍ ସ୍ପିନର ପାର୍ଶଭି ଚୋପ୍ରା ୧୧ ଉଇକେଟ ସହିତ ସର୍ବାଧିକ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

## ବିଶ୍ୱର ସଫଳ ଅଧିନାୟିକା


ମେଗ୍ ଲାନିଙ୍ଗ

କ୍ରିକେଟରେ ବିଶ୍ୱର ସବୁଠାରୁ ସଫଳ ଅଧିନାୟିକା ମେଗ୍ ଲାନିଙ୍ଗ କ୍ରିକେଟ ପଡିଆରୁ ଅବ୍ୟାହତି ନେଇଥିଲେ। ମହିଳା କ୍ରିକେଟର ଭାବରେ ସର୍ବାଧିକ ବିଶ୍ୱକପ ଟାଇଟଲ ହାସଲ କରିବାର ରେକର୍ଡ ଲାନିଙ୍ଗଙ୍କ ନାମରେ ରହିଛି। ଅଷ୍ଟ୍ରେଲିଆକୁ ୫ ଥର ଟି୨୦ ବିଶ୍ୱକପ ଓ ୨ ଥର ଦିନିକିଆ ବିଶ୍ୱକପ ଜିତାଇବାରେ ଲାନିଙ୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ସହିତ ରାଜ୍ୟଗୋଷ୍ଠୀ କ୍ରୀଡାରେ କ୍ରିକେଟ ସାମିଲ ହେବା ପରେ ଲାନିଙ୍ଗ ଦଳକୁ ଚାମ୍ପିୟନ କରାଇଥିଲେ। ମହିଳା ଦିନିକିଆରେ ସର୍ବାଧିକ ୧୫ ଶତକର ରେକର୍ଡ ଲାନିଙ୍ଗଙ୍କ ନାମରେ ରହିଛି। ଏହା ସହିତ ଟି୨୦ରେ ସେ ଦୁଇଟି ଶତକ ହାସଲ କରିଛନ୍ତି।

## ମହିଳା ବକ୍ସରଙ୍କ ସଫଳତା

ଭାରତୀୟ ମହିଳା ବକ୍ସରଙ୍କ ପାଇଁ ୨୦୨୩ ବର୍ଷ ଆଣି ଦେଇଥିଲା ଅଭୂତପୂର୍ବ ସଫଳତା। ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରିଥିଲେ ଭାରତୀୟ ବକ୍ସର। ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଇତିହାସରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ୪ ଭାରତୀୟ ବକ୍ସର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଭାରତ ଜିତିଥିଲା ସମୁଦାୟ ୮ ପଦକ। ନୀତୁ ଘଂଘାସ(୪୮ କିଗ୍ରା), ସାୱିତି ବୁରା(୮୧ କିଗ୍ରା), ନିଖତ ଜରିନ୍(୫୦ କିଗ୍ରା) ଓ ଲଭଲିନା ବୋର୍ଗୋହେନ(୭୫ କିଗ୍ରା) ବର୍ଗରେ ଏହି ସଫଳତା ହାସଲ କରିଥିଲେ। ମେରୀ କମ୍‌ଙ୍କ ପରେ ଦ୍ୱିତୀୟ ଖେଳାଳି ଭାବରେ ନିଖତ୍ ଦୁଇଟି ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜୟୀ ହେବାର ରେକର୍ଡ ନିଜ ନାମରେ କରିଥିଲେ।

## ଅଷ୍ଟ୍ରେଲିଆକୁ ମହିଳା ବିଶ୍ୱକପ୍

ମହିଳା କ୍ରିକେଟର ସଫଳତମ ଦଳ ଅଷ୍ଟ୍ରେଲିଆ ନିଜର ଆଧିପତ୍ୟ ବିସ୍ତାର କରିବା ସହିତ ଟି୨୦ ବିଶ୍ୱକପ୍ ବିଜୟୀ ହୋଇଥିଲା। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଏହି ସଂସ୍କରଣରେ ଆୟୋଜକ ଦେଶକୁ ଫାଇନାଲ୍‌ରେ ପରାସ୍ତ କରିଥିଲା ମେଗ୍ ଲାନିଙ୍ଗଙ୍କ ଦଳ। ଫାଇନାଲୁ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬ ଉଇକେଟ ହରାଇ ୧୫୬ ରନ୍ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୧୩୭ ରନ୍‌ରେ ସୀମିତ ରହିଥିଲା। ଏହା ପୂର୍ବରୁ ସେମି ଫାଇନାଲରେ ଅଷ୍ଟ୍ରେଲିଆ ଭାରତକୁ ପରାସ୍ତ କରିଥିଲା।


ସୋଫିଆ ଫ୍ଲୋରେସ

## ଇତିହାସ ରଚିଲେ ବୈଶାଳୀ

ଭାରତୀୟ ଚେସ୍ ପ୍ରତିଭା ଆର. ବୈଶାଳୀ ୨୦୨୩ରେ ଗ୍ରାଣ୍ଡମାଷ୍ଟର ଆଖ୍ୟା ଅର୍ଜନ କରିଥିଲେ। ପୂର୍ବରୁ ସାନ ଭାଇ ଆର. ପ୍ରଜ୍ଞାନନ୍ଦ ଗ୍ରାଣ୍ଡମାଷ୍ଟର ହୋଇ ସାରିଥିବା ବେଳେ ବିଶ୍ୱର ପ୍ରଥମ ଭାଇ ଭଉଣୀ ଯୋଡି ଭାବରେ ଉଭୟ ଗ୍ରାଣ୍ଡମାଷ୍ଟର ହୋଇଥିଲେ। ୨୨ ବର୍ଷୀୟା ବୈଶାଳୀ ଭାରତର ତୃତୀୟ ମହିଳା ଖେଳାଳି ତଥା ଓଭରଅଲ ୮୪ତମ ଖେଳାଳି ଭାବରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଏହା ସହିତ ସମ୍ମାନଜନକ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ବୈଶାଳୀ ଯୋଗ୍ୟତା ଅର୍ଜନ କରିଥିଲେ। ୧୨ ବର୍ଷ ବୟସରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିବା ପ୍ରଜ୍ଞାନନ୍ଦଙ୍କ ପାଇଁ ମଧ୍ୟ ୨୦୨୩ ବର୍ଷଟି ବେଶ ସଫଳ ରହିଥିଲା। ସର୍ବକନିଷ୍ଠ ଖେଳାଳି ଭାବରେ ପ୍ରଜ୍ଞାନନ୍ଦ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିଲେ। ଏହା ସହିତ ସେ ମଧ୍ୟ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଥିଲେ।


ଆର. ବୈଶାଳୀ

## ସୋଫିଆ ପ୍ରଥମ ରେସର୍

ପ୍ରଥମ ମହିଳା ଖେଳାଳି ଭାବରେ ଫର୍ମୂଲା-୩ ଗ୍ରାଣ୍ଡ ପ୍ରିରେ ପଏଣ୍ଟ ସ୍କୋର କରି ଇତିହାସ ରଚିଥିଲେ ଜର୍ମାନୀର ସୋଫିଆ ଫ୍ଲୋରେସ। ଅଷ୍ଟ୍ରିଆନ୍ ଗ୍ରାଣ୍ଡ ପ୍ରିରେ ସେ ନବମ ସ୍ଥାନରେ ରହି ରେସ୍ ଫିନିଶ କରିଥିଲେ। ୨୬ ଲାପ୍ ସମାପ୍ତ କରିବା ପାଇଁ ସୋଫିଆଙ୍କୁ ୩୮:୦୫.୭୬୫ ସେକେଣ୍ଡର ସମୟ ଲାଗିଥିଲା। ସୋଫିଆ ଆଲପିନ୍ ଡ୍ରାଇଭର ଏକାଡେମୀରେ ପ୍ରଶିକ୍ଷଣ ଗ୍ରହଣ କରନ୍ତି।

## ଓମେନ୍ସ ପ୍ରିମିୟର ଲିଗ୍

ବିସିସିଆଇ ପକ୍ଷରୁ ଓମେନ୍ସ ପ୍ରିମିୟର ଲିଗ୍ ଆରମ୍ଭ କରାଯାଇଥିବା ବେଳେ ପ୍ରଥମ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ହରମନ୍‌ପ୍ରୀତ କୌରଙ୍କ ମୁମ୍ବାଇ ଇଣ୍ଡିଆନ୍ସ। ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୭ ଉଇକେଟରେ ପରାସ୍ତ କରିଥିଲା ମୁମ୍ବାଇ। ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ମେଗ୍ ଲାନିଙ୍ଗ ୩୪୫ ରନ୍ ସହିତ ଅରେଞ୍ଜ କ୍ୟାପ୍ ହାସଲ କରିଥିବା ବେଳେ ମୁମ୍ବାଇର ହିଲି ମାଥ୍ୟୁସ୍ ୧୬ ଉଇକେଟ ସହ ପର୍ପଲ କ୍ୟାପ୍ ହାସଲ କରିଥିଲେ। ଉଇକେଟ କିପର ବ୍ୟାଟର ୟସ୍ତିକା ଭାଟିଆ ଇମର୍ଜିଂ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ରହିଥିଲେ।

## ସ୍ପେନ୍‌କୁ ମହିଳା ବିଶ୍ୱକପ୍

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ଫୁଟବଲ ବିଶ୍ୱକପ ଟାଇଟଲ ହାତେଇଥିଲା ସ୍ପେନ୍। ୟୁରୋ ଚାମ୍ପିୟନ ଇଂଲଣ୍ଡକୁ ୧-୦ରେ ପରାସ୍ତ କରି ଦଳ ଏହାର ପ୍ରଥମ ବିଶ୍ୱକପ ଟ୍ରଫି ଉଠାଇବାରେ ସଫଳ ହୋଇଥିଲା। ସ୍ପେନ୍ ଅଧିନାୟିକା ଓଲଗା କାରମୋନାଙ୍କ ଏକମାତ୍ର ଗୋଲ ବଳରେ ଇଂଲଣ୍ଡକୁ ୧-୦ରେ ପରାସ୍ତ କରିବାରେ ସମର୍ଥ ହୋଇଥିଲା। ସ୍ପେନ୍ ଦଳର ଆଇଟାନା ବୋନମାଟିଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ଜାପାନର ହିନାଟା ମାୱାଜାୱା ୫ ଗୋଲ ସହିତ ଟୁର୍ନାମେଣ୍ଟର ସର୍ବାଧିକ ଗୋଲ ସ୍କୋରର ହୋଇଥିଲେ। ଫ୍ରାନ୍ସର କାଡିଡିଆଟୋଉ ଡିଆନି ସର୍ବାଧିକ ୩ଟି ଆସିଷ୍ଟ କରିଥିଲେ।


ଓଲଗା କାରମୋନା


ଟ୍ରଫି ସହ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳ

# ଭାରତର ଇନିଂସ୍ ପରାଜୟ

ସେଞ୍ଚୁରିଅନ, ୨୮।୧୨

ସୁପରସ୍ପୋର୍ଟ ପାର୍କରେ ଅନୁଷ୍ଠିତ ଭାରତ– ଦକ୍ଷିଣ ଆଫ୍ରିକା ପ୍ରଥମ କ୍ରିକେଟ ଟେଷ୍ଟ ୩ ଦିନରେ ଶେଷ ହୋଇଛି। ପ୍ରଭାବହୀନ ପ୍ରଦର୍ଶନ ଯୋଗୁ ଭାରତ ଏହି ମ୍ୟାଚରେ ଇନିଂସ ପରାଜୟ ଲାଭ କରିଛି। ଏକ ଇନିଂସ ଓ ୩୨ ରନରେ ଟେଷ୍ଟ ଜିତି ଦକ୍ଷିଣ ଆଫ୍ରିକା ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀଲାଭ କରିଛି। ପ୍ରଥମ ଇନିଂସରେ ଭାରତ ୨୪୫ ଓ ଦକ୍ଷିଣ ଆଫ୍ରିକା ୪୦୮ ରନ କରିଥିଲା। ଭାରତର ଦ୍ୱିତୀୟ ଇନିଂସ ୩୪.୧ ଓଭରରେ ୧୩୧ ରନରେ ଶେଷ ହୋଇ ଯାଇଥିଲା।



ଉଇକେଟ ନେବାପରେ ମାର୍କୋ ଜାନସେନ (ଡାହାଣ)ଙ୍କୁ ଅଭିନନ୍ଦନ ଜଣାଉଛନ୍ତି ଡିନ୍ ଏଲଗାର।

## ଏକା ଲଢ଼ିଲେ କୋହଲି

ଭାରତର ଦ୍ୱିତୀୟ ଇନିଂସରେ ଏକା ଲଢ଼ିଥିଲେ ବିରାଟ କୋହଲି। ଅନ୍ୟପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲା। ମାତ୍ର ୧୩ ରନ ମଧ୍ୟରେ ଅଧିନାୟକ ରୋହିତ ଶର୍ମା (୦) ଓ ଯଶସ୍ୱି ଜୟସ୍ୱାଲ (୫)ଙ୍କ ଉଇକେଟ ହରାଇ ଭାରତ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଶୁବମନ ଗିଲ୍ ୨୬ ରନର ଯୋଗଦାନ ଦେଇଥିବାବେଳେ ଶ୍ରେୟସ ଆୟର (୬), ପ୍ରଥମ ଇନିଂସରେ ଶତକ ହାସଲକାରୀ ଲୋକେଶ ରାହୁଲ (୪), ରବିଚନ୍ଦ୍ରନ ଅଶ୍ୱିନ (୦), ଶାର୍ଦ୍ଦୂଳ ଠାକୁର (୨) ଫେଲ୍ ମାରିଥିଲେ। ୮୨ ବଲ୍‌ରୁ ୭୬ (୧୨ ଚୌକା, ୧ ଛକା) ରନକରି କୋହଲି ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ନନ୍ଦ୍ରେ ବର୍ଗର ୪ଟି, ମାର୍କୋ ଜାନସେନ ୩ଟି କାଗିଶୋ ରାବାଡ଼ା ୨ଟି ଉଇକେଟ ନେଇଥିଲେ।

## ଦକ୍ଷିଣ ଆଫ୍ରିକା ୪୦୮

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୫୬/୫ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଅଫ୍ରିକା ଡିନ୍ ଏଲଗାର ଓ ମାର୍କୋ ଜାନସେନଙ୍କ ଲଢୁଆ ବ୍ୟାଟିଂ ବଳରେ ୪୦୮ ରନର ବୃହତ୍ ସ୍କୋର କରିଥିଲା। ଦୁହିଁଙ୍କ ମଧ୍ୟରେ ୬ଷ୍ଠ ଉଇକେଟରେ ୧୧୧ ରନର ପାର୍ଟନରଶିପ୍ ହୋଇଥିଲା। ଏଲଗାର ୨୮୭ ବଲ୍‌ରୁ ୧୮୫ (୨୮ ଚୌକା) ରନକରି ଆଉଟ ହେବାରୁ ଏହି ଯୋଡ଼ି ଭାଙ୍ଗିଥିଲା। ଭାରତକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଶାର୍ଦ୍ଦୂଳ ଠାକୁର। ଏହାପରେ ଶେଷଭାଗ ବ୍ୟାଟରମାନେ ସଫଳ ହୋଇପାରି ନ ଥିଲେ ହେଁ ଜାନସେନ ଶେଷ ପର୍ଯ୍ୟନ୍ତ ଭାରତୀୟ ବୋଲରଙ୍କୁ ମୁକାବିଲା କରି ୮୪ ରନରେ ଅପରାଜିତ ରହି ଦଳର ରନ ସଂଖ୍ୟାକୁ ୪୦୦ ଅତିକ୍ରମ କରାଇଥିଲେ। ଆହତ ଅଧିନାୟକ ଟେମ୍ବା ବଭୁମା (ଆବସେଣ୍ଟ ହର୍ଟ) ବ୍ୟାଟିଂପାଇଁ ଆସିପାରି ନ ଥିଲେ। ଭାରତୀୟ ବୋଲରମାନେ ଅତିରିକ୍ତଭାବେ ୨୪ ରନ ବ୍ୟୟ କରିଥିଲେ। ଯଶପ୍ରୀତ୍ ବୁମ୍‌ରା ସର୍ବାଧିକ ୪ଟି, ମହମ୍ମଦ ସିରାଜ ୨ଟି ଏବଂ ଶାର୍ଦ୍ଦୂଳ ଠାକୁର, ପ୍ରସିଦ୍ଧ କ୍ରିଷ୍ଣା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୨୪୫। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୦୮/ଅଲ୍‌ଆଉଟ (ଡିନ୍ ଏଲଗାର–୧୮୫, ମାର୍କୋ ଜାନସେନ–୮୪*, ଡାଭିଡ ବେଡିଂହାମ–୫୬, ଯଶପ୍ରୀତ୍ ବୁମ୍‌ରା–୪/୬୯, ମହମ୍ମଦ ସିରାଜ–୨/୯୧, ଶାର୍ଦ୍ଦୂଳ ଠାକୁର–୧/୧୦୧, ପ୍ରସିଦ୍ଧ କ୍ରିଷ୍ଣା–୧/୯୩, ରବିଚନ୍ଦ୍ରନ ଅଶ୍ୱିନ–୧/୪୧)। ଭାରତ ଦ୍ୱିତୀୟ ଇନିଂସ: ୧୩୧/୧୦ (କୋହଲି–୭୬, ଗିଲ୍–୨୬, ନନ୍ଦ୍ରେ ବର୍ଗର–୪/୩୩, ଜାନସେନ–୩/୩୬, କାଗିଶୋ ରାବାଡ଼ା–୨/୩୨)।

**ଅଲ୍‌ଟିମେଟ ଖୋ ଖୋ ସିଜନ-୨**

## ଜଷ୍ଟିସ୍ ମୁକୁଲ ମୁଦ୍‌ଗଲ ନୈତିକତା ଓ ଶାସନ କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର, ୨୮।୧୨ (ବିଜୟ ରଣା) :** ଭାରତର ପ୍ରମୁଖ ପ୍ରଫେଶନାଲ ଖୋ ଖୋ ଲିଗ୍, ଅଲ୍‌ଟିମେଟ ଖୋ ଖୋ ପକ୍ଷରୁ ଜଷ୍ଟିସ ମୁକୁଲ ମୁଦ୍‌ଗଲ (ଅବସରପ୍ରାପ୍ତ)ଙ୍କୁ ସିଜିନ–୨ ପାଇଁ ନୈତିକତା ଓ ଶାସନ କମିଟି(ଏଥିକ୍ସ ଓ ଗଭର୍ନାନ୍ସ କମିଟି) ଇଜିସିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ ନୈତିକ ମାନଦଣ୍ଡରେ ଉନ୍ନତି ଆଣିବା ଏବଂ ବିଶ୍ୱସ୍ତରୀୟ ପ୍ରଶାସନିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଦିଗରେ ସେ କାର୍ଯ୍ୟ କରିବେ। ଉଲ୍ଲେଖଯୋଗ୍ୟ, ୨୦୧୪ରେ ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ) ଦୁର୍ନୀତି ଓ ସ୍ପଟ୍ ଫିକ୍ସିଂ ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟିର ନେତୃତ୍ୱ ନେଇଥିବା ଜଷ୍ଟିସ ମୁଦ୍‌ଗଲ ବର୍ତ୍ତମାନ ଫିଫାର ଶାସନ ଓ ସମୀକ୍ଷା କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଅଲ୍‌ଟିମେଟ ଖୋ ଖୋ ସିଇଓ ତଥା ଲିଗ୍ କମିଶନର ତେଞ୍ଜିଙ୍ଗ ନିୟୋଗି ଇଜିସି ଗଠନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଆମର ଉଦ୍ଦେଶ୍ୟ ହେଉଛି ସର୍ବୋଚ୍ଚ ସ୍ତରର ସଚ୍ଚୋଟତା ବଜାୟ ରଖି ନିରପେକ୍ଷ ଖେଳ ସୁନିଶ୍ଚିତ କରିବା। କମିଟିର ଅନ୍ୟ ଦୁଇ ସଦସ୍ୟ ହେଲେ ହକି କିମ୍ବଦନ୍ତୀ ଆସଲାମ ଶେର୍ ଖାନ୍ ଓ ଅର୍ଜ୍ଜୁନ ପୁରସ୍କାର ବିଜେତା ସୁଷମା ଗୋଲ୍‌ୱାକର।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ